

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୩ ଜାନୁଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 03 JANUARY 2022
Vol.No. 33 ■ No. 3 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ଅପେକ୍ଷାରେ....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଦିଲ୍ଲୀରେ ସଂକ୍ରମଣ ବଢ଼ିବା ପରେ କେଜ୍ରିୱାଲ ରାଲିକୁ ନେଇ ଚର୍ଚ୍ଚା



ନୂଆଦିଲ୍ଲୀ,୦୨/୦୧: ରାଜ୍ୟରେ ଆଲର୍ଟ ଜାରି କରି ରାଜନୈତିକ ରାଲିରେ ମାତିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ । ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀ ଏବେ କରୋନାର ହଟସ୍ପଟ ପାଲଟିଛି । ସେଥିପାଇଁ ଭିଡ ନିୟନ୍ତ୍ରଣ କରି କରୋନା ସଂକ୍ରମଣ ରୋକିବାକୁ ଏକାଧିକ କଟକଣା ଲଗାଯାଇଛି । ରାଜନୈତିକ, ସାଂସ୍କୃତିକ ଓ ସାମାଜିକ ସମାବେଶ ଉପରେ କଟକଣା ଲଗାଯାଇଛି । ହେଲେ ଖୋଦ୍ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଆଜି ଉତ୍ତରପ୍ରଦେଶରେ ରାଲି ଓ ସାଧାରଣ ସଭା କରିବାକୁ ଯାଉଛନ୍ତି । ଆଜି ଅପରାହ୍ନରେ ଲକ୍ଷ୍ନୌର ସ୍ମୃତି ଉପବନରେ ରାଲି କରିବେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ ଆଦମୀ ପାର୍ଟି ମୁଖ୍ୟ । ନଭେମ୍ବର ୨୮ରେ ହେବାକୁ ଥିବା ଏହି ରାଲି ଓ ସାଧାରଣ ସଭା ପରୀକ୍ଷା ଯୋଗୁଁ ବାତିଲ ହୋଇଥିଲା । ତେବେ ୟୁପିରେ କ୍ଷମତାକୁ ଆସିଲେ ୩୦୦ ୟୁନିଟ ଯାଏଁ ମାଗଣା ବିଜୁଳି ସହ ୧୦ ଲକ୍ଷ ଲୋକଙ୍କୁ ଚାକିରି ପ୍ରତିଶ୍ରୁତି ଦେଇଛି ଆପ୍ । ସେହିପରି ମାସିକ ୫ ହଜାର ଟଙ୍କା ବେକାରୀ ଭତ୍ତା ମଧ୍ୟ ଘୋଷଣା କରିଛି ଆମ ଆଦମୀ ପାର୍ଟି । ସୂଚନାଯୋଗ୍ୟ ଯେ, କରୋନାର ▶▶ପୃଷ୍ଠା ୭

## ଆଜିଠାରୁ ପଶ୍ଚିମବଙ୍ଗରେ ସମସ୍ତ ସ୍କୁଲ କଲେଜ ବନ୍ଦ, ୫୦ ପ୍ରତିଶତ କର୍ମଚାରୀରେ ଚାଲିବ ସରକାରୀ କାର୍ଯ୍ୟାଳୟ

କୋଲକାତା,୦୨/୦୧(ନି.ପ୍ର): ବଢ଼ୁଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ପଶ୍ଚିମବଙ୍ଗ ସରକାର କଟକଣା କଡାକଡି କରିଛନ୍ତି । ସୋମବାର ଠାରୁ ରାଜ୍ୟରେ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । କେବଳ ସେତିକି ନୁହେଁ ସରକାରୀ ଓ ଘରୋଇ କାର୍ଯ୍ୟାଳୟ ଗୁଡିକୁ ୫୦ ପ୍ରତିଶତ କର୍ମଚାରୀରେ କାମ କରିବାକୁ ଗାଇଡ ଲାଇନ ଦିଆଯାଇଛି । ସୂଚନା ମୁତାବକ ଶନିବାର ଦିନ ପଶ୍ଚିମବଙ୍ଗରେ ୪୫୧୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏହାପରେ ରାଜ୍ୟରେ ଆକ୍ଟିଭ ମାମଲା ୧୩,୩୦୦ କୁ ବୃଦ୍ଧି ପାଇଛି । ମହାରାଷ୍ଟ୍ର ଓ କେରଳରେ ପରେ କରୋନା ସଂକ୍ରମଣ ମାମଲାରେ ପଶ୍ଚିମବଙ୍ଗ ତୃତୀୟ ସ୍ଥାନରେ ରହିଛି । ରାଜ୍ୟ ସରକାର ଜାରି କରିଥିବା ନୂଆ ଗାଇଡ ଲାଇନ ମୁତାବକ ରାଜ୍ୟରେ ଆସନ୍ତାକାଲି ଠାରୁ ସିନେମା ହଲ, ଜିମ୍, ସ୍ୱିମିଂ ପୋଲ, ବ୍ୟୁଟି ପାର୍ଲର ସବୁ ସମ୍ପୂର୍ଣ୍ଣ ବନ୍ଦ ରହିବ । ସରକାରୀ ଓ ଘରୋଇ କାର୍ଯ୍ୟାଳୟଗୁଡିକ ୫୦ ପ୍ରତିଶତ କର୍ମଚାରୀରେ ଚାଲିବ । ଏହାସହ ଓମିକ୍ରନ ସଂକ୍ରମଣରେ ସବୁଠୁ ଆଗରେ ଥିବା ▶▶ପୃଷ୍ଠା ୭

## ୪ ବର୍ଷର ଛୁଆକୁ ଟାଣି ନେଲେ ୫ କୁକୁର



ଭୋପାଲ, ୦୨/୦୧ (ନି.ପ୍ର): ବୁଲା କୁକୁର କବଳରେ କୁନି ଛୁଆ। ୪ ବର୍ଷର ଛୁଆକୁ ଟାଣି ନେଲେ ୫ କୁକୁର। ରାସ୍ତା ଉପରେ ଏକୁଟିଆ ପାଇ ଛୁଆଟିକୁ ଘେରିଗଲେ ଆଉ ତାକୁ ତଳେ ପାକାଇ ଝୁଣିଗଲେ କୁକୁର। ଏଭଳି ଏକ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ମଧ୍ୟପ୍ରଦେଶର ଭୋପାଲରେ। ଯାହାର ପୂରା ଚିତ୍ର ସିସିଟିଭିରେ କଏଦ୍ ହୋଇଛି। ବୁଲା କୁକୁରଙ୍କ କବଳରୁ ଏକ ନିଶ୍ଚିତ ମୃତ୍ୟୁରୁ ବଞ୍ଚିଗଲା କୁନି ଝିଅ। ମଧ୍ୟପ୍ରଦେଶ ଭୋପାଲରେ ଗୋଟିଏ ୪ ବର୍ଷର ଝିଅ ଦୌଡ଼ି ଦୌଡି ଘରକୁ ଯାଉଥିବା ବେଳେ ହଠାତ୍ ୫ଟି ବୁଲା କୁକୁର କୁନି ଝିଅଟିକୁ ଚାରିପଟୁ ଘେରିଯାଇଥିଲେ। ପିଲାଟି ଜୀବନ ବିକଳରେ ପଳାଇବାକୁ ଚେଷ୍ଟା କରୁଥିବା ବେଳେ କୁକୁର ଗୁଡିକ ତାର ଡ୍ରେସ୍‌କୁ କାମୁଡିବାରୁ ଝିଅଟି ତଳେ ପଡିଯାଇଥିଲା। ଏହାପରେ କୁକୁର ଗୁଡିକ ତା'ର ମୁହଁ, ମୁଣ୍ଡ, ଗୋଡ, ହାତକୁ କାମୁଡ଼ି ଚାଲିଥିଲେ। ଯେତେ ଚିତ୍କାର କଲେ ମଧ ଛାଡିନଥିଲେ। କିଛି ସମୟ କାମୁଡ଼ା କାମୁଡ଼ି କରିବା ପରେ ରାସ୍ତାରେ ଯାଉଥିବା ଜଣେ ବ୍ୟକ୍ତି ଏହା ଦେଖି ବୁଲା କୁକୁରଙ୍କୁ ଟେକା ପଥର ମାଡ଼ କରିଥିଲେ। ଶେଷରେ କୁକୁର ଗୁଡିକ ସେଠାରୁ ଦୌଡି ଚାଲିଯାଇଥିଲେ। କିନ୍ତୁ ୪ ବର୍ଷର ନିଷ୍ପାପ କୁନି ଝିଅଟି ସେତେବେଳକୁ ଗୁରୁତର ହୋଇସାରିଥିଲା। ତା'ର ବିଭିନ୍ନ ଜାଗାରେ କ୍ଷତ ଚିହ୍ନ ଥିବାରୁ ମେଡିକାଲରେ ଭର୍ତ୍ତି କରାଯାଇଛି।

## କାଳିଆର ବଡ଼ଦାଣ୍ଡରେ କୋକେଇ ବୋହି ଚାଲିଲେ ୪ ଝିଅ

ପୁରୀ,୦୨/୦୧(ନି.ପ୍ର): ମା' ଶବକୁ କାନ୍ଧ ଦେଲେ ୪ ଝିଅ । ମା'ର କୋକେଇ କାନ୍ଧେଇ ବଡଦାଣ୍ଡରେ ଚାଲିଲେ ୪ ଭଉଣୀ । ନୂଆବର୍ଷରେ ପୁରୀରେ ଏପରି ଦୃଶ୍ୟ ଦେଖି ହତବାକ ହୋଇଯାଇଥିଲେ ଲୋକେ । ଜନ୍ମକଲା ଦୁଇ ପୁଅ ମାଆକୁ ପଚାରିଲେ ନାହିଁ । ତେଣୁ ଝିଅମାନେ ମା'ର କୋକେଇ କାନ୍ଧେଇ ସ୍ୱର୍ଗଦ୍ୱାରକୁ ନେଲେ ଏବଂ ସମ୍ପର୍କୀୟ ମୁଖାଗ୍ନି ଦେଲେ । ମୁହଁରେ ଥିଲା ରାମନାମ ସତ୍ୟ ହେ, ହରିନାମ ସତ୍ୟ ହେ । ଚାରି ଝିଅଙ୍କ କାନ୍ଧରେ ମା'ର ଶବ । ବଡ଼ଦାଣ୍ଡରେ ଆଗକୁ ବଢ଼ିଚାଲିଥିଲା ଶୋଭାଯାତ୍ରା । ସାମାଜିକ ବନ୍ଧନକୁ ଭାଙ୍ଗି ମା'ର ଅନ୍ତିମ ସଂସ୍କାର ପାଇଁ ଆଗେଇ ଆସିଥିଲେ ଚାରି ଝିଅ । ବଡ଼ଦାଣ୍ଡରେ ଏହି ଦୃଶ୍ୟ ଯିଏ ବି ଦେଖୁଥିଲା, ଦଣ୍ଡେ ଅଟକିଯାଉଥିଲା । ପୁରୀ ମଙ୍ଗଳା ଘାଟର ୮୧ ବର୍ଷୀୟ ଜଟି ସାହୁଙ୍କର ମୃତ୍ୟୁ ପରେ କିଏ ତାଙ୍କ ଅନ୍ତିମ ସଂସ୍କାର କରିବ, ତାକୁ ନେଇ ଉଠିଥିଲା ପ୍ରଶ୍ନବାଚୀ । କାରଣ ଜୀବିତ ଥିବା ବେଳେ ଦୁଇ ପୁଅ ତାଙ୍କ ସୁଃଖଦୁଃଖ ବୁଝୁ ନଥିଲେ । ତେଣୁ ସେମାନେ ଅନ୍ତିମ ସଂସ୍କାର ନକରିବାକୁ ଶେଷ ବେଳେ ବାରମ୍ବାର କହିଥିଲେ ଜଟି । ଫଳରେ ଏହି ଭାର ଆସିଥିଲା ୪ ଝିଅଙ୍କ କାନ୍ଧକୁ । ▶▶ପୃଷ୍ଠା ୭

## ଆଇଏଏସ ସ୍ତରରେ ଅଦଳ ବଦଳ

ଭୁବନେଶ୍ୱର,୦୨/୦୧(ନି.ପ୍ର): ରାଜ୍ୟ ସରକାର ଆଇଏଏସ୍ ସ୍ତରରେ ଅଦଳବଦଳ କରିଛନ୍ତି । ୧୦ବରିଷ୍ଠ ଆଇଏଏସଙ୍କ ବିଭାଗ ଅଦଳବଦଳ ହୋଇଛି । ଏ ନେଇ ସାଧାରଣ ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି । ବିଜ୍ଞପ୍ତି ଅନୁଯାୟୀ ରାଜ କୁମାର ଶର୍ମାଙ୍କୁ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦାୟିତ୍ୱ ଦିଆଯାଇଥିବା ବେଳେ ଓଏସ୍ଏମ୍ସିଏଲ୍‌ର ଅଧକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ । ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଂଜୀବ ଚୋପ୍ରା ହେଲେ କୃଷି ଉତ୍ପାଦନ କମିଶନର ସହିତ ଘରୋଇ ବିଭାଗ, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ଅତିରିକ୍ତ ଦାୟିତ୍ୱ ମଧ ତୁଲାଇବେ । ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ରୁପେ ବିଷ୍ଣୁପଦ ସେଠୀଙ୍କୁ ନିଯୁକ୍ତି ଦିଆଯାଇଛି । ପରିବହନ ଏବଂ ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ଦାୟିତ୍ୱ ମଧ ତୁଲାଇବେ । ସତ୍ୟବ୍ରତ ସାହୁଙ୍କୁ ରାଜସ୍ୱ ବିଭାଗର ପ୍ରମୁଖ ସଚିବ ଦାୟିତ୍ୱ ପ୍ରଦାନ କରାଯାଇଛି । ମଧୁସୂଦନ ପାଢ଼ୀଙ୍କୁ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ଦାୟିତ୍ୱ ଦିଆଯାଇଛି । ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗର ପ୍ରମୁଖ ସଚିବ ରଂଜନା ଚୋପ୍ରାଙ୍କୁ ଏମଏସଏମଇ ବିଭାଗର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି । ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମାଙ୍କୁ ଇପିକଲ୍ ଓ ଇଡ୍‌କୋ ଅଧ୍ୟକ୍ଷ ଓ ଏସ୍‌ଡିଆଣ୍ଡଟିଇ ବିଭାଗ ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । କୃଷି ସଚିବ ଏସ୍ କେ ବଶିଷ୍ଠଙ୍କୁ ସାଧାରଣ ପ୍ରଶାସନ ବିଭାଗ (ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି) ଦାୟିତ୍ୱ ଦିଆଯାଇଛି । । ଭାସ୍କର ଜ୍ୟୋତି ଶର୍ମାଙ୍କୁ ମହିଳା ଓ ଶିଶୁ ବିକାଶ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି । ବି ଏସ ପୁନିଆ ଇଡକୋର ଏମଡି ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ ବୋଲି ଜଣା ପଡିଛି ।

## ଓଡ଼ିଶାରେ ଆଜି ୨୩ ଜଣ ଓମିକ୍ରନ ଚିହ୍ନଟ



ଭୁବନେଶ୍ୱର,୦୨/୦୧(ନି.ପ୍ର): ଓଡିଶାରେ ରବିବାର ଦିନ ଗୋଟିଏ ଦିନରେ ୨୩ ଜଣ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜଣା ପଡିଛି । ଇନଷ୍ଟିଚ୍ୟୁଟ ଅଫ ଲାଇଫ ସାଇନ୍ସ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ପୂର୍ବରୁ ୧୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ଆଉ ଏହି ସଂଖ୍ୟାକୁ ମିଶାଇ ରାଜ୍ୟରେ ସମୁଦାୟ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ୩୭ରେ ପହଂଚିଛି । ଆଉ ଏମାନଙ୍କ ମଧ୍ୟରୁ ଜଣେ ସୁସ୍ଥ ହୋଇସାରିଛନ୍ତି । ଆଇଏଲଏସ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ଏହି ଚିହ୍ନଟ ଓମିକ୍ରନ ଆକ୍ରାନ୍ତଙ୍କ ମଧ୍ୟରୁ ୫୦ ପ୍ରତିଶତ ସ୍ଥାନୀୟ ସଂକ୍ରମିତ ଥିବାବେଳେ ୫୦ ପ୍ରତିଶତ ବିଦେଶୀ ଫେରନ୍ତା ଅଛନ୍ତି । ଉଲ୍ଲେଖନୀୟ ଯେ ଓଡ଼ିଶାରେ ପ୍ରଥମେ ଗତ ଡିସେମ୍ବର ୨୧ ତାରିଖ ଦିନ ଦୁଇ ଜଣ ଓମ୍ରିକନ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ ।

## ୧୫ ରୁ ୧୮ ବର୍ଷ ପିଲାଙ୍କ ଟିକାକରଣ ପାଇଁ ପ୍ରସ୍ତୁତି ଶେଷ



ଭୁବନେଶ୍ୱର, ୦୨/୦୧ (ନି.ପ୍ର): ସୋମବାର ଠାରୁ ରାଜ୍ୟରେ ୧୫ ରୁ ୧୮ ବର୍ଷ ପିଲାଙ୍କ ଟିକାକରଣ ଆରମ୍ଭ ହେବାକୁ ଯାଉଥିବା ବେଳେ ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ପର୍ଯ୍ୟାପ୍ତ ପରିମାଣର ଭ୍ୟାକ୍ସିନ ସବୁ ଜିଲ୍ଲାରେ ପହଂଚି ସାରିଛି । ସବୁ ଜିଲ୍ଲାରେ ମଧ ନିର୍ଦ୍ଦିଷ୍ଟ ଟିକା କରଣ କେନ୍ଦ୍ର ଖୋଲାଯାଇଛି । କେବଳ ୧୫ ରୁ ୧୮ ବର୍ଷ ପିଲାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ୯୩୯ ଟି ଟିକା କରଣ କେନ୍ଦ୍ର ପ୍ରସ୍ତୁତ କରାଯାଇଛି । ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଅନ୍ୟ ଯେଉଁଠି ଟିକା କରଣ ଚାଲିଛି ସେଠି ମଧ ଏହି ବର୍ଗର ପିଲାଙ୍କୁ ଟିକା ଦିଆଯିବ । ସ୍ୱତନ୍ତ୍ର ପିଲାଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ଟିକାକରଣ କେନ୍ଦ୍ରରେ ଦିନ ସାରା ଟିକାକରଣ ପ୍ରକ୍ରିୟା ଚାଲିବ । ସେ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟ ନିକଟରେ ୧୫ ଲକ୍ଷ କୋଭାକ୍ସିନ ଟିକା ମହଜୁଦ ରହିଛି । ମାସେ ମଧରେ ଆମେ ପିଲାଙ୍କ ପ୍ରଥମ ଡୋଜ ଟିକା କରଣ ଶେଷ କରିବା ପାଇଁ ଲକ୍ଷ୍ୟ ରଖା ଯାଇଥିବା ସେ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ - ଗତ ୧ ତାରିଖରୁ ଯେଉଁମାନେ ଅନ ଲାଇନ ଜରିଆରେ ପଞ୍ଜିକରଣ କରିଥିବେ ସେମାନେ ଟିକା ନେଇ ପାରିବେ । ଯେଉଁମାନେ ଅନ ଲାଇନ ପଞ୍ଜିକରଣ କରି ନାହାନ୍ତି ସେମାନେ କାଲି ଅନସ୍ପଟ ପଞ୍ଜିକରଣ କରି ଟିକା ନେଇ ପାରିବେ ବୋଲି ସେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଟିକାକରଣ ପ୍ରକ୍ରିୟାକୁ ଅଧିକ ସୁଗମ ଓ ସରଳ କରିବା ପାଇଁ ଶିକ୍ଷା ବିଭାଗ ସହ ସ୍ୱାସ୍ଥ୍ୟ ବିଭାଗ ବୈଠକରେ ଜରିଆରେ ବିସ୍ତୃତ ଆଲୋଚନା କରିଛି । ଟିକା କରଣ ସମୟରେ ଶିକ୍ଷକ ମାନେ ସହଯୋଗ କରିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶିକ୍ଷା ବିଭାଗକୁ ପରାମର୍ଶ ଦିଆଯାଇଥିବା ପସେ କହିଛନ୍ତି ।

## ପ୍ରାଥମିକ ସ୍କୁଲ ଖୋଲାଯିବା ନିଷ୍ପତ୍ତି ସାମୟିକ ଭାବେ ସ୍ଥଗିତ



ଭୁବନେଶ୍ୱର,୦୨/୦୧(ନି.ପ୍ର): ପ୍ରଥମରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଖୋଲାଯିବା ନିଷ୍ପତି ସାମୟିକ ଭାବେ ସ୍ଥଗିତ ରଖା ଯାଇଛି ବୋଲି ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ଜାରୀ କରି ସୂଚନା ଦିଆ ଯାଇଛି । ବିଜ୍ଞପ୍ତିରେ କୁହା ଯାଇଛି ଯେ ରାଜ୍ୟ ସରକାର ଚଳିତ ଶିକ୍ଷା ବର୍ଷରେ ପ୍ରଥମ ଶ୍ରେଣୀଠାରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ବିଦ୍ୟାଳୟ ପୁନଃ ଖୋଲାଯିବା ନିମନ୍ତେ ଆଦେଶ ଜାରି କରିଥିଲେ । ଏହି ଅଦେଶ ମୁତାବକ, ପାଖାପାଖି ୨୩ ହଜାର ବିଦ୍ୟାଳୟ ଆସନ୍ତା ଜାନୁଆରୀ ୩ ତାରିଖ (ସୋମବାର)ଠାରୁ ଖୋଲିବାର ବନ୍ଦୋବସ୍ତ କରାଯାଉଥିଲା ଏବଂ ବାକି ୩୦୯୩ ବିଦ୍ୟାଳୟକୁ ଜାନୁଆରୀ ୧୦ ତାରିଖ ଦିନଠାରୁ ଖୋଲିଥାନ୍ତା । ଇତି ମଧ୍ୟରେ ପଦାଧିକାରୀମାନେ ବିଭିନ୍ନ ସ୍କୁଲଗସ୍ତକରି ବିଦ୍ୟାଳୟ ସହ ଜଡ଼ିତ ବ୍ୟକ୍ତିବିଶେଷମାନଙ୍କ ସହିତ ଆଲୋଚନା କରିଛନ୍ତି । ସାଂପ୍ରତିକ ସ୍ୱାସ୍ଥ୍ୟଜନିତ ପରିସ୍ଥିତି, ବିଶେଷ ଭାବରେ ବିଗତ ଦୁଇଦିନ ମଧ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ଏବଂ ଇତି ମଧ୍ୟରେ ବିଭିନ୍ନ ଉଚ୍ଚ ପଦାଧିକାରୀମାନଙ୍କ ରିପୋର୍ଟକୁ ନେଇ ପିଲାମାନଙ୍କ ବୃହତର ସ୍ୱାସ୍ଥ୍ୟଗତ ହିତକୁ ଧ୍ୟାନରେ ରଖି ରାଜ୍ୟ ସରକାର ପ୍ରଥମ ଶ୍ରେଣୀଠାରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଖୋଲାଯିବା ନିଷ୍ପତିକୁ ସାମୟିକ ଭାବେ ସ୍ଥଗିତ ରଖିଛନ୍ତି । କିନ୍ତୁ ଷଷ୍ଠ ଶ୍ରେଣୀଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ଯଥାବିଧି ଜାରି ରହିବ । ଆସନ୍ତା ଜାନୁଆରୀ ୫ରୁ ୮ ତାରିଖ ପର୍ଯ୍ୟନ୍ତ ୧୦ମ ଶ୍ରେଣୀର ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ସମେଟିଭ-୧ ପରୀକ୍ଷା ପୂର୍ବନିର୍ଦ୍ଧାରିତ ସୂଚୀ ଅନୁଯାୟୀ ସାମାଜିକ ଦୂରତା ଅବଲମ୍ବନ କରାଯାଇ ଯଥାବିଧି ଚାଲୁରହିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶ ।

## ୧୩ ଲକ୍ଷ ଟଙ୍କାର ଜାଲ୍ ନୋଟ୍ ଜବତ



ଯାଜପୁର, ୦୨/୦୧ (ନି.ପ୍ର): ଯାଜପୁର ଟାଉନ ଥାନା ଅନ୍ତର୍ଗତ ସନ୍ଥ ମାଧବ ଗାଁରେ ଏକ ଘରୁ ୧୩ ଲକ୍ଷ ଟଙ୍କାର ଜାଲ୍ ନୋଟ୍ ଜବତ ହୋଇଛି। ଏହି ଘଟଣାରେ ଜଣଙ୍କୁ ପୁଲିସ୍ ଗିରଫ କରିଛି। ଅଭିଯୁକ୍ତ ନାଁ ଚନ୍ଦ୍ରମଣି ବଳ। ତା' ଘର ମଙ୍ଗଳପୁର ଥାନା କାଟିଆ ଅଞ୍ଚଳରେ। ସେ ଯାଜପୁର ଟାଉନ ଥାନା ଅନ୍ତର୍ଗତ ସନ୍ଥ ମାଧବ ଅଞ୍ଚଳରେ ଏକ ଭଡ଼ା ଘରେ ରହି ଜାଲ୍ ନୋଟ୍ କାରବାର ଚଳାଇ ଆସୁଥିଲା। ଏହି ନୋଟକୁ ସେ ବିଶାଖାପଟନମ ଓ ବିଜୟନଗରମ ଆଦି ସ୍ଥାନକୁ ପଠାଉଥିଲା। ପୂର୍ବରୁ ବି ସେ ଏହି ଜାଲ ନୋଟ୍ କାରବାରରେ ଗିରଫ ହୋଇଥିଲା। ଗତକାଲି ବିଳମ୍ବିତ ରାତିରେ ଟାଉନ୍ ଥାନା ପୁଲିସ୍ ସନ୍ଥ ମାଧବ ଗାଁରେ ଚଢ଼ାଉ କରିଥିଲା। ଏହି ସମୟରେ ଅଭିଯୁକ୍ତ ପାଖରୁ ୧୩ ଲକ୍ଷ ୧୭ ହଜାର ୫୦୦ ଟଙ୍କା ଜବତ କରିଥିଲା। ସେଥିମଧ୍ୟରେ ୫୦୦ ଟଙ୍କିଆ, ୨୦୦ ଟଙ୍କିଆ ଓ ୧୦୦ ଟଙ୍କିଆ ନକଲି ନୋଟ୍ ରହିଛି। ଅଭିଯୁକ୍ତ ପାଖରୁ ନକଲି ନୋଟ୍ ସହିତ ଲ୍ୟାପ୍‌ଟପ୍, କାଗଜ ଓ ସ୍କାନ୍ ମେସିନ୍ ଆଦି ଜବତ କରାଯାଇଛି। ତାର ସହଯୋଗୀଙ୍କ ସଂପର୍କରେ ଜାଣିବା ପାଇଁ ତଥା ଅଧିକ ତଥ୍ୟ ପାଇଁ ଅଭିଯୁକ୍ତକୁ ରିମାଣ୍ଡରେ ଅଣାଯିବ ବୋଲି ଯାଜପୁର ଏସ୍‌ଡିପିଓ ସରୋଜ ଉପାଧ୍ୟାୟ ସୂଚନା ଦେଇଛନ୍ତି।

## ଓମ୍ରିକନ ଅଧିକ ସଂକ୍ରାମକ: ଆରଏମଆରସି ନିର୍ଦ୍ଦେଶିକା

ଭୁବନେଶ୍ୱର, ୦୨/୦୧ (ନି.ପ୍ର): ଓମ୍ରିକନ ଅଧିକ ସଂକ୍ରାମକ ବୋଲି କହିଛନ୍ତି ଆରଏମଆରସିର ନିର୍ଦ୍ଦେଶିକା ଡ ସଂଘମିତ୍ରା ପତି କହିଛନ୍ତି । ଓମିକ୍ରମ ସମ୍ପର୍କରେ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ ଏହା ଅଧିକ ସଂକ୍ରାମକ । ହେଲେ ଏହାର ସିଭିୟରିଟିକୁ ନେଇ ତଥ୍ୟ ଉପଲବ୍ଧ ନ ଥିବା ସେ ପ୍ରକାଶ କରିଛନ୍ତି । ସଚେତନତା ଓ ସାବଧାନତା ହିଁ ଏଥିରୁ ବଂଚିବାର ଏକ ମାତ୍ର ଉପାୟ ବୋଲି ସେ କହିଛନ୍ତି ।


## ଏକ ବିଶେଷ ସୂଚନା

ସଂପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଦ୍ରଣ ସାମଗ୍ରୀର ଅହେତୁକ ଦରବୃଦ୍ଧି ଓ ବିଜ୍ଞାପନ ନୀତିରେ ପରିବର୍ତ୍ତନ ଆସିଥିବାରୁ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂକଟ ମଧ ଦେଇ ଗତି କରୁଛନ୍ତି । ଏହି ସମୟରେ ଆମ ସମ୍ବାଦପତ୍ର ସହ ଜଡ଼ିତ ଥିବା ଲେଖକ, ଲେଖିକା/ ପାଠକ, ପାଠିକା ଓ ଶୁଭେଚ୍ଛୁମାନଙ୍କୁ ସବିନୟ ଅନୁରୋଧ କରୁଅଛୁକି, ଏହି ସମ୍ବାଦପତ୍ରର ବାର୍ଷିକ ଗ୍ରାହକଟିଏ ହୋଇ (ଡାକ ଖର୍ଚ୍ଚ ସହ)ବର୍ଷକୁ ମାତ୍ର ଟ. ୧୦୦୦/- ପୈଠ କରି ସମ୍ବାଦପତ୍ର ପ୍ରକାଶନରେ ସହଯୋଗ କରନ୍ତୁ ।

Google pay ନମ୍ବର
(୯୩୩୭୭୩୭୦୫୩)
SBI Bank- 30952449813
IFSC code- SBIN0006933

ପରିଚାଳନା ସଂପାଦକ
ଧ୍ୱନିପ୍ରତିଧ୍ୱନି

# ପୋକ୍ସୋ ଆଇନର ସଦୁପଯୋଗ ଓ ଅପବ୍ୟବହାର ସମ୍ପର୍କିତ ଆଲୋଚନାଚକ୍ର

କନ୍ଧମାଳ,୨/୧ (ନି.ପ୍ର): ପୋକ୍ସୋ ଏବଂ ଦୁଷ୍କର୍ମ ଆଇନର ଅପବ୍ୟବହାର ଓ ସଦୁପଯୋଗ ସମ୍ପର୍କରେ ପ୍ରେସ କ୍ଲବ ଠାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ମିଳିତ ନାଗରିକ କମିଟି କନ୍ଧମାଳ ପକ୍ଷରୁ ସଭାପତି ଡଃ. ଅରୁପ କୁମାର ଜେନାଙ୍କ ପୌରୋହିତ୍ୟରେ ପ୍ରେସ କ୍ଲବ ଫୁଲବାଣୀ ଠାରେ ପୋସ୍କୋ ଏବଂ ଦୁଷ୍କର୍ମ ଆଇନର ଅପବ୍ୟବହାର ଓ ସଦୁପଯୋଗ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି ।କନ୍ଧମାଳ ଜିଲ୍ଲାରେ ଦିନକୁ ଦିନ ଦୁଷ୍କର୍ମ ଏବଂ ନାବାଳିକା ଦୁଷ୍କର୍ମ ସଂଖ୍ୟା ବୃଦ୍ଧି ପାଉଥିବାରୁ ଜିଲାର ବୁଦ୍ଧିଜୀବୀ ମାନଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ହୋଇଛି । ଏପରି ପରିସ୍ଥିତିରେ ଆଇନ ଅପବ୍ୟବହାର ହୋଇଥିବା ଖବର ଦୃଷ୍ଟି ଗୋଚର ହେବାରୁ ସେ ସଂକ୍ରାନ୍ତରେ ଜିଲାର ଆଇନଜୀବୀ ଓ ଅବସରପ୍ରାପ୍ତ ପୋଲିସ ଅଧିକାରୀ, ସାମାଜିକ କର୍ମୀ ଓ ବୁଦ୍ଧିଜୀବୀ ମାନଙ୍କୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ବିଶେଷ କରି ପୋଲିସର ସଠିକ ନିରପେକ୍ଷ ତଦନ୍ତ ଓ ସୁପରଭିଜନ କରାଯିବା ଉପରେ କେସର ଦଣ୍ଡବିଧାନ ନିର୍ଭର କରେ ବୋଲି ମତ ପ୍ରକାଶ ପାଇଛି । ସେହିପରି କେସ୍ ର ପୀଡିତାଙ୍କ ବୟାନ ବଦଳାଯିବା ସମ୍ପର୍କରେ ଭିନ୍ନ ଭିନ୍ନ ମତ ଦେଇଥିଲେ । କେଉଁଠି ଗ୍ରାମ ସ୍ତରରେ ଆପୋଷ ବୁଝାମଣା, ଆର୍ଥିକ ପ୍ରଲୋଭନ ତ ଅନ୍ୟ କେଉଁଠି ଧମକ ଓ ଚାପ ସୃଷ୍ଟି କରି ଆଇନର ସତକୁ ମିଛରେ ପରିଣତ କରି ନ୍ୟାୟ ବ୍ୟବସ୍ଥାକୁ ଉପହାସ କରିଯାଉଛି । ଫଳରେ ସମାଜରେ ଏହାର କୁପ୍ରଭାବ ପଡୁଛି । ନ୍ୟାୟ ବ୍ୟବସ୍ଥାରେ ଉଭୟ ପୀଡିତା ଏବଂ ଅଭିଯୁକ୍ତ ନ୍ୟାୟ ସମାନ ଭାବେ ପାଇବା ଆବଶ୍ୟକ । ଓଡିଶା ପୋକ୍ସୋ କେସରେ ଦେଶରେ ପଚଂମ ସ୍ଥାନରେ ଥିବାବେଳେ ସାମୁହିକ ଦୁଷ୍କର୍ମରେ ଦେଶରେ ଦୁଇ ନମ୍ବରରେ ରହିଛି । ସରକାର ଏହା ଉପରେ ଗୁରୁତର ସହ ପଦକ୍ଷେପ ନେବା ଆବଶ୍ୟକ । ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଭଳି ମନେ ହେଉଛି । କୋର୍ଟରେ ଦଣ୍ଡବିଧାନ ହାର ବହୁତ କମ୍ ରହୁଥିବାରୁ ପୋଲିସ ଓ ନ୍ୟାୟିକ ବ୍ୟବସ୍ଥା ଉପରେ ଜନସାଧାରଣଙ୍କର ଭରସା ରହୁନାହିଁ । କିମ୍ବା ପୀଡିତା ଅନେକ କ୍ଷେତ୍ରରେ ନ୍ୟାୟ ବ୍ୟବସ୍ଥା ଓ ପୋଲିସର ନିରପେକ୍ଷତା ଉପରେ ଭରସା କରିନପାରି ଚାପ ବା ପ୍ରଲୋଭନ ବା ଧମକର ବଶବର୍ତୀ ହୋଇ ନିଜ ବୟାନରୁ ଓହରିବାକୁ ବାଧ ହେଉଛି । ଆଉ କେତେକ କ୍ଷେତ୍ରରେ ସହାୟତା ରାଶି ପାଇଁ ଇଜ୍ଜତ ଉପରେ ବାଜି ଲଗାଇ ଗ୍ରାମ ସ୍ତରରେ ଆପୋଷ ସମାଧାନ କରି ବକ୍ତବ୍ୟରୁ ଓହରିବା ଫଳରେ ସମାଜ ଉପରେ ଏହାର କୁପ୍ରଭାବ ପଡୁଛି । ଦେଶର ରାଜସ୍ୱ ଅର୍ଥ ବରବାଦ ହେବାସହ କୋର୍ଟର ବହୁମୂଲ୍ୟ ସମୟ, ପୋଲିସର ପ୍ରଚେଷ୍ଟା, ସରକାରୀ ଆଇନଜୀବୀଙ୍କ ଉଦ୍ୟମର କୌଣସି ମୂଲ୍ୟ ନ ବୁଝି ପାରି ଆଇନ ସହ ଖେଳୁଥିବା କେତେକ କ୍ଷେତ୍ରରେ ଦେଖିବାକୁ ମିଳୁଛି । ତେଣୁ ମାମଲାର ଗୁରୁତ୍ୱକୁ ଉପଲବ୍ଧି କରି କେତେକ କ୍ଷେତ୍ରରେ ବୟାନରୁ ଓହରିଯାଉଥିବା ପୀଡିତାଙ୍କ ଉପରେ ଧାରା ୧୯୩ ରେ ମାମଲା ରୁଜୁ କରିବାକୁ ନ୍ୟାୟାଧିଶ ନିର୍ଦ୍ଦେଶ ଦେଉଥିବା ଦେଖାଯାଏ । ଯାହା ଫଳରେ ମିଥ୍ୟା ମାମଲା କିମ୍ବା ପ୍ରଲୋଭନରେ ମାମଲା କରିବାକୁ କେହି ସାହସ କରିବେ ନାହିଁ । ଅନ୍ୟପକ୍ଷରେ ଚାପଗ୍ରସ୍ତ ବା ଧମକର ବଶବର୍ତୀ ହୋଇ ବୟାନ ବଦଳାଉଥିବା କ୍ଷେତ୍ରରେ ନ୍ୟାୟାଳୟର ଅଧିକ ଅନୁଶୀଳନ ହେବା ଆବଶ୍ୟକ । ତାସହିତ ପୋଲିସ ନିଷ୍ଠା ଓ ନିରପେକ୍ଷତାର ସହ ପୀଡ଼ିତାଙ୍କ ବିଶ୍ୱାସ ଭାଜନ ହୋଇ ତଦନ୍ତକରି ରିପୋର୍ଟ ପ୍ରଦାନ କଲେ ଆଇନର ସୁଫଳ ସମସ୍ତେ ପାଇ ପାରିବେ ବୋଲି ସିଦ୍ଧାନ୍ତରେ ପହଂଚି ଥିଲେ । ପୀଡିତାଙ୍କ ମନୋବଳ ବୃଦ୍ଧି ପାଇଁ ସଠିକ ମାର୍ଗ ଦର୍ଶନ କରି କାଉନସେଲିଂ କରିବା ଆବଶ୍ୟକ । ଏ ଦିଗରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀ ନୀତିନିଷ୍ଠ ହୋଇ ନିରପେକ୍ଷ ଓ ସଚ୍ଚୋଟତାର ସହ କାର୍ଯ୍ୟ କଲେ ନ୍ୟାୟ ବ୍ୟବସ୍ଥାର ଗାରିମା ବୃଦ୍ଧି ପାଇବ ଓ ସମାଜରୁ ବ୍ୟଭିଚାର ନିୟନ୍ତ୍ରିତ ହୋଇପାରିବ । ଆବାହକ ଅଶୋକ ପରିଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଆଇନଜୀବୀ ରବିନ୍ଦ୍ର ନାଥ ମିଶ୍ର, ବିଜୟ ମହାନ୍ତି, ପ୍ରତାପ ପାତ୍ର, ବିଜୟକୃଷ୍ଣ ପଟନାୟକ, ହରିଶ୍ଚନ୍ଦ୍ର ମହାରଣା ଭଗବାନ ମହାନ୍ତି, ନନ୍ଦିତା କୁମାରୀ କଳ୍ପନା ମହାନ୍ତି, ନବୀନ କିଶୋର ପଣ୍ଡା ଅଧାପକ ଦୁଷ୍ମନ୍ତ ମାର୍ଥା, ନାରାୟଣ ସାହୁ, ବ୍ରଜ ପଟ୍ଟନାୟକ, ପ୍ରଶାନ୍ତ ପ୍ରଧାନ, ଦୁର୍ବାସା ସେଠୀ, ମନୋଜ ଚୌଧୁରୀ, ସାମ୍ବାଦିକ ସନ୍ତୋଷ ଦିଗାଲ, ପ୍ରଶାନ୍ତ କୁମାର ବେହେରା, ଆଇନଜୀବି ବଂଶୀଧର ମହାପାତ୍ର, କୁନ୍ଦନ ସିଂ, କାହ୍ନୁ ଶତପଥୀ ପଦ୍ମ ଚରଣ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।

## ନୂତନ ବର୍ଷରେ ବିଧାୟକଙ୍କ ମନ୍ଦିର ଦର୍ଶନ ଓ ମାକ୍ସ ବଣ୍ଟନ

କେନ୍ଦ୍ରାପଡ଼ା,୨/୧ (ନି.ପ୍ର): ଇଂରାଜୀ ନୂତନ ବର୍ଷ ୨୦୨୨ ର ପ୍ରଥମ ଦିନ ସକାଳେ କେନ୍ଦ୍ରାପଡାର ଆରାଧ ଦେବ ଶ୍ରୀ ବଳଦେବଜୀୟୁଙ୍କ ଦର୍ଶନ କରି ବିଧାୟକ ଶ୍ରୀ ଶଶି ଭୂଷଣ ବେହେରା ମନ୍ଦିର ପରିସରରେ କିଛି ସମୟ ଅତିବାହିତ କରିଥିଲେ । ଏହି ଅବସରରେ ଜିଲ୍ଲା ତଥା ନିର୍ବାଚନ ମଣ୍ଡଳୀର ସମସ୍ତ ଭାଇ ଭଉଣୀ ମାନଙ୍କ ସୁଖ, ସମୃଦ୍ଧି ଓ ଆରୋଗ୍ୟ କାମନା କରିବା ସହ ଜିଲ୍ଲାର ବିକାଶ ପଥରେ ନିଆ ଯାଉଥିବା ପଦକ୍ଷେପ ଗୁଡିକର ର୍ନିବିଘ୍ନ ପରିସମାପ୍ତି ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଏହା ସହ ଦର୍ଶନ ପାଇଁ ଆସିଥିବା ଅନ୍ୟ ଶ୍ରଦ୍ଧାଳୁ ମାନଙ୍କୁ ମାକ୍ସ ବଣ୍ଟନ କରି ଯଥା ସମ୍ଭବ ଶାରିରୀକ ଦୂରତା ରକ୍ଷାକରି କରୋନା ପ୍ରତି ସତର୍କ ରହିବା ପାଇଁ ନିବେଦନ କରିଥିଲେ ।

# ଝାରସୁଗୁଡ଼ା ଜିଲ୍ଲାର ପ୍ରତିଷ୍ଠା ଦିବସରେ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ କିଶୋର ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି

ଝାରସୁଗୁଡା,୨/୧ (ନି.ପ୍ର): ଆଜି ଝାରସୁଗୁଡ଼ା ଜିଲ୍ଲାର ପ୍ରତିଷ୍ଠା ଦିବସ ଅବସରରେ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ଜିଲ୍ଲା ଖଣିଜ ପାଣ୍ଠି ସଭା କକ୍ଷରେ ସ୍ୱର୍ଗୀୟ କିଶୋର ମହାନ୍ତିଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଏହି ଶ୍ରଦ୍ଧାଞ୍ଜଳି ସଭା ରେ ଜିଲ୍ଲାପାଳ ସରୋଜ ସାମଲ ସଭାପତିତ୍ୱ କରିଥିବାବେଳେ ତାପସ ରାୟ ଚୌଧୁରୀ ସଂଚାଳନ କରିଥିଲେ । ପ୍ରଥମେ ସ୍ୱର୍ଗୀୟ କିଶୋର ମହାନ୍ତି ଙ୍କ ଫଟୋ ଚିତ୍ର ରେ ଦୀପ ଧୂପ ଓ ପୁଷ୍ପ ଅର୍ପଣ କରି ୨ ମିନିଟ ନିରବ ପାର୍ଥନା କରାଯାଇଥିଲା । ଉପସ୍ଥିତ ବକ୍ତା ମାନେ ସ୍ୱର୍ଗୀୟ କିଶୋର ମହାନ୍ତିଙ୍କ ସୃତିଚାରଣ କରିଥିଲେ । ୧୯୯୪ରେ ଜିଲ୍ଲା ଗଠନ ହୋଇଥିଲା । ଏହାର ମୁଖ୍ୟ ଜନନାୟକ ଥିଲେ ସ୍ୱର୍ଗତ କିଶୋର ମହାନ୍ତି ।ତାଙ୍କ ପ୍ରଚେଷ୍ଟା ଏବଂ ଜିଲ୍ଲାବାସୀଙ୍କ ସହାୟତା ବଳରେ ଝାରସୁଗୁଡ଼ାକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲେ କିଶୋର । ଜିଲ୍ଲାର ପ୍ରଥମ ବିଧାୟକ ଭାବେ ମଧ କୃତିତ୍ୱ ଅର୍ଜନ କରିଥିଲେ । ଝାରସୁଗୁଡ଼ାରୁ ୩ଥର ଓ ବ୍ରଜରାଜନଗର ରୁ ଥରେ ବିଧାୟକ ଏବଂ ବାଚସ୍ପତି ଭଳି ପଦବୀ ପ୍ରାପ୍ତ କରି ଜିଲ୍ଲାର ଗୌରବ ସାଜିଥିଲେ । ଝାରସୁଗୁଡ଼ାର ବିକାଶ କ୍ଷେତ୍ରରେ ମଧ ତାଙ୍କର ଅତୁଳନୀୟ ଭୂମିକା ରହିଛି । ଝାରସୁଗୁଡ଼ା କୁ ଶିଳ୍ପ ସମୃଦ୍ଧ କରି ରାଜ୍ୟ, ତଥା ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲେ । କିଶୋରଙ୍କ ବିୟୋଗ କେବଳ ରାଜନୀତିକ ନୁହେଁ ସାମଜିକ କ୍ଷତି ।ଝାରସୁଗୁଡା ଜିଲ୍ଲା ଗଠନ, ଝାରସୁଗୁଡା ଜିଲ୍ଲାର ବିକାଶ ତଥା ଉନ୍ନତିରେ କିଶୋରଙ୍କ ଭୂମିକା ଅବିସ୍ମରଣୀୟ ।କିଶୋର ଇହଧାମ ତ୍ୟାଗ କରିଥିଲେ ହେଁ ଝାରସୁଗୁଡାର କଳା, ସଂସ୍କୃତି, ପ୍ରକୃତି ଓ ଉନ୍ନତିରେ ସବୁଦିନ ରହିବେ ବୋଲି ବକ୍ତା ମାନେ କହିଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭା ରେ ଅତିରିକ୍ତ ଜିଲ୍ଲାପାଳ ପ୍ରବୀର କୁମାର ନାଏକ , ଲଙ୍କେଶ୍ୱର ଅମାତ, ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝୀ, ଉପଜିଲ୍ଲାପାଳ ଶିବ ଟପୋ ମଞ୍ଚାସିନ ଥିଲେ । ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସହିତ ଟହଲୁ ସାହୁ ,ଗୋକୁଳ ପଟେଲ, ବିଜୟ ବେହେରା,ସନ୍ଦୀପ ଅବସ୍ଥି,ହରିସ ଗଣତ୍ରା, ମନୋରଞ୍ଜନ ମହାପାତ୍ର, ସୁରଙ୍ଗ ପ୍ରଧାନ, ମନ୍ଦାକିନି ଶତପଥୀ,ପ୍ରଣତି ପଟ୍ଟନାୟକ ପ୍ରଭୃତି ସୃତିଚାରଣ କରିଥିଲେ । ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସହିତ ମେହବୁ ମହତାବ, ଜୀବନ ମହାନ୍ତି,ନରେନ୍ଦ୍ର ପଣ୍ଡା,ପିଣ୍ଟୁ ପାଢ଼ୀ, ପ୍ରଶାନ୍ତ ନନ୍ଦ ,ପ୍ରଶାନ୍ତ ଜେନା , ଅରବିନ୍ଦ ବାରିକ , ରାଜେଶ ପାଢ଼ୀ, ଜୟପ୍ରକାଶ କୁଅଁର, ତୁଳସୀ ଦାସ ପ୍ରଭୃତି ଉପସ୍ଥିତ ଥିଲେ । ସଭା ଶେଷରେ ଡ଼େପୁଟି କଲେକ୍ଟର ଯୋଗେନ୍ଦ୍ର ମାଝୀ ଧନ୍ୟବାଦ ଦେଇ ସଭାକାର୍ଯ୍ୟ ସାଙ୍ଗ କରିଥିଲେ ।

# ଜିଲ୍ଲା କାର୍ଯ୍ୟାଳୟ ଷ୍ଟାଫ କମିଟିର ନୂତନ କର୍ମକର୍ତ୍ତା ଚୟନ

କେନ୍ଦ୍ରାପଡ଼ା,୨/୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟରେ କର୍ମରତ ଷ୍ଟାଫ କମିଟିର ନୂତନ କର୍ମକର୍ତା ଚୟନ କରାଯାଇଛି । କମିଟି ସଭାଗୃହରେ ଏକ ଜରୁରୀ ବୈଠକ ଡକାଯାଇ ନୂତନ କର୍ମକର୍ତା ଚୟନ କରାଯାଇ ଥିଲା । ବରିଷ୍ଠ ରାଜସ୍ୱ ସହାୟକ ଦିବାକର ମହାନ୍ତି ନୂତନ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ପ୍ରସନ୍ନ କୁମାର ମାହନ୍ତି ଉପ ସଭାପତି, ଶୈଳେନ୍ଦ୍ର ନାରାୟଣ ପ୍ରଧାନ ସାଧାରଣ ସଂପାଦକ, ପ୍ରଦୀପ କୁମାର ଦାସ ସହ ସାଧାରଣ ସଂପାଦକ, ଦିବ୍ୟ ରଞ୍ଜନ ବେହେରା ସଂଗଠନ ସଂପାଦକ, ସୁକାନ୍ତ କୁମାର ଜେନା ସଂପାଦକ-ଅର୍ଥ,ଉମେଶ ଚନ୍ଦ୍ର ବେହେରା ସହ ସଂପାଦକ -ଅର୍ଥ, ରୁଦ୍ର ପ୍ରସାଦ ସାହୁ ସାଂସ୍କୃତିକ ସଂପାଦକ, ଦିଲିପ କୁମାର ଖଟୁଆ କ୍ରୀଡା ସଂପାଦକ , ବୃନ୍ଦାବନ ସାହୁ କ୍ଷେତ୍ର ରକ୍ଷକ ସଂପାଦକ ଭାବେ ମନୋନିତ୍ୱ ହୋଇଥିବା ଜଣାପଡିଛି ।

## ନବ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଉଦ୍‌ଯାପିତ

ନୂଆପଡ଼ା,୨/୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ହାତିବନ୍ଧା ଠାରେ ଅନୁଷ୍ଠିତ ନବ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଉଦଯାପିତ ହୋଇଯାଇଛି । ଗାୟତ୍ରୀ ପ୍ରଜ୍ଞା ପୀଠ ହାତିବନ୍ଧା ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଯଜ୍ଞରେ ବିଶ୍ୱଶାନ୍ତି ତଥା ବର୍ତମାନର ସଙ୍କଟ ନିବାରଣ ପାଇଁ ୨୪ଲକ୍ଷ ମହାପୁରୁସ୍ମରଣ ସାଧନ କାର୍ଯ୍ୟକ୍ରମ ର ଆୟୋଜନ କରାଯାଇଥିଲା । ଏହି ଅବସରରେ ଗତ ୨୪ ତାରିଖ ଦିନ ସନ୍ଧ୍ୟାରେ ସଂକଳ୍ପ ଓ ୨୪ ଲକ୍ଷ ମହାପୂର୍ଣ୍ଣାହୁତି କରାଯାଇଥିବା ବେଳେ ୨୫ ତାରିଖ ଦିନ ଜପ ଆରମ୍ଭ କରି ଅପରାହ୍ଣ ୩ଟା ରେ ପୂର୍ଣ୍ଣଆହୁତି ହୋଇଥିଲା । ସେହିପରି ୩୦ ତାରିଖ ଦିନ ଗାୟତ୍ରୀ ପରିଜନ ଓ ଗ୍ରାମବାସୀ ମାନଙ୍କୁ ନେଇ ଗ୍ରାମ୍ୟ ପରିକ୍ରମା କରାଯାଇଥିଲା । ପରେ ଗତ କାଲି ପ୍ରାତଃ ରୁ ଯଜ୍ଞ ଆରମ୍ଭ କରି ପ୍ରତ୍ୟେକ ପାଳିରେ ୨୪ ଲକ୍ଷ ଜପର ପୂର୍ଣ୍ଣଆହୁତି କରାଯାଇଥି । ଏହି ନବ କୁଣ୍ଡିୟ ଯଜ୍ଞ କାର୍ଯ୍ୟକ୍ରମ ରେ ୬୩ ଟି ମୁଣ୍ଡନ ସଂସ୍କାର, ୧୭ ଗୋଟି କୁମାରୀ ବ୍ରତ ସଂସ୍କାର, ବିଦ୍ୟାରମ୍ଭ ଗୋଟିଏ, ଗୁରୁଦିକ୍ଷ୍ୟା ୪ ଟି ,ପୁଂସବନ ସଂସ୍କାର ଗୋଟିଏ କରାଯାଇଥିଲା । ଶାନ୍ତିକୁଞ୍ଜ ହରିଦ୍ୱାର ର ରଷିପୁତ୍ର ଟୋଲି ନାୟକ ଶ୍ରୀଯୁକ୍ତ ଶେଷଦେବ ବଢ଼େଇ ଏବଂ ସହଯୋଗୀ ଉପସ୍ଥିତ ଥିଲେ ।

# ରକ୍ତକର୍କଟ ରୋଗରେ ପୀଡିତ ୬ ବର୍ଷର ବାଳକ ନାଣ୍ଟୁ: ଚିକିତ୍ସାରେ ଅର୍ଥ ସାଜିଛି ବାଧକ

କଣାସ,୨/୧ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକ ଗଡବଡପୁଟ ଗ୍ରାମପଚାଂୟତ ବୀରକେଶରପୁର ଗ୍ରାମର ଉଚ୍ଛବ ସ୍ୱାଇଁଙ୍କ ଗୋଟିଏ ପୁତ୍ର ଓ ଦୁଇଟି କନ୍ୟାସନ୍ତାନ ଅଛନ୍ତି । ପୁତ୍ର ସତ୍ୟନାରାୟଣଙ୍କୁ ବହୁ ପୂଜା ଓ ବ୍ରତ କରି ପାଇ ପରିବାର ହସଖୁସିରେ ଚାଲିଥିବା ବେଳେ ୨୦୧୯ମସିହା ପ୍ରାରମ୍ଭରେ ତାଙ୍କ ବେକପାଖରେ ସୃଷ୍ଟି ହୋଇଥିବା ଏକ ଛୋଟ ଆବୁର ଚିକିତ୍ସା ପାଇଁ ପୁରୀ, ଖୋର୍ଦ୍ଧା, ଭୁବନେଶ୍ୱର ତଥା କଟକ ଶିଶୁଭବନରେ ଚିକିତ୍ସା କରି ନୟାନ୍ତ ହୋଇପଡିଥିବା ଉଚ୍ଛବ ଅଗଷ୍ଟ ୨୦୧୯ରେ ଆଚାର୍ଯ୍ୟ ହରିହର କର୍କଟ ଚିକିତ୍ସା କେନ୍ଦ୍ର କଟକରୁ ଜାଣିବାକୁ ପାଇଲେ ଯେ ପୁଅ ନାଣ୍ଟୁ କର୍କଟ ରୋଗରେ ପୀଡିତ । ଦିନମଜୁରୀ ଭାବେ କାର୍ଯ୍ୟକରି ବୁଢାବାପାମାନଙ୍କ ସହିତ ୭ପ୍ରାଣିର ସଂସାର ଉପରେ ପଡିଯାଇଥିଲା ବଜ୍ରପ୍ରହାର । ପରବର୍ତୀ ଅବସ୍ଥାରେ ବିଭିନ୍ନ ପରୀକ୍ଷାନିରୀକ୍ଷା ପରେ ୬ବର୍ଷର ବାଳକ ନାଣ୍ଟୁକୁ ରକ୍ତକର୍କଟ ହୋଇଥିବା ଜଣାପଡିବା ପରେ ଉଚ୍ଛବର ଜେଜେବାପା ଘରର ଛାତରୁ ଖସିପଡି ପ୍ରାଣ ହରାଇଥିଲେ । ଭାଗଚାଷୀ ଓ ଦିନମଜୁରୀଆ ଭାବେ କାର୍ଯ୍ୟ କରୁଥିବା ଉଚ୍ଛବ ଦୀର୍ଘ ଦୁଇବର୍ଷ ହେଲା ଜମିବାଡି ଘରର କଂସାବାସନ ଅନ୍ୟାନ୍ୟ ଆସବାସପତ୍ର ଓ ପାଖପଡୋଶୀଙ୍କ ଠାରୁ କରଜକରି ପ୍ରାୟ ୧୫ ଲକ୍ଷ ଟଙ୍କା ଖର୍ଚ୍ଚକରି ପୁତ୍ରର ଆରୋଗ୍ୟ ପାଇଁ ଅହରହ ସଂଗ୍ରାମ ଜାରି ରଖିଥିବା ବେଳେ ନାଣ୍ଟୁର ମାଆ ଡଲି ପୁଅ ଆରୋଗ୍ୟ ପାଇଁ ନିଜକୁ ଓ ପୁଅକୁ ସର୍ମପି ଦେଇଛନ୍ତି ଈଶ୍ୱରଙ୍କ ପାଖରେ । ପୁଅର ଚିକିତ୍ସା ପାଇଁ ଆଜି ନିସ୍ୱହୋଇ ପଡିଥିବା ଉଚ୍ଛବ ଓ ଡଲି ତାକୁ ବଂଚାଇ ରଖିବା ପାଇଁ ହାତ ଯୋଡି ଲୋତକଭରା ଆଖି ଓ କୋହଭରା କଣ୍ଠରେ ବୁଦ୍ଧିଜୀବି, ସ୍ୱେଚ୍ଛାସେବୀ ସଂଗଠନ, ପ୍ରଶାସନ ଓ ବ୍ୟକ୍ତିବିଶେଷଙ୍କୁ ଅନୁରୋଧ କରିଛନ୍ତି । ସରକାରୀ ଭାବେ ମାତ୍ର ୨୫ ହଜାର ଟଙ୍କା ଚିକିତ୍ସା ସହାୟତା ଜିଲ୍ଲାପାଳ ପୁରୀଙ୍କ ତରଫରୁ କଣାସ ତହସିଲଦାରଙ୍କ ପକ୍ଷରୁ ଉଚ୍ଛବକୁ ପ୍ରଦାନ କରାଯାଇଥିବା ବେଳେ ରକ୍ତ କର୍କଟ ଭଳିଏକ ଦୂରାରୋଗ୍ୟ ବ୍ୟାଧିର ଚିକିତ୍ସା ପାଇଁ ଏହି ରାଶୀ ସମୁଦ୍ରକୁ ଶଙ୍ଖେ । ରାଜ୍ୟ ସରକାରଙ୍କ ପ୍ରଦତ ସ୍ୱାସ୍ଥ୍ୟ କାର୍ଡର ଉପଯୋଗ ବିଭିନ୍ନ ପରୀକ୍ଷା ନିରୀକ୍ଷା ପାଇଁ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ହୋଇପାରୁନଥିବାରୁ ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନାକୁ ବ୍ୟଥିତ ହୋଇଥିବା ପ୍ରକାଶ କରିଛନ୍ତି ଉଚ୍ଛବ । ରକ୍ତର୍କଟ ଭଳିଏକ ବ୍ୟବହୁଳ ରୋଗର ଚିକିତ୍ସା ପାଇଁ ସହାୟତା ସହିତ ନଣ୍ଟୁକୁ ନୂଆଜୀବନ ଦେବାପାଇଁ ସହୃଦୟବ୍ୟକ୍ତିମାନେ ଫୋନ୍ ନଂ-୭୦୭୭୧୩୬୩୬୫ରେ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଉଚ୍ଛବ ଓ ଡଲି ଅନୁରୋଧ କରିଛନ୍ତି ।

# ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସୁରେନ୍ଦ୍ରନାଥ ପଟ୍ଟନାୟକଙ୍କର ୩୨ତମ ଶ୍ରାଦ୍ଧ ବାର୍ଷିକ ପାଳିତ

ସାଲେପୁର,୨/୧ (ନି.ପ୍ର): ନିଶ୍ଚିନ୍ତକୋଇଲି ବ୍ଲକ ଝାଡେଶ୍ୱରପୁର ପଂଚାୟତସ୍ଥିତ ଝାଡେଶ୍ୱରପୁର ପ୍ରକଳ୍ପ ଉପ୍ରା ବିଦ୍ୟାଳୟ ପରିସରରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସୁରେନ୍ଦ୍ରନାଥ ପଟ୍ଟନାୟକଙ୍କର ୩୨ତମ ଶ୍ରାଦ୍ଧ ବାର୍ଷିକ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବନମାଳୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ପ୍ରାକ୍ତନ ସରପଂଚ ନଗେନ୍ଦ୍ରନାଥ ଷଢଙ୍ଗୀ, କୃଷ୍ଣଚନ୍ଦ୍ର ମଲ୍ଲ, ଅବସରପ୍ରାପ୍ତ ଅ୍ଧାପକ ଶରତ ଚନ୍ଦ୍ର ମହାନ୍ତି, ଆଇନଜୀବୀ ଅମରେନ୍ଦ୍ର ନାରାୟଣ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଟ୍ଟନାୟକଙ୍କର ବହୁମୁଖୀ ପ୍ରତିଭା, ମନ୍ତ୍ରୀତ୍ୱ ସମୟରେ ରାଜ୍ୟର ବିକାଶରେ ଥିବା ଅବଦାନ ସଂପର୍କରେ ବିବେଚନା କରିବା ସହ ନବନିର୍ମିତ ଚାରିରକବା ନିକଟସ୍ଥ ଚିତ୍ରୋତ୍ପଳା ସେତୁକୁ ସ୍ୱର୍ଗତ ପଟ୍ଟନାୟକଙ୍କ ନାମରେ ନାମିତ କରିବା ସହିତ ବରକୋଳିଆ - ନଗସପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାକୁ ସ୍ୱର୍ଗତ ପଟ୍ଟନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିବା ପାଇଁ ଦାବି କରିଥିଲେ । ଏହି ଅବସରରେ ତିନିମୁହାଣୀ ସସଙ୍ଗ ବିହାର ନିକଟରେ ସ୍ୱର୍ଗତ ପଟ୍ଟନାୟକଙ୍କର ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କାହ୍ନୁ ଚରଣ ଦାସ, ସମିତିସଭ୍ୟ ଆନନ୍ଦ ଦାସ, ସରପଂଚଙ୍କ ପ୍ରତିନିଧି ବିଭୂତି ଭୂଷଣ ଦାସ, ପ୍ରସନ୍ନ କୁମାର ଦାସ, ଅବଦୁଲ ରହିମ୍ ଖାନ୍, ଅମୂଲ୍ୟ ମଲ୍ଲିକ, ପ୍ରଧାନଶିକ୍ଷକ କେଶବ ଚନ୍ଦ୍ର ଦାସ, ଶିକ୍ଷକ ଚର୍ତୁଭୁଜ ପଣ୍ଡା, ସନ୍ତୋଷ କୁମାର ଦାସ, ସେକ୍ ନିଜାମ ସରୋଜ କୁମାର ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ଆସନ୍ତା ୨୦ ତାରିଖରେ ଏକ ପୂର୍ଣ୍ଣାଙ୍ଗ ବୈଠକ ନେମାଳଠାରେ ଅନୁଷ୍ଠିତ ହେବ ବୋଲି ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା । ଶେଷରେ ସଞ୍ଜିବ୍ ରାୟ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ନାରାୟଣ ନନ୍ଦଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ଘସିପୁରା,୨/୧ (ନି.ପ୍ର): ନାରାୟଣ ନନ୍ଦ ସ୍ମୃତି କମିଟି ପକ୍ଷରୁ ଫକୀରପୁର ହାଇସ୍କୁଲ ପରିସରରେ ନିରାଡ଼ମ୍ବର ଭାବରେ ପବିତ୍ର ନୂଆ ବର୍ଷରେ ନାରାୟଣ ନନ୍ଦଙ୍କର ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଯାଇଛି । ବରିଷ୍ଠ ସଦସ୍ୟ ଶ୍ରୀ ତ୍ରୈଲୋଚ ସୁତାର.ଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ, ସମ୍ମାନୀତ ଅତିଥି ଭାବେ ଗୋବିନ୍ଦ ଚନ୍ଦ୍ର କର, ହରିହର ନାଥ, ହଳଧର ସୁତାର, କୁମୁଦୁନୀ ନନ୍ଦ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନାରାୟଣ ନନ୍ଦଙ୍କ ପ୍ରତିମୂର୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ଉନ୍ମୋଚନ କରିଥିଲେ । ପ୍ରଥମେ ସ୍ମୃତି କମିଟିର କେତେକ ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଉପସ୍ଥିତ ସମସ୍ତ ଦଦସ୍ୟ ଗୁରୁଙ୍କ ପାଦ କମଳରେ ପୁଷ୍ପାଞ୍ଜଳି ପ୍ରଦାନ ପୂର୍ବକ ଭକ୍ତି ନିବେଦନ କରିଥିଲେ । ଏଥିରେ କମିଟିର ସଭ୍ୟ ଏବଂ ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀ ଯୋଗ ଦେଇଥିଲେ । ପରେ କମିଟିର ସଭାପତି ଶ୍ରୀ ହରିହର ନାଥ, ବରିଷ୍ଠ ସଭ୍ୟ ତଥା ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ଓ ଶିକ୍ଷକ ଶ୍ରୀ ହରିହର ପଣ୍ଡା, ଶ୍ରୀ ବୃନ୍ଦାବନ ଗୁଇଁ ଓ ଶ୍ରୀ ନରୋତମ ଦାସ , ଅନୀଲ କୁମାର ସାହୁ, ସରୋଜ କୁମାର ସାହୁ ହଳଧର ସୁତାର ପ୍ରମୁଖ ପୂଜ୍ୟ ଗୁରୁଙ୍କ ସ୍ମୃତିଚାରଣ କରିଥିଲେ । ପରେ ହଳଧର ସୁତାରଙ୍କ ଏକ ପୁସ୍ତକ ଅସିମ ଅନ୍ଧାରର ରଙ୍ଗ ଉନ୍ମୋଚିନ କରିଥିଲେ । କାର୍ଯ୍ୟକ୍ରମକୁ ବସନ୍ତ କୁମାର ସାହୁ ଓ ଶ୍ରୀ ବୃନ୍ଦାବନ ଗୁଇଁ ଆୟୋଜନ କରିଥିବା ବେଳେ ଅନ୍ୟମାନେ ଏଥିରେ ସହଯୋଗ କରିଥିଲେ ।

# କିରାଣୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

କଣାସ,୨/୧ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ବେଣାଗାଁ ଦୁର୍ଗାଦେବୀ ଉଚ୍ଚ ବିଦ୍ୟାଳୟର କିରାଣୀ ପଦ୍ମିନୀ ରାଉତରାୟଙ୍କ ଅବସରକାଳିନୀ ବିଦାୟ ସମ୍ବର୍ଦ୍ଧନା ଗତକାଲି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ବିଜେୟ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥିଭାବେ ପୁରୀ ଜିଲ୍ଲାଶିକ୍ଷାଧିକାରୀ ମମତା ମିଶ୍ର ଯୋଗଦେଇ ବିଦାୟି କିରାଣୀ ପଦ୍ମିନୀ ରାଉତରାୟଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ଓ ମାନପତ୍ରଦେଇ ସମ୍ବର୍ଦ୍ଧିତ କରିବା ସହିତ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଯେଉଁ କାର୍ଯ୍ୟରେ ସେମାନଙ୍କର ଦକ୍ଷତା ରହିଛି ସେଥିରେ ମନୋନିବେଶ କଲେ ସେମାନେ ଭବିଷ୍ୟତରେ ନିଶ୍ଚିତ ସଫଳତା ଲାଭ କରିପାରିବେ । ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କର ବିଭିନ୍ନ ଦକ୍ଷତା ଚିହ୍ନଟ କରି ସେମାନଙ୍କୁ ସେଥିରେ ଆଗେଇ ନେବାରେ ସାହାଯ୍ୟ କରିବାପାଇଁ ଆହ୍ୱାନ ଦେଇଥିଲେ, ମୁଖ୍ୟବକ୍ତା ରୂପେ ବ୍ଲକ ଶୀକ୍ଷାଧିକାରୀ ମିନକେତନ ସାମନ୍ତାରାୟ ଯୋଗଦେଇ ଅବସର ଗ୍ରହଣ କରୁଥିବା କିରାଣି ଶ୍ରୀମତୀ ରାଉତରାୟଙ୍କ କାର୍ଯ୍ୟଦକ୍ଷତା ସମ୍ପର୍କରେ ବକ୍ତବ୍ୟ ରଖିବା ସହ ତାଙ୍କର ନିରାମୟ ଓ ସୁସ୍ଥ ଜୀବନ କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନଶିକ୍ଷକ କାମଦେବ ରାଉତରାୟ, କରୁଣାକର ମହାପାତ୍ର, ଟିକନଚନ୍ଦ୍ର ପେଣ୍ଢୋଇ, ରଘୁନାଥ ବେହେରା, ଜନାର୍ଦ୍ଦନ ବେହେରା, ପ୍ରବିର ମହାପାତ୍ର, ଲକ୍ଷ୍ମୀଧର ବିଶ୍ୱାଳ, ଲତାମଣି ଜଗଦେବ, ସିଆରସିସି ଶିସିର ବେହେରା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଦୂର୍ଗାଦେବୀ ଉଚ୍ଚ ବିଦ୍ୟାଳୟର ବେଣାଗାଁ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀ ତଥା ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରୀମତୀ ରାଉତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟ ଶିକ୍ଷକ ପ୍ରଦୀପ କୁମାର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବ ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ବୌଦ୍ଧ ଐତିହ୍ୟ ଓ ଇତିହାସ ସଂପର୍କରେ ତଥ୍ୟ ସଂଗ୍ରହ ପାଇଁ ପ୍ରଶାସନର ନିଷ୍ପତ୍ତି

ବୌଦ୍ଧ,୨/୧ (ନି.ପ୍ର): ଐତିହାସିକ ବୌଦ୍ଧ ଜିଲାର ଇତିହାସ, ବୌଦ୍ଧ ଐତିହ, ମହିମା ଧର୍ମ, ପାତାଳୀ ଶ୍ରୀଜଗନ୍ନାଥ, ଭଗବାନ ବୁଦ୍ଧ, ଭୈରବୀ ଠାକୁରାଣୀ ଙ୍କ ସମତେ ବିଭିନ୍ନ ଲୁକ୍କାୟିତ ପ୍ରାମାଣିକ ତଥ୍ୟ ସଂଗ୍ରହ କରାଯିବାକୁ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତି ଗ୍ରହଣ କରାଯାଇଛି । ଏସଂପର୍କିତ ଲେଖା, ତଥ୍ୟ ସଂଗ୍ରହ କରି ଡିଜିଟାଲ ମାଧ୍ୟମରେ ଜିଲା ସଂଗ୍ରହାଳୟରେ ସଂରକ୍ଷଣ କରାଯିବାକୁ ଜିଲା ସଂସ୍କୃତି ପରିଷଦ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି । ଜିଲା ସଂସ୍କୃତି ପରିଷଦ ବୈଠକ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ବୈଠକରେ ଜିଲା ସଂଗ୍ରହାଳୟର ପରିଚାଳାନା, ପ୍ରଚାର ପ୍ରସାର ଓ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯାଇଛି । ବୈଠକରେ ଜିଲାର ସ୍ୱାଧୀନତା ସଂଗ୍ରାମୀମାନଙ୍କ ଜିବନୀ, ସ୍ୱାଧୀନତା ସଂଗ୍ରାମକୁ ସେମାନଙ୍କ ଅବଦାନ ସମ୍ପର୍କରେ ସମସ୍ତ ତଥ୍ୟ ସଂଗ୍ରହ କରାଯାଇ ଡିଜିଟାଲ ମାଧ୍ୟମରେ ସଂରକ୍ଷଣ କରାଯିବ । ଏହି ବୈଠକରେ ଜିଲା ସଂଗ୍ରହାଳୟର ପରିଚାଳାନା, ରକ୍ଷଣା ବେକ୍ଷଣ, କର୍ମଚାରୀଙ୍କ ବେତନ, ବୌଦ୍ଧର ଇତିହାସ ଭୀମଭୋଇ, ପାତାଳୀ ଶ୍ରୀଜଗନ୍ନାଥ,ବୁଦ୍ଧଦେବ ଓ ମା ଭୈରବୀଙ୍କ ବିଷୟରେ ଏକ ସଂକ୍ଷିପ୍ତ ଲେଖା, ବିଭିନ୍ନ ଲୁକ୍କାୟିତ ପ୍ରାମାଣିକ ତଥ୍ୟ ସଂଗ୍ରହ ତଥା ଲେଖା, ଲେଖକମାନଙ୍କ ଠାରୁ ସଂଗ୍ରହ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା । ସଂଗ୍ରହାଳୟର ଗୁରୁତ୍ୱ ବୃଦ୍ଧି, ପ୍ରଚାର ପ୍ରସାର ଓ ଆକର୍ଷଣୀୟ କରିବା ପାଇଁ ବୈଠକରେ ସମସ୍ତ ସଦସ୍ୟଙ୍କ ସହଯୋଗ କାମନା କରାଯାଇଥିଲା । ସଂଗ୍ରହାଳୟର ସମସ୍ତ ପ୍ରକୋଷ୍ଠରେ ଥିବା ସାମଗ୍ରୀ ଗୁଡିକର ନାମ ଓଡ଼ିଆ ଓ ଇଂରାଜୀରେ ଲେଖାଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା । ଫଳରେ ବିନା ଗାଇଡରେ ବାହାରୁ ଆସୁଥିବା ପର୍ଯ୍ୟଟକମାନେ ସଂଗ୍ରହାଳୟ ବୁଲିବା ସହିତ ପ୍ରଦର୍ଶିତ ସାମଗ୍ରୀଗୁଡିକ ସଂପର୍କରେ ସହଜରେ ଜାଣି ପାରିବେ । ଏଥିପାଇଁ ତିନିଜଣିଆଁ ସଦସ୍ୟଙ୍କୁ ନେଇ ତିନୋଟି ଟିମ ଗଠନ ସହିତ ଆଗାମୀ ୫ ତାରିଖରେ ସମସ୍ତ ସଦସ୍ୟ ସଂଗ୍ରହାଳୟରେ ଉପସ୍ଥିତ ରହିବା ପାଇଁ ଜିଲାପାଳ ଶ୍ରୀମିଶ୍ର ନିର୍ଦ୍ଦେଶ ଦେଇଥିଲେ ।

# ସମସ୍ତ ସରକାରୀ ସୁବିଧାରୁ ବଂଚିତ ସୀମାନ୍ତ ରାଜସ୍ୱ ଗ୍ରାମ ଲକଡପାଜୁରେ ପହଂଚିଲେ ତହସିଲଦାର

ବୌଦ୍ଧ,୨/୧ (ନି.ପ୍ର): ସରକାର ଗରିବ ପରିବାରଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଅନେକ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବା ସହିତ ସେଗୁଡିକ ଯେପରି ପ୍ରତ୍ୟେକ ଯୋଗ୍ୟ ଲୋକଙ୍କ ପାଖରେ ପହଂଚି ପାରିବ ସେଥିପାଇଁ ଗୁରୁତ୍ୱ ଦେଇଆସିଛନ୍ତି । କିନ୍ତୁ ବିକାଶ ଠାରୁ ଦୂରରେ ଥିବା ବୌଦ୍ଧ ଭଳି ଜିଲାର ଅନେକ ଦୁର୍ଗମ ଅଂଚଳରେ ରହୁଥିବା ଅଧିବାସୀମାନେ ଏବେ ମଧ୍ୟ ସମସ୍ତ ମୌଳିକ ସୁବିଧାରୁ ବଂଚିତ ଥିବା ଘଟଣାମାନ ବାରମ୍ବାର ଗଣମାଧ୍ୟମରେ ପ୍ରକାଶ ପାଇଆସୁଅଛି । ଶୀତତାପ ନିୟନ୍ତ୍ରିତ କୋଠରୀ ଭିତରୁ ସରକାରୀ ଯୋଜନା କାର୍ଯ୍ୟକାରୀ କରୁଥିବା ବାବୁମାନଙ୍କ ପାଖରେ ଏ ସଂପର୍କରେ ସୂଚନା ଥିଲେ ମଧ୍ୟ ମାନସିକତାର ଅଭାବ ଯୋଗୁଁ ଦୁର୍ଗମ ଅ ଳର ଅଧିବାସୀ ସବୁବେଳେ ଅବହେଳିତ ଜୀବନ ଯାପନ କରିବା ଏକ ସାଧାରଣ କଥା ହୋଇଗଲାଣି । କିନ୍ତୁ ବେଳେ ବେଳେ ଜଣେ ଜଣେ ଅଧିକାରୀଙ୍କୁ ଲୋକଙ୍କ ସେବା କରିବାର ନିଷ୍ଠା ସେମାନଙ୍କୁ ଏହିଭଳି ଦୁର୍ଗମ ଅ ଳକୁ ଟାଣି ନେଇଥାଏ । ବୌଦ୍ଧ ତହସିଲଦାର ଭାବରେ ଦାୟିତ୍ୱ ନେଇଥିବା ଯୁବ ପ୍ରଶାସନିକ ଅଧିକାରୀ ଅବିନାଶ ପାଣ୍ଡିଆ ନିଜ ତହସିଲ ଅଧିନସ୍ଥ ଦୁର୍ଗମ ଅଂଚଳରେ ଥିବା ଶେଷ ରାଜସ୍ୱ ଗ୍ରାମ ଲକଡପାଜୁରେ ପହଂଚିଥିଲେ । ବଘିଆପଡା ରାଜସ୍ୱ ନିରୀକ୍ଷକଙ୍କୁ ସଙ୍ଗରେ ନେଇ ପାହାଡିଆ ବିପଦପୂର୍ଣ୍ଣ ରାସ୍ତାରେ ବାଇକ ଚଳାଇ ଶ୍ରୀପାଣ୍ଡିଆ ଲକଡପାଜୁରେ ପହଂଚିବାପରେ ଗ୍ରାମବାସୀମାନେ ତାଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ତହସିଲଦାର ସାହେବ ବୋଲି ଜାଣିବାପରେ ଗ୍ରାମବାସୀମାନେ ତାଙ୍କୁ ପାଖରେ ପାଇ ଆନନ୍ଦ ହେବା ସହିତ ନିଜର ବିଭିନ୍ନ ସମସ୍ୟା ସଂପର୍କରେ ଅବଗତ କରାଇଥିଲେ । ବୌଦ୍ଧ ତହସିଲ ବଘିଆପଡା ରାଜସ୍ୱ ମଣ୍ଡଳ ଅନ୍ତର୍ଗତ ପାହାଡ ଉପରେ ଶେଷ ରାଜସ୍ୱ ଗ୍ରାମ ହେଉଛି ଲକଡପାଜୁ । ସୀମା ଅତିକ୍ରମ କଲେ ସେପଟେ କନ୍ଧମାଳ ଜିଲା । ଗ୍ରାମରେ ରହନ୍ତି ମାତ୍ର ୨୦ ଟି ଆଦିବାସୀ ପରିବାର । ସରକାର ସମସ୍ତଙ୍କୁ ସ୍ୱାସ୍ଥ୍ୟ ସେବା ଓ ପ୍ରତ୍ୟେକ ଶିଶୁଙ୍କୁ ଶିକ୍ଷା ଅଧିକାର ଯୋଗାଇଦେବାକୁ ପ୍ରତିଶୃତିବଦ୍ଧ ଥିବାବେଳେ ଏହି ଦୁର୍ଗମ ଅ ଳବାସୀଙ୍କ ପାଖରେ ନା ଅଛି ସ୍ୱାସ୍ଥ୍ୟ ସେବା ନା ଶିକ୍ଷା ବ୍ୟବସ୍ଥା । ରାଜୀବ ଗାନ୍ଧୀ ବିଦ୍ୟୁତ୍ ଯୋଜନାରେ ଯଦିଓ ଗ୍ରାମକୁ ବିଜୁଳି ସଂଯୋଗ ରହିଛି ବର୍ଷର ୮୦ ଭାଗ ଦିନ ଏଠାରେ ବିଜୁଳି ନଥାଏ । ସେହିପରି ଗ୍ରାମରେ ପାନୀୟଜଳର ଘୋର ସଙ୍କଟ ରହିଥିବାବେଳେ ନାଳ ପାଣି ପିଇ ଗ୍ରାମବାସୀମାନେ ଜୀବନ ବଂଚାଇବାକୁ ଏକପ୍ରକାର ବାଧ୍ୟ ଅଟନ୍ତି । ସରକାରଙ୍କ ପକ୍ଷରୁ ପ୍ରତି ପରିବାରକୁ କିଛି କିଛି ଜଙ୍ଗଲ ଜମି ଯୋଗାଇଦିଆଯାଇଛି । କିନ୍ତୁ କେବଳ ଜମି ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କଷ୍ଟକର ହୋଇଥିବାରୁ ପେଟ ଚାଖଣ୍ଡଙ୍କ ପାଇଁ ଏହି ଦୁର୍ଗମ ଗ୍ରାମର ଲୋକମାନେ ପ୍ରତିଦିନ ଜଙ୍ଗଲ ରାସ୍ତାରେ ପାହାଡ ଓହ୍ଲାଇ ବିଭିନ୍ନ ଗ୍ରାମକୁ କାମ ଧନ୍ଦା ଅନ୍ୱେଷଣରେ ଯାଇଥାନ୍ତି । ଗ୍ରାମ ମୁଖିଆଙ୍କ କହିବା ଅନୁଯାୟୀ ପୂର୍ବରୁ କେବେ ମଧ୍ୟ କୌଣସି ପ୍ରଶାସନିକ ଅଧିକାରୀଙ୍କ ପାଦ ଗ୍ରାମରେ ପଡିନଥିଲା । ଯୁବ ତହସିଲଦାର ଶ୍ରୀପାଣ୍ଡିଆ ପ୍ରଥମ ଅଧିକାରୀ ଭାବରେ ସେଠାରେ ପହଂଚି ଗ୍ରାମବାସୀଙ୍କୁ ସମସ୍ତ ସରକାରୀ ଯୋଜନା ଯୋଗାଇଦେବାକୁ ପ୍ରତିଶୃତି ଦେବା ଏବେ ଜିଲାରେ ଚର୍ଚ୍ଚା ସୃଷ୍ଟି କରିଛି । ଶ୍ରୀପାଣ୍ଡିଙ୍କ ନିକଟରୁ ମିଳିଥିବା ସୂଚନା ମୁତାବକ ଉକ୍ତ ଗ୍ରାମରେ ଲୋକମାନେ ଜୀବନ ଜିବିକା ପାଇଁ ପ୍ରତିଦିନ ସଂଘର୍ଷ କରୁଛନ୍ତି । ସରକାରଙ୍କ ପକ୍ଷରୁ ପାନୀୟଜଳ,ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଉକ୍ତ ଗ୍ରାମବାସୀଙ୍କ ସହିତ ସକାରାତ୍ମକ ଆଲୋଚନା କରାଯାଇଛି । ସେମାନଙ୍କୁ ଦୁର୍ଗମ ପାହାଡିଆ ଅ ଳରୁ ନିକଟସ୍ଥ ଯେକୌଣସି ସମତଳ ଅ ଳକୁ ଅଣାଯାଇପାରିଲେ ସରକାରଙ୍କ ପକ୍ଷରୁ ଗ୍ରାମର ଶିଶୁମାନଙ୍କୁ ଶିକ୍ଷା,ସ୍ୱାସ୍ଥ୍ୟ ଭଳି ସମସ୍ତ ମୌଳିକ ସୁବିଧା ଯୋଗାଇଦେବାର ବ୍ୟବସ୍ଥା କରାଯିବ । ଗ୍ରାମବାସୀମାନେ ମଧ୍ୟ ପରିବାରସହ ଅନ୍ୟ ସ୍ଥାନରେ ବସତି ସ୍ଥାପନ ପାଇଁ ସହମତି ପ୍ରକାଶ କରିଛନ୍ତି ।

# ବରେଣ୍ୟ କବି ଶ୍ରୀ ଅକ୍ଷୟ କୁମାର ପଟ୍ଟନାୟକଙ୍କ ସୃଜନରେ ବାସ୍ତବତାର ଅବଲୋକନ......!



ବିଦ୍ୟାଧର ସେଠୀ



ଅକ୍ଷୟ କୁମାର ପଟ୍ଟନାୟକ

ଓଡ଼ିଆ ଭାଷା ସାହିତ୍ୟ ପ୍ରତି ସମର୍ପିତ ତଥା ପ୍ରତିଶ୍ରୁତିବଦ୍ଧ ସାରସ୍ୱତ ସାଧକ, ନିଷ୍ଠାପର, ସଂଯମୀ, ସ୍ୱାବଲମ୍ବୀ ଓ ନିରାଡ଼ମ୍ବର ବ୍ୟକ୍ତିତ୍ୱର ଅଧିକାରୀ ଏବଂ ସୁନ୍ଦର, ସରଳ ଭାବକୁ ନେଇ ଶବ୍ଦ ବିନ୍ୟାସରେ ସିଦ୍ଧହସ୍ତ ବୟୋଜ୍ୟେଷ୍ଠ ବରେଣ୍ୟ କବି ଶ୍ରୀ ଅକ୍ଷୟ କୁମାର ପଟ୍ଟନାୟକ ଯେ ଜଣେ ଅନନ୍ୟ ପ୍ରତିଭା, ଏଥିରେ ସନ୍ଦେହ କରିବାର ଅବକାଶ ନାହିଁ। ଅନ୍ୟମାନଙ୍କ ପରି ସେ ବସ୍ତୁବାଦର ପଶ୍ଚାତଧାମନ କରି ନାହାଁନ୍ତି, ବରଂ ବାସ୍ତବତାକୁ ପାଥେୟ କରି ସୃଷ୍ଟି କରିଛନ୍ତି ଅନେକ କବିତା । ତାଙ୍କ ଦ୍ୱାରା ରଚିତ କବିତାରେ ନା ଅଛି ଆଟୋପ ନା ଅଛି ଅହଂକାର, ବରଂ ଆତ୍ମଜ୍ଞାନର ବିଶ୍ଳେଷଣାତ୍ମକ ଚିରନ୍ତନ ଚିନ୍ତନ ପରିପ୍ରକାଶ ପାଇଛି ପ୍ରତ୍ୟେକ ପଂକ୍ତିରେ । ସରଳ ଭାଷା ଓ ଶବ୍ଦକୁ ନେଇ ଭାବମୟ ତଥା ଛାନ୍ଦୋବଦ୍ଧ କବିତା ରଚନା କରିବାରେ କବି ନିଶ୍ଚୟ ଜଣେ ଅପୂର୍ବ ବିନ୍ଧାଣି ।

ଜୀବନ ଯାତ୍ରାରେ ଏକା ଏକା ଚାଲୁଚାଲୁ ଅନ୍ଧାର ଭିତରେ ସୁନ୍ଦରତାକୁ ଖୋଜିବାକୁ ଯାଇ କବି ସାଉଁଟିଛନ୍ତି ବଣ ମଲ୍ଲୀର ବାସ୍ନା । ପୁଣି ସୃଷ୍ଟି କରିଛନ୍ତି ଅନେକ ସୃଜନ, ଯାହା ଅଗଣିତ ପାଠକଙ୍କ ହୃଦୟକୁ ଛୁଇଁ ପାରିଛି। ଆତ୍ମଜ୍ଞାନ ଓ ଶରୀରତତ୍ତ୍ୱକୁ ସେ ଗମ୍ଭୀରତାର ସହିତ ବିଶ୍ଳେଷଣ କରିଛନ୍ତି କବିତା ମାଧ୍ୟମରେ ।

କବିଙ୍କ ଭାଷାରେ - 'ପଞ୍ଚଭୂତ ନନ୍ଦିଘୋଷ, ଶରୀର ନଶ୍ୱର... ହୃଦ ସିଂହାସନେ ବିଜେ ମୋ' ଈଶ୍ୱର...ଏ ଜୀବର ଶିବ ଅଟେ ଆତ୍ମା ରାମେଶ୍ୱର' । ଜଣେ ପ୍ରଚଣ୍ଡ ଆତ୍ମଜ୍ଞାନୀ ନହେଲେ ଏମିତି ଭାବଗର୍ଭକ ଜ୍ଞାନର ପରିପ୍ରକାଶ ହେବା ଅସମ୍ଭବ ।

ପୁଣି କବି ତାଙ୍କର କବିତାରେ ସମାଜକୁ ଯେଉଁ ଦିଗଦର୍ଶନ ଦେଇଛନ୍ତି, ତାହା ଅତ୍ୟନ୍ତ ମର୍ମସ୍ପର୍ଶୀ ଓ ଉପାଦେୟ ତଥା ଚିନ୍ତା ଓ ଚେତନାର ଏକ ଅପୂର୍ବ ସମନ୍ୱୟ । କବିଙ୍କ ଭାଷାରେ -

'ମନ ଖୋଲି ହସଝରୁ ମଧୁରସ
ବିବେକ କହୁଛି ନହୁଅ ବିରସ ।
ଜୀବନ ଯନ୍ତ୍ରଣା ଭୋଗିବାକୁ ହେବ
ସମୟ କହୁଛି ସୁଚିନ୍ତା କରିବ ।
ଭାବନା କେବଳ ଦୁଃଖ ଦେଇଥାଏ
ଭାବ ଆସିଗଲେ ଭାବନା ପଳାଏ ।'

ପୁଣି କବି କେବେକେବେ ଆଶାବାଦୀ ହୋଇଛନ୍ତି । ଉଦିତ ଭାନୁର ସଂସ୍ପର୍ଶରେ ଅସତ୍ୟ, ଅନ୍ୟାୟ ଲୁଚିଯିବ ବୋଲି ତାଙ୍କର ଦୃଢ଼ ବିଶ୍ୱାସ । କବିଙ୍କ ଭାଷାରେ -

'କଳା ବାଦଲ କି ଢାଙ୍କିବ ଆକାଶ
ଭାନୁ ଉଦୟ ହୋଇଲେ
ଅସତ୍ୟ ଅନ୍ୟାୟ ଲୁଚାଇ କି ହେବ
ପୁଣ୍ୟବନ୍ତ କେହି ଥିଲେ ।'

କବିଙ୍କର ସବୁଠୁଁ ସଫଳତମ ତଥା ଦିଗଦର୍ଶନ ମୂଳକ ସୃଜନ ହେଉଛି 'ବଣ ମଲ୍ଲୀର ବାସ୍ନା' । ଏହି ବାସ୍ନାରେ ସେ ସଂସାରକୁ ମହକିତ କରିବାକୁ ପ୍ରୟାସ କରିଛନ୍ତି । ପୁନଶ୍ଚ ସେ ସ୍ୱୟଂ ଆତ୍ମଜ୍ଞାନୀ ହୋଇ ବି ଈଶ୍ୱର ପ୍ରାପ୍ତି ପାଇଁ ଭକ୍ତିମାର୍ଗର ଯଥାରୀତି ବିଶ୍ଳେଷଣ କରିଛନ୍ତି । ଏଣୁ କବିଙ୍କ ଭାଷାରେ-

'ମଠ ମନ୍ଦିରକୁ କିଏ ଯାଉନାହିଁ
କିଏ କରୁନାହିଁ ତୀର୍ଥ
ଗୀତା ଭାଗବତ କିଏ ପଢୁନାହିଁ
ସଂସ୍କାର ନଥିଲେ ବ୍ୟର୍ଥ ।
x x x x x x
କରମ ହୁଡ଼ିଲେ ସରମ ନଥିଲେ
ମନ୍ଦ ଚିନ୍ତା କରୁଥିଲେ
ପିତାମାତା ସେବା କରେନାହିଁ ଯିଏ
ଉଦ୍ଧାର ହେବକି ଭଲେ ।'

ପୁଣି କବିଙ୍କ ଭାଷାରେ -'ଆତ୍ମା ବିନା ଶରୀର ନାହିଁ... ଶରୀର ବିନା ଆତ୍ମା କାହିଁ... ?' ପ୍ରକୃତରେ ଚମତ୍କାର ତାଙ୍କର ଚିନ୍ତନ।

ବୟସର ଅପରାହ୍ଣରେ ବି କବି ଶ୍ରୀ ପଟ୍ଟନାୟକ ଶିଶୁ ସୁଲଭ ଭାବର ଜୀବନ୍ତ ପ୍ରତିମୂର୍ତ୍ତି । ଅତ୍ୟନ୍ତ ସ୍ନେହୀ ତଥା ଦରଦୀ ମଣିଷ । ଭାବଗର୍ଭକ ତଥା ଦିଗଦର୍ଶନ ମୂଳକ ଆତ୍ମଚିନ୍ତନକୁ ସରଳ ଭାଷାରେ ତଥା ଛାନ୍ଦୋବଦ୍ଧ ଭାବରେ ପ୍ରକାଶ କରିବାରେ ସେ ସିଦ୍ଧହସ୍ତ । ତାଙ୍କ ମତରେ ଏ ସଂସାର ବନ୍ଧନ ଅନିତ୍ୟ । କେବଳ ଆତ୍ମାରୂପୀ ଭଗବାନ ହିଁ ଏକମାତ୍ର ସତ୍ୟ । କବି ଈଶ୍ୱରଙ୍କୁ କୌଣସି ମଠ, ମନ୍ଦିର କିମ୍ବା ପୋଥି ଭିତରେ ଖୋଜି ନାହାନ୍ତି । ବରଂ ନିର୍ମଳ ହୃଦୟରେ ଭାବ ଓ ଭକ୍ତି ଦ୍ୱାରା ପିତାମାତାଙ୍କୁ ସେବା କଲେ ହିଁ ଈଶ୍ୱର ପ୍ରାପ୍ତି ହୁଏ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ।

ପୁନଶ୍ଚ କବି ପଥଭ୍ରାନ୍ତ ସମାଜକୁ ସଚେତନ କରିବାକୁ ଯାଇ କହିଛନ୍ତି-

'ମନ ଦର୍ପଣରେ ଅଳନ୍ଧୁ ଜମିଲେ
ମୁହଁ କି ଦୃଶ୍ୟ ହୁଅଇ
ଉଷର ଭୂଇଁରେ ବିହନ ବୁଣିଲେ
ସେ ମଞ୍ଜି ଗଜା କି ହୋଇ... ?'

ପୁନଶ୍ଚ କବିଙ୍କ ଭାଷାରେ -'ଆଶା ହିଁ ଆଲୋକ, ନିରାଶା ହିଁ ଅନ୍ଧାର... ଅମୃତ ସନ୍ତାନ ଅନ୍ଧାରେ ନମର ।'

କବି ନିଜକୁ ଏ ସୃଷ୍ଟିର ଓ ସ୍ରଷ୍ଟାଙ୍କର କେବଳ ମାତ୍ର ଜଣେ ସେବକ ବୋଲି ଭାବନ୍ତି । ଦିବ୍ୟ ଚେତନାର ପରିପ୍ରକାଶ ପାଇଁ ସେ ଖୁବ ଆଶାବାଦୀ ଓ ସଂକଳ୍ପବଦ୍ଧ । ତାଙ୍କ ମତରେ ଜୀବନ ଏକ ଖେଳଘର ନୁହେଁ କିମ୍ବା ଖେଳନା କଣ୍ଢେଇ ନୁହେଁ । ବରଂ ଜୀବ ପାଇଁ ଜୀବନ ।

କବି ଶ୍ରୀ ପଟ୍ଟନାୟକଙ୍କର ପ୍ରତ୍ୟେକ କବିତା ଶିକ୍ଷଣୀୟ ତଥା ଜ୍ଞାନଗର୍ଭକ । ତାଙ୍କ ରଚିତ କବିତା ଗୁଡ଼ିକର ଭାବାବେଗ ବେଶ ମନଛୁଆଁ, ହୃଦୟସ୍ପର୍ଶୀ, ଗୀତିଧର୍ମୀ, ସରଳ ଓ ସୁବୋଧ । କବିତାର ପ୍ରତ୍ୟେକ ପଂକ୍ତି ମିଥ ଓ ଉପମା ଭିତରେ ପ୍ରାଣବନ୍ତ । କବିଙ୍କର ଏମିତି କବିତା ରଚନା କରିବାର ଜୟଯାତ୍ରା ଆଗକୁ ଜାରିରହୁ ଏବଂ ଅଧିକରୁ ଅଧିକ ସୃଜନ ସୃଷ୍ଟି କରି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରନ୍ତୁ ଓ ନିଜର ସ୍ୱତନ୍ତ୍ର ଏକ ପରିଚୟ ସୃଷ୍ଟି କରନ୍ତୁ, ଏତିକି କାମନା....!

ବ୍ୟକ୍ତିଗତ ସହାୟକ,
ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ବାଲେଶ୍ୱର
ମୋ: ୯୯୩୭୮୩୫୮୭୭







# ଯୋଗ ଜୁଏଲେରି

**ଯୋଗଦ୍ୱାରା ଶରୀର, ମନ ଓ ମସ୍ତିଷ୍କ ସୁସ୍ଥ ରହିଥାଏ । କିନ୍ତୁ ଏବେ ଏମିତି ବି କିଛି ଜୁଏଲେରି ଆସିଲାଣି, ଯାହା ଯୋଗର ବିଭିନ୍ନ ପ୍ରକାରର ମୁଦ୍ରା ତଥା ଯୋଗ ସହ ସମ୍ପର୍କ ଥିବା କିଛି ଧାତୁ ଅବା ଷ୍ଟୋନକୁ ନେଇ ତିଆରି ହୋଇଥାଏ । ଆଉ ଏ ଧରଣର ଜୁଏଲେରିକୁ ତ ବ୍ୟବହାର କରିବା ଦ୍ୱାରା ସ୍ୱାସ୍ଥ୍ୟ ମଧ ଭଲ ରହିଥାଏ । ସେଥିପାଇଁ ତ ଏହାକୁ ଯୋଗ ଅନୁପ୍ରାଣିତ ଜୁଏଲେରି କୁହାଯାଇଥାଏ....**





ଯୋଗ ଦ୍ୱାରା ମନ ଶାନ୍ତ ଆଉ ଶରୀର ଫୁର୍ତ୍ତି ହୁଏ । ସେଥିପାଇଁ ଅନେକ ନିଜକୁ ଫିଟ୍ ଆଣ୍ଡ ଫାଇନ୍ ରଖିବା ପାଇଁ ଯୋଗାଭ୍ୟାସ କରିଥାନ୍ତି । କିନ୍ତୁ ଏବେ ଏମିତି ବି କିଛି ଜୁଲଲେରି ଆସିଲାଣି, ଯାହାର ବ୍ୟବହାର ଶରୀରକୁ ସୁସ୍ଥ ରଖିପାରିବ । ମୁଖ୍ୟତଃ ଯୋଗର ବିଭିନ୍ନ ପ୍ରକାର ମୁଦ୍ରା ତଥା ଭିନ୍ନଭିନ୍ନ ପ୍ରକାରର ଧାତୁ ଖଚିତ ମାଳି, ପଦ୍ମ ଫୁଲ ଓ ଚକ୍ର ଚିହ୍ନ ଥିବା ମୁଦି ତଥା ବ୍ରେସଲେଟ୍, ଓମ୍ ଲକେଟ୍ ଇତ୍ୟାଦି ଡିଜାଇନରେ ଏହି ଜୁଲଲେରି ବି ଏହି ଲିଷ୍ଟରେ ଆସିପାରିବ । ତେବେ ଏହି ସବୁ ଜୁଲଲେରି ପିନ୍ଧିଲେ ଯେ ଜଣେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯିବେ ତାହା ଭାବିବା ଭୁଲ । କିନ୍ତୁ ଏହା ମନ ଭିତରେ ସକାରାତ୍ମକ ଚିନ୍ତାଧାରା ଜାତ କରାଇ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟ ସଚେତନ ହେବାକୁ ନିଶ୍ଚୟ ପ୍ରବର୍ତ୍ତାଇବ । ସେଥିପଇଁ ତ ଏହାକୁ ଯୋଗ ଅନୁପ୍ରାଣିତ ଜୁଏଲେରି କୁହାଯାଇଥାଏ । ତେବେ ଏହି ଜୁଏଲେରିର କେଉଁ ଡିଜାଇନ୍ କି ଫାଇଦା ପ୍ରଦାନ କରେ ସେ ସମ୍ପର୍କରେ....

### ହାର୍ଟ ଓ ଆରୋ ଶେପର ମୁଦି:

ଏ ଷ୍ଟାଇଲର ଯୋଗ ଜୁଏଲେରିକୁ ମୁଖ୍ୟତଃ ରୂପାରେ ତିଆରି କରି ପିନ୍ଧିଲେ ଶରୀରକୁ ଅନେକ ଫାଇଦା ମିଳିଥାଏ । ଏଥିରେ ହୋଇଥିବା ହାର୍ଟ ଡିଜାଇନ ଆମକୁ ସକାରାତ୍ମକ ଚିନ୍ତା କରିବାକୁ ପ୍ରେରଣା ଦେଉଥିବାବେଳେ ଆରୋ ବା ତୀର ଚିହ୍ନର ଡିଜାଇନ ମନୋବଳ ବଢ଼ାଇଥାଏ ।

### ରୁଦ୍ରାକ୍ଷ ମାଳି:

ଏବେ ମାର୍କେଟରେ ରୁଦ୍ରାକ୍ଷ ଲାଗିଥିବା ଅନେକ ଭେରାଇଟର ଜୁଏଲେରି ମିଳିଲାଣି । ମୁଖ୍ୟତଃ ଏହାର ମାଳି ଓ ବ୍ରେସଲେଟ୍ ମିଳିଲାଣି । ମୁଖ୍ୟତଃ ଏହାର ମାଳି ଓ ବ୍ରେସ୍‌ଲେଟ୍ ଦେଖିବାକୁ ଖୁବ୍ ଟ୍ରେଣ୍ଡି ଲାଗିଥାଏ । ତା'ଛଡ଼ା ଶରୀରରେ ରୁଦ୍ରାକ୍ଷ ରହିଲେ ମନ ଶାନ୍ତ ରହିବା ସହ ସହନ ଶକ୍ତି ବୃଦ୍ଧି ହୋଇଥାଏ ବୋଲି ଅନେକଙ୍କର ଧାରଣା ରହିଛି । କେବଳ ସେତିକି ନୁହେଁ ରୁଦ୍ରାକ୍ଷ ପିନ୍ଧିଲେ ଶରୀରକୁ ସର୍ବଦା ସଫାସୁତୁରା ରଖିବାକୁ ମଧ ମନସ୍ୱତଃ ଆମକୁ ପ୍ରେରଣା ଦେଇଥାଏ ।

### ମୁନଷ୍ଟୋନ୍ ନେକଲେସ:

ମୁନଷ୍ଟୋନକୁ କେହି କେହି ଟ୍ରାଭେଲର୍ସ ଷ୍ଟୋନ ବୋଲି କହିଥାନ୍ତି । କୌଣସି ସ୍ଥାନକୁ ଯାତ୍ରା କରୁଥିବା ସମୟରେ ଏହି ନେକଲେସକୁ ପିନ୍ଧିଲେ ଯାତ୍ରା କରୁଥିବା ସମୟରେ ଏହି ନେକଲେସକୁ ପିନ୍ଧିଲେ ଯାତ୍ରା ସଫଳ ହୋଇଥାଏ ବୋଲି ଅନେକଙ୍କର ବିଶ୍ୱାସ ରହିଛି । ତା'ଛଡ଼ା ଏହି ଷ୍ଟୋନ ଶରୀରରେ ଶକ୍ତି ସଞ୍ଚାର କରାଇବା ସହିତ ଦୁଃସାହସିକ କାମ କରିବାକୁ ମଧ ପ୍ରେରଣା ଦେଇଥାଏ ।

### ଲାଭେଣ୍ଡର ବ୍ରେସଲେଟ୍:

ସୁଗନ୍ଧଯୁକ୍ତ ବାଇଗଣିଆ ରଙ୍ଗର ଫୁଲ ଥିବା ଏକ ଜାତୀୟ ଗୁଳ୍ମକୁ ଅନୁକରଣ କରି ଏହି ବ୍ରେସଲେଟକୁ ତିଆରି କରାଯାଇଥାଏ । କୁହାଯାଏ, ଏ ଧରଣର ବ୍ରେସଲେଟକୁ କଟଟିରେ ପିନ୍ଧିଲେ ଦେହରେ ରକ୍ତ ସଂଚାଳନ ଠିକରେ ହୋଇଥାଏ, ଯଦ୍ଦ୍ୱାରା ମନ ପ୍ରଫୁଲ୍ଲ ରୁହେ ।

### ଚକ୍ର ଓ ପଦ୍ମଫୁଲର ଚିହ୍ନ:

ପଦ୍ମ ଫୁଲ କିମ୍ବା ଚକ୍ର ଚିହ୍ନ ଥିବା ଜୁଏଲେରିକୁ ପିନ୍ଧିଲେ ମନ ଶାନ୍ତ ରହିବା ସହ ଶରୀରରେ ଶକ୍ତି ସଞ୍ଚାର ହୋଇଥାଏ ବୋଲି ବିଶ୍ୱାସ ରହିଛି । ତା' ସହିତ କାମ କରିବାକୁ ମଧ ମନ ଚାହିଁଥାଏ ।

### ଓମ ଲକେଟ୍:

ଓମ ଉଚ୍ଚାରଣରେ ହିଁ ଶରୀରରେ ଶକ୍ତି ବୃଦ୍ଧି ହେବା ସହ ଇନ୍ଦ୍ରିୟଗୁଡ଼ିକ ସକ୍ରିୟ ହୋଇଥାନ୍ତି । ତା'ସହିତ ଆତ୍ମଶାନ୍ତି ମିଳିଥାଏ । ଏପରି କି ଓମ୍ ଲକେଟ୍ କିମ୍ବା ଓମ୍ ଡିଜାଇନର ମୁଦି ପିନ୍ଧିଲେ ବିସ୍ୱତଃ ମନରେ ଏହି ଧାରଣା ଜାତ ହୁଚଏ ବୋଲି ମଧ ଲୋକବିଶ୍ୱାସ ରହିଛି । ତା'ଛଡ଼ା ଏହା ସକାରାତ୍ମକ ଚିନ୍ତାଧାରା ବି ଜାଗ୍ରତ କରାଇଥାଏ ।

### ଯୋଗ ମୁଦ୍ରା ଥିବା ଜୁଏଲେରି:

ଏ ଷ୍ଟାଇଲର ଜୁଏଲେରି ବି ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟ ସଚେତନ ହେବା ପାଇଁ ପ୍ରବର୍ତ୍ତାଇଥାଏ । ଯୋଗର ବିଭିନ୍ନ ମୁଦ୍ରା ଥିବାରୁ ମନ ମଧ ସେହି ଦିଗରେ ଅଗ୍ରସର ଫିଟ୍ ଆଣ୍ଡ ଫାଇନ୍ ରୁହେ ।






# ଅଧିକ ଟିଭି ଦେଖିଲେ ଡିମେନସିଆ



ଆପଣଙ୍କ ବୟସ ଯଦି ୫୦ରୁ ଅଧିକ ଏବଂ ଟିଭି ଦେଖିବାକୁ ଭଲ ପାଆନ୍ତି, ତେବେ ହୁସିଆର ! କାରଣ ଏହି ଅଭ୍ୟାସ ଆପଣଙ୍କୁ ଡିମେନସିଆ ଆକ୍ରାନ୍ତ କରିପାରେ । ଲଣ୍ଡନ ୟୁନିଭର୍ସିଟିର ନୂଆ ଅଧ୍ୟନ ଅନୁସାରେ, ଦିନକୁ ସାଢ଼େ ତିନି ଘଣ୍ଟାରୁ ଅଧିକ ସମୟ ଟିଭି ଦେଖିଥିବା ୫୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତିଙ୍କ ସ୍ମୃତିଶକ୍ତି ଦୁର୍ବଳ ଆଶଙ୍କା ଅଧିକ । ୬ବର୍ଷ ମଧ୍ୟରେ ସେମାନଙ୍କ ସ୍ମୃତିଶକ୍ତି ଦୁର୍ବଳ ହେବା ଆରମ୍ଭ ହୋଇଯାଏ । ୩୬୦୦ରୁ ଅଧିକ ଲୋକଙ୍କୁ ନେଇ ଅଧ୍ୟୟନ ପରିଚାଳିତ ହୋଇଥିଲା । ଅଧିକ ସିରିଏଲ, ଡକ୍ୟୁମେଣ୍ଟାରି ଓ ରିଆଲିଟି ଶୋ' ଦେଖିବା ଦ୍ୱାରା ସେମାନଙ୍କ ଶବ୍ଦ ମନେରଖିବା ଦକ୍ଷତା ୧୦ ପ୍ରତିଶତ ହ୍ରାସ ପାଇଥିବା ଜଣାପଡ଼ିଲା । ପସନ୍ଦର ଟିଭି ଶୋ' ପ୍ରତି ଅତିଶୟ ରୁଚି ଯୋଗୁଁ ଚାପ ବୃଦ୍ଧିପାଏ, ଯାହା ସ୍ମୃତିଶକ୍ତିକୁ ଆହୁରି ଦୁର୍ବଳ କରେ । ଶାରୀରିକ କାର୍ଯ୍ୟକଳାପଠୁ ଦୂରରେ ରହି ଘଣ୍ଟା ଘଣ୍ଟ ଟିଭି ଦେଖୁଥିବା ବ୍ୟକ୍ତି କ୍ରମେ ନିଷ୍କ୍ରିୟ ହୋଇଯାଏ । ଏହି ଅଧ୍ୟନରେ ବୟସ୍କଙ୍କ ଡିମେନସିଆ ଉପରେ ଫୋକସ୍ କରାଯାଇଥିଲା ।

# ଖେଚୁଡ଼ି ଖାଇ ସୁସ୍ଥ ରୁହନ୍ତୁ



ଭାରତୀୟ ବ୍ୟଞ୍ଜନ ମଧ୍ୟରେ ଖେଚୁଡ଼ିର ସ୍ଥାନ ଖୁବ୍ ସ୍ୱତନ୍ତ୍ର ଶୁଦ୍ଧ ଓ ଶାକାହାରୀ ଏଇ ଭୋଜନରେ ପୋଷକତତ୍ତ୍ୱ ଭରପୂର ଥିବାବେଳେ ପିଲାଠାରୁ ବୟସ୍କ ସମସ୍ତଙ୍କ ପାଇଁ ଏହା ଏକ ଉତ୍ତମ ଖାଦ୍ୟ । ସହଜରେ ହଜମ ହୋଇପାରୁଥିବା ଖେଚୁଡ଼ି ଖାଇଲେ ବାତ, ପିତ୍ତ, କଫ ଦୋଷ ଦୂର ହେଉଥିବାର ଦିଲ୍ଲୀ ଡାକ୍ତରୀ ଦଳ ବିଭିନ୍ନ ଅନୁସନ୍ଧାନରୁ ପ୍ରମାଣିତ କରିଛନ୍ତି ।

♦ ଗର୍ଭବତୀ ମହିଳାଙ୍କ ଠାରେ ଅମ୍ଳ ହେବା ଏକ ସାଧାରଣ ସମସ୍ୟା । ଏଇ ଗର୍ଭାବସ୍ଥାରେ ସେମାନେ ପ୍ରତ୍ୟହ ଖେଚୁଡ଼ି ଖାଇବା ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇଥାଏ । ଖେଚୁଡ଼ି ଖାଇଲେ ଶରୀର ଓଜନିଆ ମଧ ଲାଗେନାହିଁ ।

♦ ଓଜନକୁ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିବା ଲୋକ ପ୍ରତ୍ୟହ ଖେଚୁଡ଼ି ଖାଆନ୍ତୁ । ସମସ୍ତ ପ୍ରକାର ପରିବା ମିଶା ଏଇ ଖେଚୁଡ଼ି ଖାଇଲେ ଶରୀରକୁ ଶକ୍ତି ମଧ ମିଳେ ।

♦ ମଧୁମେହ ରୋଗୀ ନିୟମିତ ଭାବେ ଏଇ ଖାଦ୍ୟ ଖାଇବା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ଖୁବ୍ ହିତକାରୀ ।

# ବୃଦ୍ଧାବସ୍ଥା ଶୀଘ୍ର ଅନୁଭବ କରନ୍ତି ଭାରତୀୟ



ଭାରତରେ ବାସ କରୁଥିବା ଲୋକେ ଜାପାନ ଏବଂ ସ୍ୱିଜରଲ୍ୟାଣ୍ଡବାସୀଙ୍କ ତୁଳନାରେ ଶୀଘ୍ର ଏବଂ ଅଧିକ ବୟସ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ସମସ୍ୟାକୁ ଅନୁଭବ କରିଥାନ୍ତି । ଏହାସହ ବୃଦ୍ଧାବସ୍ଥା ପୂର୍ବରୁ ହିଁ ସେମାନେ ନକାରାତ୍ମକ ପ୍ରଭାବର ସମ୍ମୁଖୀନ ହୋଇଥାନ୍ତି । ଏହା ବାର୍ଦ୍ଧକ୍ୟଜନିତ ସମସ୍ୟାକୁ ନେଇ ପ୍ରଥମ ବୈଜ୍ଞାନିକ ଗବେଷଣା । ଦି ଲାସେଣ୍ଟ ପବ୍ଲିକ୍ ହେଲଥରେ ପ୍ରକାଶିତ ଗବେଷଣା ଅନୁସାରେ, ଏହି ଦେଶରେ ସବୁଠୁ ଅଧିକ ଏବଂ ସୁବୁଠୁ କମ୍ ବୟସର ଲୋକଙ୍କ ମଧ୍ୟରେ ପ୍ରାୟ ୩୦ ପ୍ରତିଶତ ଫରକ୍ ଥାଏ । ଗବେଷକମାନେ ଜାଣିବାକୁ ପାଇଛନ୍ତି, ଆନୁମାନିକ ୬୫ ବର୍ଷ ବୟସର କୌଣସି ବ୍ୟକ୍ତିକୁ ହେଉଥିବା ବୟସ ସମ୍ବନ୍ଧୀୟ ରୋଗ ଜାପାନ ଏବଂ ସ୍ୱିଜରଲ୍ୟାଣ୍ଡରେ ୭୬ ବର୍ଷୀୟ ବ୍ୟକ୍ତିଙ୍କ ନିକଟରେ ଦେଖିବାକୁ ମିଳିଥାଏ । ବିଶ୍ଳେଷଣରୁ ଏହାମଧ୍ୟ ଜଣାପଡ଼ିଛି, ଭାରତରେ ରହୁଥିବା ଲୋକଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ୬୦ ବର୍ଷ ଛୁଇଁବା ପୂର୍ବରୁ ହିଁ ଅନୁଭବ କରିସାରିଥାନ୍ତି । ଆମେରିକାର ୟୁନିଭର୍ସିଟି ଅଫ୍ ୱାଇଂଟନରେ ପୋଷ୍ଟଡକ୍ଟରାଲ ଗବେଷକ ଏଞ୍ଜେଲା ୱାଇ ଚାଙ୍ଗଙ୍କ ମତରେ, ଭାରତୀୟଙ୍କ ମଧ୍ୟରେ ଏଭଳି ସମସ୍ୟା ଭୋଗିବାର ପ୍ରଥମ କାରଣ ସେମାନଙ୍କ ପରିବର୍ତ୍ତିତ ଜୀବନଶୈଳୀ ଏବଂ ଚାକିରି ସମସ୍ୟା । ଏମାନେ ଖୁବ୍ ଶୀଘ୍ର କୌଣସି ନା କୌଣସି କଥାକୁ ନେଇ ତୁରନ୍ତ ଚିନ୍ତିତ ହୋଇପଡ଼ନ୍ତି । କିଛି ରୋଗ ହୋଇଥାଉ କି ନହୋଇଥାଉ, ସେ ବିଷୟରେ ଚିନ୍ତା କରି କରି ରୋଗିଣା ହୋଇସାରିଥାନ୍ତି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ସଚେତନଶୀଳ ରୂପରେଖ...

ସମାଜର ସବୁ ବର୍ଗ, ଅର୍ଥାତ୍ ଧନୀ-ନିର୍ଦ୍ଧନ, ଶିକ୍ଷିତ-ଅଶିକ୍ଷିତଙ୍କୁ ସମାନ ସୁଯୋଗ, ବିଶେଷକରି ଆର୍ଥିକ ଏ ସୁଯୋଗ ମିଳେ, ସେତେବେଳେ ସାମାଜିକ ଶୃଙ୍ଖଳା କ୍ୱଚିତ୍ ବ୍ୟାହତ ହୋଇଥାଏ । ତେବେ ଏହି ସୁଯୋଗ ପଛରେ ସବୁଠୁ ବଳିଷ୍ଠ ଅବଦାନ ରହିଥାଏ ଅର୍ଥର । ସେଥିପାଇଁ ସମ୍ଭବତଃ ଓଡ଼ିଆରେ କୁହାଯାଇଛି- ଆବେ ପରଶୁ ଯାବେ ପରଶୁ ବାବୁ ପରଶୁରାମ୍, ପୈସା କ୍ୟା ନକରେ କାମ୍ । ତେଣୁ ଦେଶର ଗରିବମାନଙ୍କ ପାଇଁ କାର୍ଯ୍ୟକାରୀ କରାଯାଉଥିବା ସାମାଜିକ କଲ୍ୟାଣମୂଳକ କାର୍ଯ୍ୟକ୍ରମଗୁଡ଼ିକର ମୌଳିକ ଉଦ୍ଦେଶ୍ୟ ହେଉଛି ସେମାନଙ୍କୁ ବିକାଶରେ ଅନ୍ତର୍ଭୁକ୍ତ ବା ସାମିଲ କରି ସେମାନଙ୍କ ଆର୍ଥିକ ପରିସ୍ଥିତିରେ ଉନ୍ନତି ଘଟାଇବା, ଯାହାକୁ ଅନ୍ୟ ଭାବରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ କୁହାଯାଉଛି । ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଜଣେ ଡେପୁଟି-ଗଭର୍ଣ୍ଣର ଦାବି କରିଛନ୍ତି ଯେ ରୁପରେଖ ଦୃଷ୍ଟିରୁ ଭାରତରେ ଆର୍ଥିକ ନୀତି ଆର୍ଥିକ ଦୃଷ୍ଟିରୁ ଅନ୍ତର୍ଭୁକ୍ତିମୂଳକ, ଯାହାର ଅର୍ଥ ହେଉଛି, ସମାଜରେ ଧନ ସମ୍ପଦ ଏବଂ ଆୟ ଦୃଷ୍ଟିରୁ ନିମ୍ନରେ ରହିଥିବା ଲୋକମାନଙ୍କ ନିକଟରେ ଆନୁଷ୍ଠାନିକ ବ୍ୟାଙ୍କରୁ ଅର୍ଥ ଲାଭ ନିମନ୍ତେ କ୍ରମବର୍ଦ୍ଧନଶୀଳ ସୁବିଧା ରହିଛି । ଆର୍ଥିକ ଅନ୍ତର୍ଭୁକ୍ତିକରଣର ସୂଚକାଙ୍କ ୨୦୧୯ ମାର୍ଚ୍ଚ ମାସରେ ୪୯.୯ ପ୍ରତିଶତ ଥିବା ବେଳେ ୨୦୨୧ ମାର୍ଚ୍ଚ ମାସ ସୁଦ୍ଧା ଏହା ବୃଦ୍ଧି ପାଇ ୫୩.୯ ପ୍ରତିଶତରେ ପହଞ୍ଚିଛି । ଉକ୍ତ ଡେପୁଟି-ଗଭର୍ଣ୍ଣର ଆଉ ପାଦେ ଆଗେଇ ଯାଇ ଏହା ମଧ ଦାବି କରିଛନ୍ତି ଯେ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ସହିତ ଯେତେ ଅଧିକରୁ ଅଧିକ ସଂଖ୍ୟକ ଲୋକ ଯୋଡ଼ିହେବେ, ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ସେତେ ସହଜ ହେବ ଏବଂ ଉତ୍ପାଦ କ୍ଷେତ୍ରରେ ରହିଥିବା ଅସ୍ଥିରତା ହ୍ରାସ ପାଇବ । ଯେତେବେଳେ ମୁଦ୍ରାସ୍ଫୀତିଜନିତ ଚାପ ଦରଦାମକୁ ବଢ଼ାଇ ଦିଏ, ଆରବିଆଇ ସୁଧହାରକୁ ବଢ଼ାଇ ସେଥ ପ୍ରତି ପ୍ରତିକ୍ରିୟା ପ୍ରକାଶ କରିଥାଏ । ଏହା ରଣ ପାଇଁ ଚାହିଦାକୁ ହ୍ରାସ କରାଏ ଏବଂ ଲୋକମାନଙ୍କୁ ମଧ ଅଧୁକ ସଞ୍ଚୟ କରି କମ୍ ଖର୍ଚ୍ଚ କରିବାକୁ ଅନୁପ୍ରେରିତ କରିଥାଏ । ଆର୍ଥିକ ଅନ୍ତର୍ଭୁକ୍ତିକରଣ ବିନା ଗରିବ ଲୋକମାନେ ଖାଦ୍ୟ ସାମଗ୍ରୀଗୁଡ଼ିକର ବର୍ଦ୍ଧିତ ଦରଦାମ୍ ଦ୍ୱାରା ପ୍ରତିବନ୍ଧକଗ୍ରସ୍ତ । ହୋଇଥାନ୍ତି, ଯାହା ସେମାନଙ୍କର ଆୟ ଓ କ୍ରୟ କରିବାର କ୍ଷମତାକୁ ପ୍ରତିକୂଳ ଭାବରେ ପ୍ରଭାବିତ କରିଥାଏ । ଏସବୁ ହୁଏତ କିଛି ମାତ୍ରାରେ ସତ୍ୟ ହୋଇପାରେ । କିନ୍ତୁ ଡେପୁଟି-ଗଭର୍ଣ୍ଣରଙ୍କ ଦ୍ୱାରା କରାଯାଉଥିବା ଦାବି ଭାରତରେ ପ୍ରକୃତରେ ଆର୍ଥିକ ଅନ୍ତର୍ଭୁକ୍ତିକରଣର ହାର କେତେ, ତାହା ସୁବ୍ୟବସ୍ଥିତ ଢଙ୍ଗରେ ବର୍ଣ୍ଣନା କରିବାର ଅପେକ୍ଷା ରଖିଛି । ଦେଶର ସବୁ ଲୋକ ସମ୍ପୂର୍ଣ୍ଣ ଭାବରେ ଅର୍ଥନୀତିକ ଲାଭ ନ ପାଇବା ପର୍ଯ୍ୟନ୍ତ ଆର୍ଥିକ ଅନ୍ତର୍ଭୁକ୍ତିକରଣର । ଉଦ୍ଦେଶ୍ୟ କ୍ୱଚିତ୍ ସଫଳ ହୋଇଛି ବୋଲି କୁହାଯାଇ ପାରିବ । ଭାରତରେ ଯେହେତୁ ଏହା ଏବେ ସୁଦ୍ଧା ହୋଇନାହିଁ, ତେଣୁ ଏହି ଉଦ୍ଦେଶ୍ୟ ହାସଲ କରିବାକୁ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଏବେ ମଧ ଆହୁରି ଅନେକ ଦୂର ଯାତ୍ରା କରିବାକୁ ବାକି ରହିଛି । ଏହାର ବାସ୍ତବତା ବିଶେଷକରି ଗ୍ରାମାଞ୍ଚଳରେ ବାସ କରୁଥିବା ଏବଂ କୃଷି କ୍ଷେତ୍ରରେ କାମ କରୁଥିବା ଲୋକମାନଙ୍କ କ୍ଷେତ୍ରରେ ଅନୁଭବ କରାଯାଇ ପାରେ । ବର୍ତ୍ତମାନ ସୁଦ୍ଧା ଆର୍ଥିକ ଅନ୍ତର୍ଭୁକ୍ତିକରଣ ଯେତିକି ବି ପ୍ରଗତି କରିଥାଉ ନା କାହିଁକି, ଆର୍ଥିକ କାରବାର କ୍ଷେତ୍ରରେ ସକ୍ରିୟ ରହିବାଠାରୁ ଦୂରରେ ରହିଛି । ଗ୍ରାମାଞ୍ଚଳରେ ରହିଥିବା ବ୍ୟାଙ୍କଗୁଡ଼ିକରେ ଅନେକ ସଂଖ୍ୟକ ଜମାଖାତା ତ ଖୋଲା ଯାଇଛି, କିନ୍ତୁ ସେଥି ମଧ୍ୟରୁ ଅଧିକାଂଶ କାର୍ଯ୍ୟକ୍ଷମ ନୁହେଁ; କେବଳ ଖାତାକୁ ବଜାୟ ରଖିବା ନିମନ୍ତେ ସେଗୁଡ଼ିକରେ ସର୍ବନିମ୍ନ ଅର୍ଥରାଶି ଜମା ରହିଛି ଯାହା ବ୍ୟାଙ୍କିଙ୍ଗ୍ ଉଦ୍ୟୋଗର ଔପଚାରିକତା, କାଗଜପତ୍ର କାମ, ପଦ୍ଧତି ତଥା ବ୍ୟାଙ୍କ କର୍ମଚାରୀମାନଙ୍କର ମନୋବୃତ୍ତ ଅଧିକାଂଶ ସାଧାରଣ ଲୋକଙ୍କ ନିମନ୍ତେ ରୁକ୍ଷ ଓ କର୍କଶ ରହିଛି । ତେଣୁ ବ୍ୟାଙ୍କକୁ ଯାଇ ଆର୍ଥିକ ଦେଣନେଣ ବା କାରବାର କରିବା ଏବେ ସୁଦ୍ଧା ଆଶାନୁରୂପ ହୋଇପାରି ନାହିଁ । ବ୍ୟାଙ୍କରେ କାରବାରର ମୌଳିକ କାର୍ଯ୍ୟ ହେଉଛି ଅର୍ଥ ଜମା କରିବା ବା ବ୍ୟାଙ୍କରୁ ଅର୍ଥ ଉଠାଇବା । ଏଇ ସାଧାରଣ କାର୍ଯ୍ୟ କରିବା ଯଦି ଜଣେ ସାଧାରଣ ଲୋକ ପକ୍ଷେ କଷ୍ଟକର ବା ବିରକ୍ତିକର ହେଉଛି, ତା'ହେଲେ ବ୍ୟାଙ୍କରୁ ରଣ କରିବା କେତେ କଷ୍ଟକର ହେଉଥିବ, ତାହା ସହଜରେ ଅନୁମାନ କରାଯାଇପାରେ । ସାଧାରଣ, ସମ୍ଭବତଃ ଅଶିକ୍ଷିତ, ଚାଷୀ, ଭାଗଚାଷୀ ବା ଭୂମିହୀନ ଶ୍ରମିକଟିଏ ପାଇଁ ବ୍ୟାଙ୍କର ନିୟନ୍ତ୍ରଣକାରୀ ଆବଶ୍ୟକତାଗୁଡ଼ିକ ଧୀମା ଓ କଠିନ, ଏମିତିକି ଡରାଇ ଦେବା ଭଳି ମଧ, ଯଦିଓ ଏହା ପଛରେ ରହିଥିବା ଉଦ୍ଦେଶ୍ୟଟି ହେଉଛି, କ୍ଷେତ୍ର ସ୍ତରରେ ସୁବିଧାବାଦୀ ବ୍ୟବହାର ପ୍ରଦର୍ଶନ କରିବାରୁ ବିରତ କରିବା ନିମନ୍ତେ ସେମାନଙ୍କୁ ଯେତେଦୂର ସମ୍ଭବ ସେତେ ଶୃଙ୍ଖଳିତ କରିବା ତଥା ଗରିବରୁ ଅତି ଗରିବ ଲୋକମାନଙ୍କୁ ରଣ ଦେଇ ଅଚଳ-ସମ୍ପତ୍ତିକୁ କମ୍ କରିବା । ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ପ୍ରଭାବଶାଳୀ ଅଭିବୃଦ୍ଧି ଏବଂ ଏହି ଗୋଷ୍ଠୀମାନଙ୍କୁ ବ୍ୟାଙ୍କ ସହିତ ସଂଯୋଗ କରିବା ନିମନ୍ତେ ସକ୍ରିୟ ଉଦ୍ୟମ କରାଯାଉଥିବା ସତ୍ତ୍ୱେ ଯଦି ଜଣେ କେତେ ସଂଖ୍ୟକ ନୂଆ ଜମାଖାତା ଖୋଲା ଯାଇଛି, ସେ ସମ୍ପର୍କିତ ଯାନ୍ତ୍ରିକ ପରିସଂଖ୍ୟାନଠାରୁ ଆଉ ଟିକେ ଆଗକୁ ଯାଇ ସେହି ଖାତାଗୁଡ଼ିକର କାରବାରକୁ ଲକ୍ଷ୍ୟ କରେ, ତା' ହେଲେ ସହଜରେ ଜାଣି ପାରିବେ ଯେ ସେଗୁଡ଼ିକ ସନ୍ତୋଷଜନକ ହେବାଠାରୁ ବହୁ ଦୂରରେ ସଚେତନଶୀଳ ରୂପରେଖ ଜରିଆରେ ଏହାକୁ ଅନ୍ତର୍ଭୁକ୍ତିକରଣ ଆର୍ଥିକ ନୀତି କହିବା ହୁଏତ କେତେକାଂଶରେ ଅପରିପକ୍ୱତା ହୋଇପାରେ ।

# ଚୀନର ଋଣଯନ୍ତ୍ର

ସୌମେନ୍ଦ୍ର ଜେନା

ଚୀନର ବିଦେଶୀ ବାଣିଜ୍ୟର ଏକ ବଡଅଂଶ ଆଫ୍ରିକା ମହାଦେଶ ସହ ଯୋଡି ହୋଇ ରହିଛି । ଆଫ୍ରିକାର ଦେଶଗୁଡିକରେ ଚୀନ ବହୁ ଋଣ ପ୍ରଦାନ କରିଛି । ୨୦୨୧-୨୫ ମଧ୍ୟରେ ଏହିସବୁ ରାଷ୍ଟ୍ରଗୁଡିକୁ ଋଣ ସୁଝିବା ପାଇଁ ୨୮୫ ବିଲିଅନ ଡଲାର ଆବଶ୍ୟକ ହେବ ବୋଲି ବିଶ୍ୱ ମୁଦ୍ରାପାଣ୍ଠି ପ୍ରକାଶ କରିଛି । ଏହି ମହାଦେଶର ୩୨ଟି ଦେଶ ଚୀନା ଋଣଜାଲରେ ପଡିଛନ୍ତି । ଚୀନ ପୃଥିବୀର ୭୨ଟି ଦୁର୍ବଳ ଦେଶକୁ ଋଣ ଦେଇଥିଲା ବେଳେ କେବଳ ଆଫଗାନିସ୍ଥାନ, ଭୁଟାନ, କୋସୋଭୋ, ମାଲଡୋଭା, ତିମୋର-ଲିଷ୍ଟେ ଋଣ ନେଇ ନାହାନ୍ତି । କେନ୍ଦ୍ର ଆଫ୍ରିକାର ୧୮ ପ୍ରତିଶତ, କେନିଆରେ ୨୭ ପ୍ରତିକାର, ମୋଜାମ୍ବିକର ୧୮ ପ୍ରତିଶତ, ଜିମ୍ବାୱେର ୨୫ ପ୍ରତିଶତ, ଜାମ୍ବିଆର ୨୬ ପ୍ରତିଶତ ଋଣ କେବଳ ଚୀନ ପ୍ରଦତ୍ତ ଜିବୋତି (୫୭%), ଟୋଙ୍ଗା (୫୬%), କଙ୍ଗୋ (୪୫%), କାମେରୁନ (୩୨%), ଇଥିଓପିଆ (୩୨%) ଚୀନରୁ ମଧ ବହୁ ପରିମାଣର ଋଣ ନେଇଛନ୍ତି । ଯେଉଁଥିପାଇଁ କୋରୋନା କାଳରେ ଏହିସବୁ ଦେଶ ଋଣ ଛାଡ କିମ୍ବା ସୁଧ ଛାଡିବା ପାଇଁ ଯୁକ୍ତି ବାଢିବାସହ ପ୍ରକଳ୍ପଗୁଡିକ ବନ୍ଦ କରିବାକୁ ବାଧ୍ୟ ହୋଇଛନ୍ତି । ଘାନାରେ ଚୀନର ବେଜିଂ ଏଭ୍ରିୱେ ଟ୍ରାଫିକ୍ ଏଣ୍ଡ ଲାଇଟିଂ କମ୍ପାନୀ ଦେଶର ଟ୍ରାଫିକ୍ ବ୍ୟବସ୍ଥାକୁ ଠିକଣା କରିବାକୁ ଠିକା ନେଇ ଏବେ ୫୫ ମିଲିଅନ ଡଲାର ପାଇବାକୁ ଦାବି କରୁଛି, ଯାହାକୁ ଘାନା ସରକାର ଦେବାକୁ ଅସମର୍ଥ ହୋଇଛନ୍ତି । ସେମିତି ବର୍ତ୍ତମାନର କଙ୍ଗୋ ରାଷ୍ଟ୍ରପତି ଫେଲିକ୍ସ ସିସେକେଡି ୨୦୦୮ରେ ଚୀନ ସହ ହୋଇଥିବା ଖଣି ଉତ୍ଖନନ ରାଜିନାମାର ସମୀକ୍ଷା କରିବାକୁ କହିଛନ୍ତି । ୨୦୦୮ରେ ଜୋସେଫ କାବିଲା କଙ୍ଗୋର ରାଷ୍ଟ୍ରପତି ଥିଲାବେଳେ ଚୀନା କମ୍ପାନୀ ସିନୋ ହାଇଡ୍ରୋ କର୍ପ ଏବଂ ଚୀନ ରେଲୱେ ଗ୍ରୁପ ସହ ସଡକ ନିର୍ମାଣ, ସେତୁ ଓ ଡାକ୍ତରଖାନା ନିର୍ମାଣ ପାଇଁ ବୁଝାମଣା ହୋଇଥିଲା । ପ୍ରକଳ୍ପର ସ୍ୱରୂପ ଏବେ ଦେଖିବାକୁ ମିଳୁନାହିଁ । ଋଣର ସୁଧହାର ଅଧିକ ରହିଥିବା ନେଇ ଦେଶରେ ଅଭିଯୋଗ ଉଠିଛି । ସେମିତି ୨୦୨୦ ଜୁଲାଇରେ କେନିଆର ଏକ ଉଚ୍ଚ ଅଦାଲତ ଚୀନ ସହ ହୋଇଥିବା ୩.୨ ବିଲିଅନ ଡଲାର ବୁଝାମଣାକୁ ନିଜ ରାୟରେ ଅକାମୀ କରିଥିଲେ । ଷ୍ଟାଣ୍ଡାର୍ଡ ଗଜ୍ ରେଳପଥ ନିର୍ମାଣ ପାଇଁ ହୋଇଥିବା ପ୍ରକଳ୍ପକୁ ଅଦାଲତ ବେଆଇନ ଘୋଷଣା କରିଥିଲେ । ୨୦୧୧ରୁ ୨୦୨୦ ମଧ୍ୟରେ ଚାଇନା ଡେଭଲପମେଣ୍ଟ ବ୍ୟାଙ୍କ ଆଙ୍ଗୋଲାକୁ ୯୦ ପ୍ରତିଶତ ଋଣ ପ୍ରଦାନ କରିଛି, ଯାହା ସୁଝିବାକୁ ଆଙ୍ଗୋଲା ଆଦୌ ସମର୍ଥ ହେଲାପରି ଜଣାପଡୁନାହିଁ । ୨୦୦୦ରୁ ୨୦୧୯ ମଧ୍ୟରେ ଆଫ୍ରିକାରେ ମୋଟ ୧୦୪୧ଟି ପ୍ରକଳ୍ପ ପାଇଁ ଚୀନା ନିବେଶକମାନେ ବୁଝାମଣା କରିଥିଲେ । ୨୦୧୬ ବେଳକୁ ଚୀନର ଋଣ ଆଫ୍ରିକାରେ ଶିଖର ଛୁଇଁଥିଲା (୩୦ ବିଲିଅନ) ଯାହା ୨୦୧୮ ବେଳକୁ ବେଶ୍ ତଳକୁ ଖସିଥିଲା (୫ ବିଲିଅନ ଡଲାର) । ଆଫ୍ରିକାରେ ଦୁର୍ବଳ ସରକାର, ଦୁର୍ବଳ ଭିତ୍ତିଭୂମି, ଅଳ୍ପ ରୋଜଗାର ଥିବାରୁ ତୈଳ, ଗ୍ୟାସ୍, ଖଣିଜଦ୍ରବ୍ୟ, ମୂଲ୍ୟବାନ ଖଣିଜ ଦ୍ରବ୍ୟ ହାତେଇବା ଲକ୍ଷ୍ୟରେ ଚୀନ ସେଠାରେ ଋଣ ପ୍ରଦାନ କରିଆସିଛି । ଆଦିସଆବାଠାରେ ଆଫ୍ରିକାନ୍ ୟୁନିଅନର କାର୍ଯ୍ୟାଳୟ ଉପହାର ଦେଇ ଚୀନ ସରକାର ସମସ୍ତ ତଥ୍ୟ ସାଂଘାଇର ସର୍ଭରକୁ ଆଣୁଥିବା ବିଷୟ ଫ୍ରାନ୍ସର ଲେ ମଣ୍ଡେରେ ପ୍ରକାଶ ପାଇଥିଲା । ଜିବୁତିରେ ଚୀନ ସରକାର ୨୦ ମିଲିଅନ ଦେଇ ନୌସେନାଘାଟୀ ନିର୍ମାଣ କରି ୧୦୦୦ଯବାନଙ୍କୁ ଅବସ୍ଥାପିତ କରିଛନ୍ତି । ଜିବୁତି ସରକାର ଚୀନର ଋଣ ସୁଝିବା ସହଜ ହେବନାହିଁ ବୋଲି ସେଠାକାର ଅଧିକାରୀ ପ୍ରକାଶ କରିଛନ୍ତି । ୨୦୧୩ରେ ଜିନପିଙ୍ଗ୍ ବିଆରଆଇ ପ୍ରକଳ୍ପ ଘୋଷଣା କରି ଇଥିଓପିଆକୁ ୧୧ ବିଲିଅନ ଡଲାରର ଋଣ ଫେସନ ଶିଳ୍ପ, ଇଲେକଟ୍ରୋନିକ୍ସ ଶିଳ୍ପ, ଭିତ୍ତିଭୂମି ବିକାଶ ପାଇଁ ଦେଇଥିଲେ । ୨୦୧୪ରେ ୪ଟି ଫେସନ ପାର୍କ ଖୋଲିଥିଲା ଏବଂ ୨୦୨୦ ପୂର୍ବରୁ ୮ଟି ଅଧିକ ଖୋଲିବ ବୋଲି କୁହାଯାଉଥିଲା । ହେଲେ ଦେଶର ଚାଷୀଙ୍କ ଜମି ଜବରଦସ୍ତ ଦଖଲ କରାଯାଇ ସେମାନଙ୍କୁ ଉଚିତ୍ କ୍ଷତିପୂରଣ ବିନା ବେଦଖଲ କରାଯାଉଥିବା ନେଇ ସେଠାରେ ଅଭିଯୋଗ ଉଠିଛି । ଆଫ୍ରିକାର ଅନେକ ରାଷ୍ଟ୍ରରେ ଆଫ୍ରିକୀୟଙ୍କ ପ୍ରତି ଚୀନା କର୍ମଚାରୀଙ୍କ ବ୍ୟବହାରକୁ ନେଇ ସଂଘର୍ଷ ହୋଇଛି । କେତେକ ଦେଶରେ ଚୀନାମାନଙ୍କୁ ଦେଶ ଛାଡି ଚାଲିଯିବା ପାଇଁ କୁହାଯାଇଛି । ଆଫ୍ରିକୀୟ ଜନସାଧାରଣ ଏବେ ଚୀନା କମ୍ପାନୀଙ୍କୁ ଶୋଷଣକାରୀ ଦୃଷ୍ଟିରେ ଦେଖୁଥିବା ହେତୁ ସେଠାକାର ସରକାରମାନେ ଚୀନାଋଣରୁ ମୁକ୍ତ ହେବାକୁ ପ୍ରୟାସ ଆରମ୍ଭ କରିଛନ୍ତି । କେତେକ ମୂଳ ଋଣ ସୁଝିବାରେ ହ୍ରାସ କରିବାକୁ ଚୀନା କର୍ତ୍ତୃପକ୍ଷଙ୍କ ଉପରେ ଚାପ ପକାଉଛନ୍ତି । ଏସବୁ ଦୃଷ୍ଟିରୁ ଅନେକ ଚୀନା ଅର୍ଥ ବିଦେଶରେ ବୁଡିବା ଏକପ୍ରକାର ନିଶ୍ଚିତ ।

ଉଗାଣ୍ଡାର ଇଣ୍ଟେବେ ଆନ୍ତର୍ଜାତିକ ବିମାନ ବନ୍ଦରକୁ ଚୀନ ଦଖଲ କରିବାର ସମ୍ଭାବନା ସ୍ପଷ୍ଟ ହୋଇଯାଇଛି । ଦେଶର ଅର୍ଥମନ୍ତ୍ରୀ ମାଟିଆ କାସାଇଜା ନିକଟରେ ଏଥିପାଇଁ ସଂସଦରେ ସମସ୍ତଙ୍କୁ କ୍ଷମା ମାଗିଛନ୍ତି । ଚୀନଠାରୁ ୨୦୭ ମିଲିଅନ ଡଲାର ୨୦୧୫ରେ ଋଣରେ ଆଣିଥିବା ବର୍ତ୍ତମାନର ମୁସାଭେନି ସରକାର କିପରି ଦେଶର ସ୍ୱାର୍ଥ ବିରୋଧରେ ଯାଇ ସର୍ତ୍ତାବଳୀକୁ ଗ୍ରହଣ କରିଥିଲେ ତାର ପରିଣାମ ସ୍ୱରୂପ ବର୍ତ୍ତମାନର ବିମାନବନ୍ଦର ଚୀନ ହାତକୁ ଦବା । ଦେଶର ରାଷ୍ଟ୍ରପତି ୟୁୱେରି ମୁସାଭେନି କ୍ଷତିକାରକ ସର୍ତ୍ତାବଳୀର ପୁନଃ ବୁଝାମଣା ପାଇଁ ମାର୍ଚ୍ଚ ୨୦୨୧ରେ ବେଜିଂକୁ ଯେଉଁ ପ୍ରତିନିଧିଦଳ ପଠାଇଥିଲେ ସେମାନେ ଖାଲି ହାତରେ ଫେରିଆସିଥିଲେ । କାରଣ ଚୀନ କର୍ତ୍ତୃପକ୍ଷ ମୂଳ ସର୍ତ୍ତାବଳୀରେ କୌଣସି ପ୍ରକାର ସଂଶୋଧନ କିମ୍ବା ପରିବର୍ତ୍ତନ କରିବାକୁ ମନା କରିଥିଲେ ।

୧୭ନଭେମ୍ବର ୨୦୧୫ରେ ଉଗାଣ୍ଡା ସରକାରଙ୍କ ଅର୍ଥ ବିଭାଗ ଓ ବେସାମରିକ ବିମାନ ଚଳାଚଳ ସଂସ୍ଥାର ପ୍ରତିନିଧିଗଣ ଚୀନର ଏକ୍ସପୋର୍ଟ ଇମ୍ପୋର୍ଟ ବ୍ୟାଙ୍କ ସହ ୨% ସୁଧରେ ୨୦ବର୍ଷ ପାଇଁ ୨୦୭ ମିଲିଅନ ଡଲାରର ଋଣ ନେଇଥିଲେ । ସୁଝିବାକୁ ଚାହିଁଲେ ଅଧିକ ୭ବର୍ଷ ସମୟ ନେଇପାରିବେ ବୋଲି ସର୍ତ୍ତ ରହିଥିଲା । ଅନ୍ୟଥା ଚୀନକୁ ଉଗାଣ୍ଡାର ବିମାନ ବନ୍ଦର ସହ ଅନ୍ୟାନ୍ୟ ସଂପତ୍ତି ହସ୍ତାନ୍ତରିତ ହେବ ବୋଲି ସର୍ତ୍ତାବଳୀରେ ଉଲ୍ଲେଖ ରହିଥିଲା । ଏହି ଋଣ ସୁଝିବାକୁ ବର୍ତ୍ତମାନ ସରକାର ଅସମର୍ଥ ଥିବାରୁ ସର୍ତ୍ତାବଳୀରେ ପରିବର୍ତ୍ତନ କରିବାକୁ ଚାହୁଁଥିଲେ । ତେବେ ୧୯୮୬ରୁ ଉଗାଣ୍ଡାର କ୍ଷମତାରେ ରହିଆସିଥିବା ମୁସାଭେନି ବର୍ତ୍ତମାନର ସଙ୍କଟରୁ ନିଜକୁ ଅଲଗା କରିପାରିବେ ନାହିଁ । ତାଙ୍କ ସରକାରର ମୂର୍ଖତା ଯୋଗୁ ଉଗାଣ୍ଡା ଏବେ ଚୀନ ଦଖଲକୁ ଯିବା ନିଶ୍ଚିତ । ଶେଷକୁ ଏହା ହେଲେ ଆଫ୍ରିକା ମହାଦେଶରେ ଚୀନ ଉପନିବେଶର ବିଜୟ ପତାକା ଉଡିବ ଯାହାକୁ ଦେଶର ବିରୋଧୀ ଦଳ ଏବଂ ଜନସାଧାରଣ ବିରୋଧ କରୁଛନ୍ତି । କାରଣ ବିମାନବନ୍ଦର ଦେଇ ବାର୍ଷିକ ୧୯ଲକ୍ଷ ଯାତ୍ରୀ ବିଦେଶକୁ ଯିବା ଆସିବା କରିଥାନ୍ତି ।

ଅନ୍ୟ ଏକ ଘଟଣାରେ ଦକ୍ଷିଣ ପ୍ରଶାନ୍ତ ମହାସାଗର ଅନ୍ତର୍ଗତ ସୋଲୋମନ ଦ୍ୱୀପପୁଞ୍ଜରେ ଚୀନକୁ କେନ୍ଦ୍ରକରି ପ୍ରବଳ ଜଳାପୋଡା ଘଟଣା ଓ ଦଙ୍ଗାଗୋଳ ୨୪ ନଭେମ୍ବର ୨୦୨୧ରେ ଘଟିଛି । ଦେଶର ପ୍ରଧାନମନ୍ତ୍ରୀ ମାନାସେ ସୋଗାଭାରେଙ୍କ ତାଇୱାନ ସହ ସଂପର୍କ ଛିନ୍ନ କରି ଚୀନ ସହ କୂଟନୀତିକ ସଂପର୍କ ସ୍ଥାପନାକୁ ବିରୋଧ କରି ଦେଶର ଜନସାଧାରଣ ବିକ୍ଷୋଭ କରିବା ସହ ପ୍ରବଳ ପୋଡାଜଳା କରିଛନ୍ତି । ଫଳରେ ରାଜଧାନୀ ହୋନିଆରାରେ ୩୬ଘଣ୍ଟା ପାଇଁ ଲକ୍‌ଡାଉନ୍ ଘୋଷଣା କରାଯାଇଛି । ବିକ୍ଷୋଭକାରୀମାନେ ଦେଶର ସଂସଦ ଭବନ ନିକଟସ୍ଥ କୋଠାଗୁଡିକରେ ନିଆଁ ଲଗାଇ ଦେଇଛନ୍ତି, ଦେଶରେ ବିକାଶମୁଖୀ କାର୍ଯ୍ୟ ନହେବା ଏବଂ ବ୍ୟାପକ ଦୁର୍ନୀତିର ଲୋକେ ବିରୋଧ କରିବା ସହ ତାଇୱାନ ସହ କୂଟନୀତିକ ସଂପର୍କକୁ ବଳବତ୍ତର ରଖିବାକୁ ଦାବି କରିଛନ୍ତି । ଶାନ୍ତିରକ୍ଷା ପାଇଁ ଅଷ୍ଟ୍ରେଲିଆ ଯବାନ ଏବଂ ଫେଡେରାଲ ପୋଲିସ ସୋଲୋମନରେ ପହଞ୍ଚିଛନ୍ତି । ସୋଲୋମନ ସରକାରଙ୍କ ସହ ରୟାଲ ସୋଲୋମନ ପୋଲିସ ବାହିନୀ ଥିଲାବେଳେ ଚୀନ ସରକାରଙ୍କ ସମର୍ଥନ ରହିଛି । ବିରୋଧୀଦଳ ନେତା ମାଥ୍ୟୁ ୱାଲେ ପ୍ରଧାନମନ୍ତ୍ରୀ ସୋଗାଭରେଙ୍କ ଇସ୍ତଫା ଦାବି କରିଛନ୍ତି । ଚାଇନା ଟାଉନରେ ବିକ୍ଷୋଭକାରୀମାନେ ନିଆଁ ଲଗାଇଦେବା ସହ ଲୁଟ କରି ନେଇଛନ୍ତି । ଏହି ଘଟଣା ପରେ କର୍ଫ୍ୟୁ ଜାରି ହୋଇଛି । ୧୫ଟି ଦେଶ ତାଇୱାନ ସହ କୂଟନୀତିକ ସଂପର୍କ ରଖିଥିଲାବେଳେ ସେପ୍ଟେମ୍ବର ୨୦୧୯ରେ ସୋଲୋମନ ଓ କିରିବାଟୀ ତାଇୱାନ ସହ ସଂପର୍କ ଛିନ୍ନ କରି ଚୀନ ସହ ଯୋଡି ହୋଇଥିଲେ । ଏହି ଦ୍ୱୀପପୁଞ୍ଜ ଦେଶକୁ ୫୦୦ ମିଲିଅନ ଡଲାର ସାହାଯ୍ୟ ଦେବାଲାଗି ଚୀନ ସରକାର ପ୍ରତିଶ୍ରୁତି ଦେଇ ୨୦୧୯ରେ ସୋଗାଭାରେଙ୍କ ସରକାରଠାରୁ ସହମତି ଲାଭ କରିଥିଲେ, ଯାହାକୁ ଜନସଂଖ୍ୟା ବହୁଳ ମାଲାଇତା ପ୍ରଦେଶ ଲୋକେ ବିରୋଧ କରିଥିଲେ । କେନ୍ଦ୍ର ସରକାରଙ୍କ ଅବହେଳାର ଶିକାର ହେବାପରେ ମାଲାଇତା ପ୍ରଦେଶକୁ ଅକ୍ଟୋବର ୨୦୨୦ରେ ଆମେରିକାର ଆନ୍ତର୍ଜାତିକ ବିକାଶ ସଂସ୍ଥା ୨୫ ମିଲିଅନ ଡଲାର ସହାୟତା ଘୋଷଣା କରିଥିଲା । ଏହି ସହାୟତା ୨୦୦ ମିଲିଅନ ଡଲାରର ଅଂଶବିଶେଷ, ଯାହାକି ଭିନ୍ନ ଭିନ୍ନ ଭାରତ-ପ୍ରଶାନ୍ତ ମହାସାଗରୀୟ ରାଷ୍ଟ୍ରରେ ବିକାଶ ପାଇଁ ଖର୍ଚ୍ଚ କରାଯିବ । ମାଲାଇତା ପ୍ରଦେଶ ସରକାର ତାଇୱାନ ସହ ସଂପର୍କ ରଖିଥିବା ସତ୍ତ୍ୱେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି ଏଥିପାଇଁ ଗଣଭୋଟ କରିବାକୁ ଦାବି କରିଛନ୍ତି । ଗଣଭୋଟ ହେଲେ ମାଲାଇତା ଜନତାଙ୍କ ସଂଖ୍ୟା ବହୁଳ ମତରେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିର ପରାଜୟ ହେବ ବୋଲି ପ୍ରଧାନମନ୍ତ୍ରୀ ସୋଗାଭାରେ ଜାଣିଛନ୍ତି । ତେଣୁ ସେ ଏହି ସମସ୍ୟା ପଛରେ ବିଦେଶୀ ଶକ୍ତିଙ୍କ ହାତ ରହିଥିବା ନେଇ ଅଭିଯୋଗ କରିଛନ୍ତି ।

ଭାରତୀୟ ସମ୍ବାଦ ସେବା (ଭାସ୍)

ଭୁବନେଶ୍ୱର-୭୫୧୦୦୩

# ଅଭୟଙ୍କ ନିଯୁକ୍ତି ସରକାରଙ୍କ ନୀତି ନା ଇଚ୍ଛା



ସୁବ୍ରତ କର

ଆମର ପୂର୍ବତନ ଡି.ଜି ନିଶ୍ଚିତ ଭାବରେ ଖୁବ ଭାଗ୍ୟବାନ ଲୋକ । ଆଜି ଚାକିରୀ କାଳ ସରିଲା ଏବଂ ପରଦିନ ପ୍ରାୟ ସମାନ ବା ଉର୍ଦ୍ଧ୍ୱ ପଦବୀରେ ସରକାରଙ୍କ ତରଫରୁ ନାର୍କୋଟିକ୍ସ ଏବଂ ଡ୍ରଗ୍ସ ଟାସ୍କ ଫୋର୍ସର ଅଧକ୍ଷ ପଦରେ ଅବସ୍ଥାପିତ କରାଗଲା । ଏପରି ନିଯୁକ୍ତି ପ୍ରଥମବାର ନୁହଁ । ପୂର୍ବରୁ ବାରମ୍ବାର ହୋଇଛି ଏବଂ ଯେଉଁ ପଦସ୍ଥ ଅଫିସରମାନେ ସରକାରଙ୍କ କଥାକୁ ବା ସରକାରଙ୍କ ହୋଇ କାମ କରୁଛନ୍ତି ଏମିତି ସରକାରଙ୍କ ତରଫରୁ ଭେଟି ମିଳୁଛି । ଏହା ଏକ ନିଶ୍ଚିତ ଭାବରେ ଖରାପ ପରମ୍ପରା ସୃଷ୍ଟି କରୁଛି । ଏହା ଖାଲି ଆମ ରାଜ୍ୟରେ ନୁହଁ ଦିଲ୍ଲୀରେ ମଧ ଏବଂ ଅନ୍ୟାନ୍ୟ ରାଜ୍ୟରେ ମଧ । ଯେଉଁ ରାଜ୍ୟ ବା ଦେଶରେ ଲକ୍ଷ ଲକ୍ଷ ଇଂଜିନିୟର ଅଧ୍ୟାପକ ଏବଂ ତା' ତଳ ପଦବି ଗୁଡ଼ିକ ବର୍ଷ ବର୍ଷ ଖାଲି ପଡୁଛି, ଏତିକି ପିଲାଙ୍କୁ ପାଠ ପଢ଼ାଇବା ପାଇଁ ସ୍କୁଲରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅଭାବ, ରୋଗି ଦେଖିବା ଡାକ୍ତରଙ୍କ ଅଭାବ ଏବଂ ଆହୁରି ଦୁଃଖର କଥା ମେଡିକାଲ କଲେଜଗୁଡ଼ିକରେ ହାର୍ଟ, କ୍ୟାନସର ସ୍ନାୟୁ ରୋଗ ଭଳି ମାରାତ୍ମକ ରୋଗୀଙ୍କ ପାଇଁ ଡାକ୍ତର ସରକାର ଯୋଗାଇ ପାରୁନାହାନ୍ତି ବା ସୃଷ୍ଟି କରିପାରୁ ନାହାନ୍ତି ସେଠାରେ ବଡ଼ ବଡ଼ିଆଙ୍କୁ ଠିକଣା ଯାଗାରେ ରଖି ପାରୁଛନ୍ତି, ଠିକଣା ସମୟରେ । କାମ କଣ ହେବ ସେ ପଛକଥା । ଇଂଜିନିୟର ମାନେ (ବି.ଟେକ) ପାଶ କଲା ପରେ ଚାକିରି ଖୋଜି ଖୋଜି ଶେଷରେ ଚାହା ଦୋକାନ, ପାନ ଦୋକାନ କରୁଛନ୍ତି ଏବଂ କଲେଜ ଗୁଡ଼ିକରେ ହଜାର ହଜାର ସିଟ ଫାଙ୍କା ପଡୁଛି ତା'ର ବ୍ୟବସ୍ଥା କରିବାର ନାହିଁ । ଏହାର ଉତ୍ତର ସାଧାରଣ ଜନତାଙ୍କୁ ଦେଇ ପାରିବେ କି ? ଯେଉଁ ମାନଙ୍କୁ ଦ୍ୱିତୀୟ ଥର ପାଇଁ ଚାକିରୀରେ ବହାଲ କରାହେଉଛି ଯେ ତାଙ୍କଛଡ଼ା ଏହି ପଦବୀକୁ ଆଉ କେହି ସମ୍ଭାଳି ପାରିବେ ନାହିଁ । ଜବହରଲାଲ ନେହେରୁ ୧୬ ବର୍ଷ ପାଖାପାଖି ପ୍ରଧାନମନ୍ତ୍ରୀ ହେଲା ପରେ ସମସ୍ତେ କହୁଥିଲେ After Neheru who ? କିନ୍ତୁ ପରେ ଯେତେବେଳେ ଲାଲ ବାହାଦୁର ଶାସ୍ତ୍ରୀ ଦାୟିତ୍ୱ ନେଲେ ଏବଂ ପରେ ପରେ ଦେଢ଼ବର୍ଷ ପ୍ରଧାନମନ୍ତ୍ରୀ କରିଛନ୍ତି ଏବଂ ଯେଉଁ ଆଦର୍ଶ ଦେଖେଇ ଦେଇ ପାରିଛନ୍ତି ଏହା ସ୍ୱର୍ଣ୍ଣାକ୍ଷରରେ ଇତିହାସରେ ଲିପିବଦ୍ଧ । ସରକାର ଜାଣିବା ଦରକାର ଈଶ୍ୱର ଜଣକ ପରେ ଜଣକୁ ଠିକ୍ କରି ରଖିଥାଆନ୍ତି । ଜନ ସାଧାରଣ କାହାରି ଅଭାବ ବୁଝି ପାରିବେ ନାହିଁ । ସରକାର ଜାଣନ୍ତୁ ଜନସାଧାରଣଙ୍କୁ ଏହିପରି ନିଯୁକ୍ତି କେଉଁ ସ୍ତରରେ କେତେ ଲୋକଙ୍କୁ ରଖା ହୋଇଛି କାରଣ ମୁଖ୍ୟମନ୍ତ୍ରୀ ପଦରେ ରହିବା ମାନେ ଖୁବ୍ କମରେ ୨ଲକ୍ଷ ଟଙ୍କା ଦରମା ଏବଂ ଏହି ଟଙ୍କାରେ ୨୫ ଜଣ ବି.ଟେକ୍ ପାସ କରିବା ପିଲାଙ୍କୁ ରଖିପାରନ୍ତେ ।







## ପଞ୍ଚଦେବ

ଶିବ ପ୍ରସାଦ ବାହିନୀପତି

ଗଣପତି ଗଜାନନ ଗରବ ଗଞ୍ଜନ
ଗୁଣନିଧି ଗୁଣବାନ ଗୁଣରେ ଗହନ ।
ଗଣକ୍ରୀଡ଼ୋ ଗଣଙ୍କ ଗର୍ବ ଗାରିମା ଗ୍ରାସ
ଗିରିବାସୀ ଗୁରୁଦେବ ଗଣଙ୍କର ଈଶ ।

ନମୋ ନାରାୟଣ ନରୋତ୍ତମ ନନ୍ଦସୂତ
ନିରାକାର ନଭବର୍ଣ୍ଣ ନରଙ୍କର ନାଥ ।
ନରହରି ନରସିଂହ ନାରଦ ନରେଶ
ନରଖେଦ ନାଶ କର ନୀଳାଞ୍ଚଳ ନାଥ ।

ରୁଦ୍ର ରାମେଶ୍ୱର ରାସେଶ୍ୱର ରକ୍ଷନାଥ
ରୁଦ୍ରାକ୍ଷ ରଞ୍ଜନ ରଜତଗିରି ରକ୍ଷକ ।
ରତ୍ନ ରଞ୍ଜିତ ରୌପ୍ୟାଙ୍ଗ
ରାଜ ରାଜେଶ୍ୱର
ରକ୍ଷଣେ ରଖନ୍ତୁ ରାମେଶ୍ୱର ରୁଦ୍ରେଶ୍ୱର ।

ଅମ୍ବା ଅମ୍ବିକା ଅଶେଷ ଅଭୟା ଅମାପ
ଅଶ୍ରୁନାଶିନୀ ଅପୂର୍ବା ଅମ୍ବାଳିକା ଅଟ ।
ଅହମିକାନ୍ଧକାର ଅଦୃଶ୍ୟତା ଅପର୍ଣ୍ଣା
ଅଜର ଅମର ଅର୍ଦ୍ଧଚନ୍ଦ୍ର ଅର୍ଣ୍ଣପୂର୍ଣ୍ଣା ।

ଭଦ୍ରାଭିରାମ ଭଦ୍ର ଭୂଷଣ ଭଦ୍ରେଶ୍ୱର
ଭକ୍ତର ଭଗବାନ ଭଜ ଭୁବନେଶ୍ୱର ।
ଭବଭୂମି ଭେଦି ଭାର ଭ୍ରଷ୍ଟି ଭକ୍ତେଶ୍ୱର
ଭାବ ଭର ଭକ୍ତି
ଭର ଭୂଲୋକେ ଭାସ୍କର ।

ପଞ୍ଚଦେବ ପୟରେ ପ୍ରଣମୁଛି ପାପୀଷ୍ଠ
ପାପ ପାରାବାରେ ପାପ ପୂରିଛି ପ୍ରଚଣ୍ଡ ।
ପାପ ପୁଷ୍କରିଣୀରେ ପୂରାଅ ପୁଣ୍ୟ ପଙ୍କ
ପରମ ପୂଜ୍ୟ ପ୍ରଭୋ ପ୍ରଦର୍ଶ ପୁଣ୍ୟ ପଥ ।

♥ ଭାଟପଡ଼ା, ନିରାକାରପୁର, କଣାସ, ପୁରୀ

## ସରମି ପ୍ରିୟା

ବିନୟ କୁମାର ମିଶ୍ର

ଆଇନା ସରମି ଅଥାଲଥା ହେଉ
ତୁଯେ ମୋ ସରମି ପ୍ରିୟା,
ରୂପମାଧୁରୀ ତୋ ପ୍ରୀତିମାଧୂର୍ଯ୍ୟରେ
ମନରେ ଲଗାଏ ନିଆଁ,

ପିଇଦେଇ ସେଇ ବିଷ,
ନୀଳକଣ୍ଠ ହେବି ଏ ଜନମେ ପ୍ରିୟ
ନ ରଖି ମୁଁ ଅବଶୋଷ ।

ବିରହ ଜ୍ୱଳନ ବିଷ ପାନ ଠାରୁ
ଶତଗୁଣେ ବଳିୟାର,
ବିଷେ ନାଶ ଯିବ ଦଣ୍ଡକରେ ସିନା
ବିରହେ ନିଇତି ମାର ।

ଶର ମାରୁଥିବ ସହୀ,
ନିତି ମରୁଥିବି ନିତି ଜିଉଥିବି
ତୋ ପ୍ରୀତି ଭିକାରୀ ହୋଇ ।

ଜଳିବ ଯେ ଦିନ ଜୁଇ ଦୁହିଁଙ୍କର
ଆଗ ପଛ ହୋଇ କେବେ,
ସଂସାର କହିବ ଜୁଇ ଶିଖା ଦେଖି
ପୀରତିର ପରାଭବେ ।

ମଉଳିଲା ଆମ ପ୍ରୀତି,
ବିରହ ମିଳନ ରାଗ ବିରାଗର
ହୋଇଯିବ ତହିଁ ଇତି ।

♥ ମଲ୍ଲୀପୁର, ନିଆଳ, ଖୋର୍ଦ୍ଧା

## ବିରହ ବେହାଗ

ରତ୍ନକାନ୍ତି ମିଶ୍ର



ବରଷା ଆଗମେ ବିମୋହିତ ଆଜି
ବିଦଗ୍ଧ ବସୁଧା ପ୍ରାଣ
ତୀର୍ଯ୍ୟକ ଦୃଷ୍ଟିରେ ତଡିତ ନୟନା
ତୁରିତେ ଜିଣଇ ମନ ।

କଦମ୍ବେ କବରୀ ସଜେଇ କାମିନୀ
କରେ ସିନା ଅଭିସାର
ମୋ ଆଖିରେ ଆଜି ବର୍ଷା ସିନା ଭରେ
ଅସୁମାରୀ ଲୁହଧାର ।

ଯନ୍ତ୍ରଣାରେ ଯାହା ଜୀଇଁଛି ଏଯାଏଁ
ଜଳାଇ ଜୀବନ ଜୋସ୍ନା
ବରଷା ବା ମୋତେ କି ଦେବ ଭରସା
ଶ୍ରାବଣ ବୁକୁରେ ତୃଷ୍ଣା ।

ବରଷା କି ବୁଝେ ବିଧୁର ବେଦନା
ବୁକୁର ଉଛୁଳା କୋହ
ଭାବ ପ୍ରବଣତା ଭଉଁରୀରେ ଦିଶେ
ଭୋଦୁଅର ଭାରୀ ମୁହଁ ।

ନିର୍ଲିପ୍ତ ନୟନୁ ନିଦ ବି ନିଖୋଜ
ନିଝୁମ ବରଷା ତାଳେ
ବିରହ ବେହାଗେ ବାତୁଳା ବରଷା
ଧୂନ୍‌ଟିଏ ସିନା ତୋଳେ ।

ଚିହ୍ନାପଥ ଆଜି ଲାଗଇ ଅଚିହ୍ନା
ବର୍ଷା କିବା ବାଟବଣା
ଦିନେ ତା ଛୁଆଁରେ ଥିଲା ମାଦକତା
ଆଜି ଲାଗେ ପ୍ରବଞ୍ଚନା ।

ପ୍ରବୃଟ ପୀୟୂଷ ପ୍ରକୃତି ପ୍ରେମରେ
ପୁଲକେ ପ୍ରଶସ୍ତି ଗାଏ
ମୋ ମନ ମରାଳ ମିଠା ଜହରର
ମଧୁରେ ତଲ୍ଲୀନ ହୁଏ ।

♥ ଆଳି, କେନ୍ଦ୍ରାପଡା



## ଖୁସି ଅଛି

ତପନ ସାହୁ



ତମେ ଗଲ ତ ଗଲ
ସାଥିରେ ମୋ ପୃଥିବୀରୁ
ସୂର୍ଯ୍ୟ, ଚନ୍ଦ୍ର ସବୁ ନେଇ ଗଲ
ଏବେ ଏଠି ଅନ୍ଧାର ଖାଲି ଅନ୍ଧାର
ଆଲୋକର ନାଁ ଗନ୍ଧ ନାହିଁ
ଅନ୍ଧାର ହିଁ ବୋଧହୁଏ ତୁମ ଦେହ ଛାଇ
ଦେହକୁ ଛାଇରେ ମିଶେଇ
ମୁଁ ବି ଅନ୍ଧାରଟିଏ ହୋଇ ଯାଇଛି
ତଥାପି ମୁଁ ଖୁସି ଅଛି ।

ବୟସର କୃଷ୍ଣଚୂଡ଼ା ଯେବେ ଫୁଟିଲା
ସବୁରଙ୍ଗରେ ତ ତୁମର ଅଧିକାର ଥିଲା
ଗଲ ତ ଗଲ ରଙ୍ଗ ନେଇ ଗଲ
ଏବେ ଏଠି ଫୁଲ ଫୁଟେ କିନ୍ତୁ
ରଙ୍ଗହୀନ ହୋଇ
ଫଗୁଣଟା ଆସେ ଫିକାଫିକା ହୋଇ
ବିନା ରଙ୍ଗରେ ବି ନିଶ୍ୱାସ ଚାଲିଛି
ତଥାପି ମୁଁ ଖୁସି ଅଛି ।

ତୁମେ ଯେବେ ପାଖେ ଥିଲ
ବାସୁଥିଲା ଈଶ୍ୱର.... ଈଶ୍ୱର....
ଗଲ ତ ଗଲ ସୁଗନ୍ଧ,
ଦୁର୍ଗନ୍ଧ ସବୁ ନେଇଗଲ
ଏବେ ଏଠି ବାସ୍ନାବିହୀନ ପରିବେଶ
ବାସ୍ନାକୁ କଣ ବାନ୍ଧି ରଖିହୁଏ ?
ସେ ତ ପବନରେ ପବନଟିଏ
ବିନା ବାସରେ ବି ଧୂପଟେ ଜଳୁଛି
ତଥାପି ମୁଁ ଖୁସି ଅଛି ।

ଆଖିରେ ଆଖି ମିଶେଇ
ସୁରଟିଏ ଗଢ଼ିଥିଲ
ଗଲ ତ ଗଲ ସୁର, ତାଳ, ଲୟ
ସବୁ ନେଇ ଗଲ
ଏବେ ଏଠି ଜୀବନ ଭଙ୍ଗା
ବେହେଲା ପରି
ପଡ଼ିକି ରହିଛି
ବେସୁରା ଜୀବନରେ ସଙ୍ଗୀତ ହଜିଛି
ତଥାପି ମୁଁ ଖୁସି ଅଛି ।

ଖୁସିରେ ରୁହ ତୁମେ
ତୁମର ଖୁସି ହିଁ କାମନା କରୁଛି
ତମେ ଖୁସି ଅଛ ବୋଲି ତ
ମୁଁ ବି ଖୁସି ଅଛି ।

♥ ବେଲଗାଁ, କଳାହାଣ୍ଡି

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୩ ଜାନୁଆରୀ, ସୋମବାର, ୨୦୨୨


# ରୁବିର ଚଣ୍ଡୀ ପୂଜା





ଦିଲ୍ଲୀପ କୁମାର ସାହୁ

ଗାଁ ଚଣ୍ଡୀ ମନ୍ଦିରରେ ରୁବି ଆଜି ମାଆଙ୍କର ଅଭିଶେକ କରୁଛି । ସୁଦାମ ପୁରର ମାଆ ଚଣ୍ଡୀ ଖୁବ୍ ପ୍ରତ୍ୟକ୍ଷ । ଭକ୍ତିରସହ ଡାକିଲେ ସେ ଡାକ ଶୁଣନ୍ତି । ରୁବିର ମନବାଞ୍ଛା ପୂର୍ଣ୍ଣ ହୋଇଛି । ସେଇଥିପାଇଁ ସେ ଆଜି ମାଆଙ୍କର ବିଶେଷ ପୂଜାର ଆୟୋଜନ କରିଛି । ଦିନସାରା ହୋମ ଯଜ୍ଞ ଓ ଚଣ୍ଡୀ ପାଠ ହେବ ଓ ରାତିରେ ପ୍ରସାଦ ସେବନ । ପ୍ରାୟ ପାଞ୍ଚଶହ ଲୋକଙ୍କ ପାଇଁ ବ୍ୟବସ୍ଥା ହୋଇଛି । ସବୁ ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କରିଛି ରୁବି । ସୁଜନ ପୁର ଚଣ୍ଡୀଙ୍କ ମହିମା ଜଗତ ବିଦିତ । ତେଣୁ ଆଗ୍ରହର ସହ ସବୁ ବନ୍ଧୁବାନ୍ଧବ ସକାଳୁ ସକାଳୁ ଆସି ପହଞ୍ଚି ଯାଇଛନ୍ତି । ସମସ୍ତେ ସିଧା ମନ୍ଦିରରେ ହାଜର । ସେଇଠି ଟା ଜଳଖିଆ ଓ ମଧ୍ୟାହ୍ନ ଭୋଜନ ର ମଧ ଆୟୋଜନ ହୋଇଛି । ଏଣେ ଘରଟା ତାଙ୍କର ଶୂନଶାନ୍ । ଉପର ମହାଲା ଘରେ କିନ୍ତୁ ଏକଲା ରହିଛି ବେବି , ରୁବିର ବଡ ଭଉଣୀ । ସାଥିରେ ଅଛି ତାର ଛଅମାସର ଝିଅ ସୁମି । ମାଆ ସୁଲୋଚନା ଦେବୀ ଯେତେ ଡାକିଲେ ମଧ ବେବୀ ମନ୍ଦିର ଯିବାକୁ ମନା କରିଦେଲା । ବାପା ବିଧୁବାବୁ ମଧ ଡାକିଲେ । ବେବୀର ସେହି ଗୋଟିଏ ଉତ୍ତର ନା । ତେଣୁ ବିଧୁବାବୁ ତା ବଡଝିଅ ରୁମିକୁ ଧରି ମନ୍ଦିର ଚାଲିଗଲେ ।

ରୁବିର ବାହାଘର ପରେ ଚଣ୍ଡୀ ପୂଜା ଥିଲା ତାଙ୍କ ଘରର ବଡ ଉତ୍ସବ । ବେବୀ କିନ୍ତୁ ଆଶ୍ଚର୍ଯ୍ୟ ହୋଉଥାଏ, ରୁବିପରି କୃପଣ ଆଜି ପୁଣି ପାଖାପାଖି ଲକ୍ଷେଟଙ୍କା ଖର୍ଚ୍ଚ କରି ଏଡେ ବଡ ପୂଜାର ଆୟୋଜନ କରିଛି କାହିଁକି ! କହୁଥିଲା ତାର ମନସ୍କାମନା ପୂର୍ଣ୍ଣ ହୋଇଛି । 'କି ମନସ୍କାମନା' ! ନିଜ ମନକୁ ପ୍ରଶ୍ନ କରୁଥାଏ ବେବୀ । ଶିକ୍ଷାକର୍ମୀ ଭାବରେ ଛ ବର୍ଷ ବିତିଯାଇଥିଲେ ମଧ ରୁବି ଏଯାଏ ସ୍ଥାୟୀ ଶିକ୍ଷକ ହୋଇପାରିନି, ଶତଚଷ୍ଟା ପରେବି ତା ସ୍ୱାମୀ ଅଧ୍ୟାପକ ଅଜୟଙ୍କର, ସେ ଯେଉଁ ଗାଁ ସ୍କୁଲରେ ଅଛି ସେ ଗାଁ କଲେଜକୁ ବଦଳି ହୋଇପାରୁନି । ତେଣୁ ବାହାଘର ପରଠାରୁ ଦୁହିଁଙ୍କୁ ଅଲଗା ଅଲଗା ରହିବାକୁ ପଡୁଛି ।

ପୁଣି ବେବୀ ମନରେ ସେହି ପ୍ରଶ୍ନ'କଣ ଏମିତି ସଫଳତା ରୁବି କୁ ମିଳିଗଲା ଯେ ଆଜି ଏତେ ବଡ ଉତ୍ସବର ଆୟୋଜନ !'

ରୁବି କଥାରୁ ବାହାରିଯାଇ ନିଜ ଅତୀତକୁ ଉଣ୍ଡାଳିବାକୁ ଆରମ୍ଭକଲା ବେବୀ ।

ସ୍ୱାମୀ ମନୋଜ ରାଉରକେଲା ଏନ୍.ଆଇ.ଟି.ରୁ ସିଭିଲ୍ ଇଂଜିନିୟରିଂରେ ବି.ଟେକ୍. କରି ରାଜ୍ୟ ସରକାରଙ୍କ ନିର୍ମାଣ ବିଭାଗରେ ସହକାରୀ ଇଂଜିନିୟର ଭାବରେ କାର୍ଯ୍ୟ କରୁଥାନ୍ତି । ବୁଢା ବାପା ମାଆଙ୍କର ସେ ଏକ ମାତ୍ର ସନ୍ତାନ । ତେଣୁ ବାପା ମାଆଙ୍କ ସେବା ପାଇଁ ସରଳ ଶିକ୍ଷିତା ଗାଉଁଲି ଝିଅଟିଏକୁ ନିଜର ସାଥୀ କରିବାକୁ ସେ ଚାହୁଁଥାନ୍ତି । ବେବୀ ନିକଟରେ ସେହି ସବୁ ଯୋଗ୍ୟତା ଦେଖି ସେ ବିବାହ ପ୍ରସ୍ତାବରେ ରାଜି ହୋଇଯାଇଥିଲେ । ବେବୀ ରୁହେ ଶାଶୁ ଶଶୁରଙ୍କ ପାଖରେ । ମନୋଜ ରୁହନ୍ତି ନିର୍ମାଣ ବିଭାଗର ପ୍ରକଳ୍ପ ଚାଲୁଥିବା ଦୂର କେଉଁ ମଫସଲ ଗାଁରେ । ସେ କିନ୍ତୁ ସବୁ ରବିବାର ଓ ଛୁଟିଦିନଗୁଡିକୁ ନିଜ ପରିବାର ସହ କଟାଇବା ପାଇଁ ଧାଇଁ ଆସନ୍ତି ।

ମନୋଜର ବାପାମାଆ ସବୁବେଳେ ନାତି କି ନାତୁଣୀଟିଏ ଦେଖିବା ପାଇଁ ବ୍ୟଗ୍ର ହେଉଥାନ୍ତି । ସେମାନେ ଶୁଖିଲା ପତ୍ର । କେତେବେଳେ ଝଡିଯିବେ କିଏ କହିବ ! ବୁଢାବୁଢୀ ଯେଉଁ ଦିନ ଜାଣିଲେ ବେବୀ ମାଆ ହେବାକୁ ଯାଉଛି ସେଦିନ ସେମାନେ ଖୁବ୍ ଖୁସି ହୋଇଯାଇଥିଲେ । ହେଲେ ସେମାନେ ନାତି ନାତୁଣୀ ମୁହଁ ଦେଖିବା ଆଗରୁ ଡକାହକା ହୋଇ ଆରପାରିକୁ ଚାଲିଗଲେ ।

ବାପାମାଆଙ୍କ ଶୁଦ୍ଧକ୍ରିୟା ସରିବାପରେ ସ୍ତ୍ରୀଙ୍କୁ ତାଙ୍କ ବାପଘରେ ଛାଡି ମନୋଜ ଚାଲିଗଲେ ନିଜ କର୍ମ କ୍ଷେତ୍ରକୁ ।

ମନୋଜ ଯେଉଁଦିନ ଖବର ପାଇଲେ ତାଙ୍କର ଝିଅ ହୋଇଛି ବୋଲି ସେ ଖୁବ୍ ଖୁସି ହୋଇଥିଲେ । କିନ୍ତୁ ବେବୀର ମାଆ ସୁଲୋଚନା ଦେବୀଙ୍କ ମନ ଖୁବ୍ ଦୁଃଖ । କାରଣ ତାଙ୍କର ପୁଅ ନଥିଲା । ସେ ଭାବିଥିଲେ ନାତିଟିଏ ହେଲେ ବଂଶ ଉଜ୍ଜ୍ୱଳ କରିବ । ଯାହାହେଉ ଭଲରେ ଭଲରେ ଝିଅଟିଏତ ହୋଇଗଲା । ବିଧୁବାବୁ ନାତୁଣୀର ନାଁ ରଖିଲେ ରୁମି ।

ଝିଅ ହେଲାପରେ ବି ବେବୀକୁ ତା ବାପଘର ସୁଜନପୁରରେ ରହିବାକୁ ପଡୁଥାଏ । ମନୋଜ ରହୁଥାନ୍ତି ତାଙ୍କର ସେହି ପ୍ରକଳ୍ପ ଅଞ୍ଚଳରେ । ବେବୀ ଯେତେ କହୁଥାଏ ସାଥିରେ ଯିବାପାଇଁ ମନୋଜ କିନ୍ତୁ ମନା କରୁଥାନ୍ତି । କହୁଥାନ୍ତି' ନିପଟ ମଫସଲ ଅଞ୍ଚଳ, ଯେଉଁଠି ଦିନରେ ତିନିଚାରି ଘଣ୍ଟା ବିଜୁଳି ରହିଲେ ବେଶି ହୋଇଗଲା । ଥରେ ଗଲେ ଆସିବକି ନାହିଁ , ତାର ଠିକଣା ନଥାଏ । ସେଥିରେ ପୁଣି ସାପ ବେଙ୍ଗର ଭୟ ।

ମନୋଜ ଏଣେ ଭଲ ଚାକିରୀଟିଏର ସନ୍ଧାନରେ ଥାଆନ୍ତି । ଯେଉଁଥିରେ ମଫସଲ ନୁହେଁ ସହରରେ ରହିବାକୁ ସୁବିଧା ମିଳିବ । ଏମିତି ଚେଷ୍ଟା କରୁକରୁ ତନିବର୍ଷ ବିତି ଯାଇଥାଏ । ରୁମି କଣ୍ଢେଇ ପରି ଡଉଲ ଡାଉଲ ହୋଇ ବିଧୁବାବୁଙ୍କ ଘରକୁ ରଙ୍ଗେଇ ଦେଇଥାଏ । ବିଧୁବାବୁଙ୍କ ସାନଝିଅ ରୁବିର ଅଧ୍ୟାପକ ଅଜୟଙ୍କ ସହ ବାହାଘର ସରିଯାଇଥାଏ । ନାତିଟିଏ ଆଶା କରୁଥିବାରୁ ସୁଲୋଚନା ଦେବୀଙ୍କ କଥାରଖି ବେବୀ ପୁଣି ଗର୍ଭଧାରଣ କରିଥାଏ ।

ମେ ମାସ ଖରାବେଳ । ବେବୀ ଖାଇସାରି ଉପର ମହାଲା ଘରେ ଗଡପଡ ହେଉଥାଏ । ତଳେ ବିଧୁବାବୁ ଓ ସୁଲୋଚନା , ରୁମି ସହ ଖେଳୁଥାନ୍ତି । ଏତିକିବେଳେ ଅଟୋଟିଏ ଆସି ତାଙ୍କ ଘର ଆଗରେ ଅଟକିଲା । ଅବେଳରେ ଅଟୋ । ସମସ୍ତେ ବାହାରକୁ ଚାହିଁଲେ । ବଡ ଆଟାଚ୍‌ଟିଏ ଧରି ପ୍ରବେଶ କଲେ ମନୋଜ । 'ପାପା ଆସିଛନ୍ତି ପାପା ଆସିଛନ୍ତି କହି ରୁମି ନାଚିଗଲା । ମନୋଜ ଶାଶୁ ଶଶୁରଙ୍କୁ ପ୍ରଣାମ ଓ ଝିଅକୁ ଗେଲକରି ସିଧା ଚାଲିଗଲେ ବେବୀ ପାଖକୁ ।

ବଡ ଆଟାଚ୍‌ଟିକୁ ଦେଖି ବେବୀ ଆଶ୍ଚର୍ଯ୍ୟ । ମନୋଜ କିନ୍ତୁ ବେବୀକୁ କୁଣ୍ଢେଇ ଧରି ଚୁମା ଦେବାକୁ ଲାଗିଲେ । ବେବୀ କିଛି ବୁଝିପାରୁ ନଥାଏ । ଚୁମା ଦେବାରୁ ବିରତ ହୋଇ ତାଙ୍କ ଖୁସିର କାରଣ ବଖାଣିବାକୁ ଆରମ୍ଭ କଲେ ମନୋଜ ।' ବହୁଦିନ ପରେ ମୁଁ ୟୁପିଏସି ପରୀକ୍ଷାରେ ସଫଳତା ଲାଭକରି କେନ୍ଦ୍ର ସରକାରଙ୍କ ଅଧୀନରେ କ୍ଲାସ୍ ୱାନ ଚାକିରୀଟିଏ ପାଇଛି । କାଲି ଭୁବନେଶ୍ୱର ଯାଇ ଏଠାକାର ଚାକିରୀରୁ ଇସ୍ତଫା ଦେବି । ପଅର ଦିନ ରଜଧାନୀ ଏକ୍ସପ୍ରେସରେ ଦିଲ୍ଲୀ ଯାଇ ଚାକିରୀରେ ଯୋଗଦେବି । ଏବେ ତୁମକୁ ସାଙ୍ଗରେ ନେବାପାଇଁ ମନାକରିବିନି । ଆମେ ଦିଲ୍ଲୀରେ ରହିବା । ଆମପିଲା ଦିଲ୍ଲୀ ପବ୍ଲିକ ସ୍କୁଲରେ ପଢିବାର ସୁଯୋଗ ପାଇବେ ।' ଏତେ ସବୁ କଥା ଏକା ନିଶ୍ୱାସରେ କହିଗଲେ ମନୋଜ । ମନୋଜଙ୍କ କଥା ସରୁସରୁ ପୁଣି ତଳୁ ରୁମିର ପାଟି ଶୁଭିଲା ।

ମଉସା ଆସିଲେରେ, ମାଉସୀ ଆସିଲେରେ ।

ବେବୀ ମନୋଜ ତଳକୁ ଚାହିଁଲେ । ରୁବି ଓ ଅଜୟ , ଶାଶୁ ଶଶୁରଙ୍କୁ ପ୍ରଣାମ କରୁଥାନ୍ତି ।

ସ୍ୱାମୀ ସ୍ତ୍ରୀ ଦୁହେଁ ତଳକୁ ଆସିଲେ । ବେବୀ ସମସ୍ତଙ୍କୁ ଖୁସି ଖବରଟା ଜଣାଇଦେଲା ।

ସମସ୍ତେ ଖୁସିହୋଇଗଲେ ଓ ମନୋଜଙ୍କୁ ବଧେଇ ଜଣାଇଲେ । ଅଜୟ କହିଲେ 'ଭାଇ ଭଲ ହେଲା । ମୋର ମଧ କାଲି ଡିପିଆଇ ଅଫିସରେ ମୋ ଟ୍ରାନ୍ସଫର କଥା ବୁଝିବାର ଅଛି । ସାଙ୍ଗହୋଇ ଭୁବନେଶ୍ୱର ଯିବା । ଦୁଇଜଣଙ୍କ କାମ ହୋଇଯିବ ।'

ସୁଜନପୁରରୁ ଭୁବନେଶ୍ୱରର ଦୂରତା ମାତ୍ର ସତର ଅଠର କିଲୋମିଟର । ତାପରଦିନ ସକାଳୁ ଶଶୁରଙ୍କ ସ୍କୁଟର ଧରି ଦୁଇ କ୍ୱାଇଁ ଚାଲିଲେ ଭୁବନେଶ୍ୱର । ବାଟରେ ପଡିଲା ପାହାଳ । ପାହାଳ ମିଠା ପାଇଁ ବିଖ୍ୟାତ । ଧାଡି ଧାଡି ରସଗୋଲା ଦୋକାନ । ଅଜୟ କହିଲେ' ଭାଇ ଆପଣ ଗୋଟେ ଏଡେବଡ ଚାକିରୀ ପାଇଲେ , ସେଥିପାଇଁ ମୁଁ ଆଜି ମିଠା ଖୁଆଇବି । ମନୋଜ କହିଲେ 'ନାହିଁ ନାହିଁ ମୁଁ ମିଠା ଖୁଆଇବା କଥା ।'

ସ୍କୁଟର ରାସ୍ତା କଡକୁ କଡେଇ ଦୁଇ ସଢୁ ଏମିତି କଥା ହେଉଥିବା ଭିତରେ ହଟାତ୍ ଏକ ଗୁରୁ ଗର୍ଜନ ଶବ୍ଦ ହେଲା ।

( ଦୁଇ)

ଲ୍ୟାଣ୍ଡଫୋନ୍‌ଟା ଗିଁ ହେଉଥାଏ ହେଲେ କେହି ଉଠାଉ ନଥାନ୍ତି । ବେବୀ ଉପର ଘରେ । କ୍ୱାଇଁ ଦୁହିଁଙ୍କୁ ସଜନା ସାଗ ଭଲଲାଗେ ବୋଲି ସୁଲୋଚନା ଦେବୀ ଓ ରୁବି ବାଡି କୂଅ ମୂଳ ସଜନାଗଛରୁ ସାଗ ତୋଳିବାରେ ବ୍ୟସ୍ତ । ବିଧୁବାବୁ ମଧ କୌଣସି କାମରେ ବାହାରକୁ ଯାଇଥାନ୍ତି । ତେଣୁ ଫୋନ୍‌ଟା ବାରମ୍ୱାର ଗିଁ ହେଉଥାଏ । ବେବୀ ବାଧହୋଇ ତଳକୁ ଆସିଲା ଓ ଫୋନ୍ ଉଠାଇଲା । ସେପଟରୁ ଯାହା ଉତ୍ତର ଆସିଲା ସେଇଥିରେ ଫୋନ୍‌ଟା ତା ହାତରୁ ଖସି ପଡିଲା । ସେପଟେ ବିଧୁବାବୁ କାହାଠୁ ଖବର ପାଇଲେ କେଜାଣି ଘରେ ଆସି ଥକ୍କାମାରି ବସିଗଲେ , ଆଉ କହୁଥାନ୍ତି ସବୁ ସରିଗଲା ସବୁ ସରିଗଲା । ବାରିଆଡୁ ସୁଲୋଚନା ଦେବୀ ଓ ରୁବି ଧାଇଁ ଆସିଲେ । କଥାକଣ ଜାଣିବାକୁ ଚାହାନ୍ତେ ବିଧୁବାବୁ କାନ୍ଦ କାନ୍ଦ ହୋଇ କହିଲେ' ପାହାଳ ପାଖରେ ସ୍କୁଟର ଉପରେ ଟ୍ରକଟାଏ ଚଢିଗଲା । ଜଣେ କ୍ୱାଇଁ ଆହତ ହୋଇଛନ୍ତି ଆଉଜଣେ ସେଇଠି ଚାଲିଗଲେ ।'

ରୁବି ଚିହିଁକି ଉଠି ପଚାରିଲା 'କିଏ କିଏ ଚାଲିଗଲେ ବାପା ?'

ବିଧୁବାବୁଙ୍କର ଉତ୍ତର ଜଣାନାହିଁ ଏତିକି କହି ସେ ବାହାରି ପଡିଲେ ଭୁବନେଶ୍ୱର ଅଭିମୁଖେ । ଘରେ ଏଣେ କାନ୍ଦ ବୋବାଳି । ସମସ୍ତେ କାନ୍ଦୁଥାନ୍ତି । କୁନିଝିଅ ରୁମି କିନ୍ତୁ କିଛି ବୁଝିପାରୁନଥାଏ ।

ସନ୍ଧ୍ୟା ହୋଇ ଆସୁଥାଏ । ଆମ୍ବୁଲାନ୍ସ ଆସି ଘର ପାଖରେ ଅଟକିଲା । ମାଆ ଝିଅ ତିନିହେଁ ଘର ଭିତରୁ ବାହାରି ଆସିଲେ ।

ଆମ୍ବୁଲାନ୍ସର ପଛ ଡୋର୍ ଖୋଲି ପ୍ରଥମେ ବିଧୁବାବୁ ବାହାରିଲେ । ତାପରେ ଜରିମୁଣିରେ ପ୍ୟାକ୍ ହୋଇଥିବା ମୃତ ଶରୀରକୁ କଢାଗଲା । ଶରୀରର ମୁଣ୍ଡ ପଟକୁ ଧରି ବାହାରିଲେ ଅଜୟ । ରୁବି ଲୁହ ପୋଛି ହସି ଆସୁଥିଲା । ହେଲେ ହସ ଚାପି ସମସ୍ତଙ୍କ ସହ ମରଶରୀର ପାଖକୁ ଧାଇଁଗଲା । ବେବୀ କିନ୍ତୁ କାନ୍ଦୁ ନଥିଲା । ତା ଆଖିରୁ ହଠାତ୍ ସବୁ ଲୁହ ଯେମିତି ଶୁଖି ଯାଇଥାନ୍ତି । ସେ ସ୍ୱାମୀଙ୍କ ମୃତ ଦେହକୁ ଆଲିଙ୍ଗନ କରି ଖାଲି କହୁଥାଏ ସ୍ୱପ୍ନ ଦେଖେଇ ଏତେ ଚଞ୍ଚଳ ଠକିଦେଲେ !

ମନୋଜ ଚାଲିଗଲେ ଆରପାରିକୁ । ବେବୀ ସୁଜନପୁରର ସେହି ଛାତ ଉପର କୋଣଘରଟାରେ ଗୃହ ବନ୍ଦୀ ହୋଇ ପଡିରହିଥାଏ ଯେମିତି । ସମସ୍ତେ ଠାକୁରଙ୍କୁ ଡାକୁଥିଲେ ବେବୀର ଦ୍ୱିତୀୟ ସନ୍ତାନଟି ପୁଅଟିଏ ହେଉ । ଫଟା କପାଳକୁ ପୁଣି ଝିଅଟିଏ ଜନ୍ମ ହେଲା । ଝିଅ ଜନ୍ମ ହେବାପରେ ବେବୀ ମନ ଦୁଃଖ କରୁନଥାଏ କି ଖୁସି ବି ହେଉ ନଥାଏ । ସ୍ୱାମୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀକୁ ସେ କେବଳ 'ଭୋଜ ଟେକି' ସାରିଦେଲା । ଶ୍ରଦ୍ଧବାର୍ଷିକୀର ଏଇ କେଇଦିନ ପରେ ଆଜି ରୁବିର ଚଣ୍ଡୀ ପୂଜା ଓ ପ୍ରସାଦ ସେବନର କାରଣ ଜମା ବୁଝିପାରୁନଥାଏ ବେବୀ ।

ଭାବନା ରାଜ୍ୟରେ ବୁଡି ରହିଥିବାବେଳେ ସୁଲୋଚନା ଦେବୀ ତଳୁ ଡାକ ଛାଡିଲେ 'ବେବୀ ବେବୀ, ପୂଜାକୁ ସିନା ଗଲୁନି ,ଏବେ ପ୍ରସାଦ ସେବନ ଆରମ୍ଭ ହେଲାଣି ଆସେ' ।

ସକାଳୁ ଭୋକ ନଥିଲା । ସେଥିପାଇଁ ଦିନସାରା ଉପାସ । ମାଆ ଡାକିବାରୁ ହଠାତ୍ ଭୋକ ମାଡିଆସିଲା ଯେମିତି । ସାନଝିଅ ସୁମିକୁ କାନ୍ଧରେ ପକାଇ ତଳକୁ ଆସିଲା । ମାଆ ସହିତ ବାହାରିଲା ମନ୍ଦିର ଅଭିମୁଖେ ।

ମନ୍ଦିର ପାଖରେ ମାଆ ହାତକୁ ଝିଅକୁ ଦେଇ ଦେବୀ ମାଆଙ୍କ ମୂର୍ତ୍ତି ପାଖକୁ ଯାଇ ପ୍ରଣିପାତ କଲା । ତାପରେ ଖାଲିଥିବା ସ୍ଥାନରେ ବସି ପ୍ରସାଦ ସେବନ କଲା । ଖାଇସାରି ଧୀର ଚିତ୍ତରେ ସୁମିକୁ ଧରି ଫେରି ଆସିଲା ତାର ସେହି ଚିରାଚରିତ ଉପର ମହାଲା କୋଣ ଘରକୁ । ଝିଅ ଶୋଇପଡିଥିଲା । ତାକୁ ଶୋଇଦେଇ ସେ ବି ଶୋଇପଡିଲା ।

କାହାର ଉଷୁମ ହାତ ସ୍ପର୍ଶରେ ବେବୀର ନିଦ ଭାଙ୍ଗିଗଲା । ବଡଝିଅ ରୁମି ତା କାନ୍ଧରେ ଶୋଇ ପଡିଥାଏ । ସାନଝିଅ କଡରେ ତାକୁ ଶୋଇଦେଇ ଖଟ ଉପରେ ବସି ପଡିଲା ରୁବି ଆଉ କହିଲା ତା ଶାଶୁଘର ଗାଁରୁ ଅଜୟଙ୍କ ପିଲାଦିନ ସାଙ୍ଗମାନେ ଆସିଥିବାରୁ ସେମାନେ ଏକାଠି ଶୋଇବେ । ତେଣୁ ରୁବି ସେଇ ଘରେ ଶୋଇବ । ବେବୀ ଝିଅ ଦୁଇଜଣଙ୍କୁ ତା ଆଡକୁ ଭିଡିନେଲା । ରୁବି ତା ଅଳସ ଦେହକୁ ସେଇଠି ଢଳେଇ ଦେଲା ।

ବେବୀର ଇଛା ହେଉଥାଏ ଚଣ୍ଡୀପୂଜା ସମ୍ପର୍କରେ ଜାଣିବାକୁ । ହେଲେ ସେ କିନ୍ତୁ ଚୁପ୍ ରହିଥାଏ । ରୁବି ନିଜଆଡୁ କହିଲା 'ଆଜି ମୁଁ ଚଣ୍ଡୀ ପୂଜା କାହିଁକି କଲି ଜାଣିଛୁ ନାନୀ ?'

ବେବୀ କହିଲା 'ତୁ ତ ତୋର ସବୁକଥା ମୋ ଆଗରେ କହି ପକାଉ, ଏ କଥାକୁ କାହିଁକି ଲୁଚାଇଛୁ ସେକଥା ତ ମୋତେ ଆଶ୍ଚର୍ଯ୍ୟ ଲାଗୁଛି' ।

'ତୋତେ କଷ୍ଟ ଲାଗିବ ବୋଲି ମୁଁ କହୁନଥିଲି ।' କହିଲା ରୁବି ।

'ମୋତେ କଷ୍ଟ ଲାଗିବ ! କାହିଁକି ?' ପଚାରିଲା ବେବୀ ।

'ସେଦିନ ମୁଁ ଖୁବ୍ ସ୍ୱାର୍ଥପର ହୋଇଯାଇଥିଲି ନାନୀ' ରୁବି ଉତ୍ତର ଦେଲା ।

'ସ୍ୱାର୍ଥପର ହୋଇଯାଇଥିଲୁ ! କୋଉଦିନ ଆଶ୍ଚର୍ଯ୍ୟ ହୋଇ ବେବୀ ପଚାରିଲା ଉତ୍ତରରେ ଲୁହ ଛଳଛଳ ଆଖି କରି ରୁବି କହିଲା 'ଯେଉଁଦିନ ପାହାଳ ଛକରେ ଏମାନଙ୍କର ଦୁର୍ଘଟଣା ଘଟିଲା' ।

ବେବୀ ହସିଲା 'ସେଥିରେ ତୁ ସ୍ୱାର୍ଥପର ହେଲୁ କେମିତି ?'

'ଖବର ଆସିଲା ଦୁଇ କ୍ୱାଇଁଙ୍କ ଭିତରୁ ଜଣେ ଆହାତ ଆଉଜଣେ ମୃତ' କହିଚାଲିଥାଏ ରୁବି । 'ସେତେବେଳେ ମୁଁ ମା' ଚଣ୍ଡୀଙ୍କୁ ହାତ ଯୋଡି ଡାକୁଥାଏ ମୋ ଶଙ୍ଖା ସିନ୍ଦୂରକୁ ଘଣ୍ଟ ଘୋଡ଼େଇ ରଖିଥିବୁ ମାଆ ।'

'ଅଜୟ ସୁରକ୍ଷିତ ଥିଲେ । ତାଙ୍କରି ପାଇଁ ତୋର ଆଜି ଏତେବଡ ଆୟୋଜନ ! ଏଇଆନା କହିଲା ବେବୀ ।

'ହଁ ଲୋ ନାନୀ' କହିଲା ରୁବି । 'ତାଙ୍କରି ପାଇଁ ମୋ ଚଣ୍ଡୀ ପୂଜା' ।

ରୁବି ଆଖିରୁ ଲୁହ ପୋଛିଦେଇ ବେବୀ କହିଲା 'ତୁ ଆଜି ଚଣ୍ଡୀପୂଜା କଲୁ ଭଲକଲୁ ହେଲେ ମାଆକୁ ତୋ ମନକଥା କହିଲା ବେଳକୁ ସବୁ କାମତ ସରିଥିଲା । ତୁ ସ୍ୱାର୍ଥପର ହେଲୁ କେମିତି ?'

+ ଶଙ୍କରପୁର
ଚାରବାଟିଆ, କଟକ

# ଦୁଷ୍ପ୍ରବୃତ୍ତିର ପରିଣତି



ଅନସୂୟା ପଣ୍ଡା



ଦାସ ବାବୁ ଜଣେ ବରିଷ୍ଠ ଡାକ୍ତର । ଘରେ ପ୍ରାଚୁର୍ଯ୍ୟର ଅଭାବ ନାହିଁ । ସ୍ୱାମୀ ସ୍ତ୍ରୀ ଦୁହେଁ ସରକାରୀ ଚାକିରି କରନ୍ତି । ଗୋଟିଏ ବୋଲି ପୁଅ । ବୟସ କୋଡିଏ ହେବ । ସେମାନଙ୍କ ପାଖରେ ପଇସାର ଅଭାବ ନଥାଏ । ଥାଏ ସମୟର ଅଭାବ । ଘରେ ରୋଷେଇଆ ଥାଏ । କିନ୍ତୁ ଅଧିକାଂଶ ସମୟରେ ପୁଅଟି କୋଉଠୁ ନା କୋଉଠୁ ବାହାରୁ ମଗେଇକି ଖାଏ । ଆଜିକାଲି ଗୋଟେ ଫୋନ୍ କଲେ ଖାଇବା ଘରେ ଆସି ହାଜିର୍ । ତେଣୁ ଖାଲି ଅର୍ଡର କଲେ ହେଲା । ସେଦିନ ରାତିରେ ସେ ଚିକେନ ଓ ନାନ୍ ମଗେଇ ଖାଇଲା । ମାମାକୁ ଖାଇବା ବେଳେ କହୁଥିଲା, " ମାମା ଟିକେ ନେଇକରି ଚାଖ ତୁମେ । ଆଜି ବହୁତ ଟେଷ୍ଟି ଲାଗୁଛି" । ମା କହିଲେ, "ନାରେ ବାପା ତୁମେ ଛୋଟ ପିଲା ଖାଅ । ଆମ ଦେହରେ ଆଉ କ'ଣ ଏସବୁ ବାହାର ମସଲା ଖାଦ୍ୟ ଯାଉଛି କି" ।

ତା ପର ଦିନ ସକାଳୁ ଉଠି ପୁଅ କହିଲା, "ମାମା, ଦେହ କାହିଁ ଟିକେ ଜ୍ୱର ଜ୍ୱର ଲାଗୁଛି" । ମା ଉପଶମ ପାଇଁ କହିଲେ "ଟିକେ ହଜମ ଔଷଧ ଖାଇଦେ । ରାତିର କାଲି ଗରିଷ୍ଠ ଖାଦ୍ୟ ଭଲରେ ହଜମ ହେଇ ନଥିବ । ସେଇଥି ପାଇଁ ଖରାପ ଲାଗୁ ଥିବ" ।

କର୍ମଜିବୀ ମାଆ ବି କଣ କରିଥାନ୍ତେ । ଆଜି କାଲିର ପିଲା । ଖାଲି ବାହାର ଖାଦ୍ୟ ଖାଇବାକୁ ମନ କରୁଛନ୍ତି । ମା ହାତ ରନ୍ଧା ପସନ୍ଦ କରୁ ନାହାନ୍ତି । ସବୁ ବେଳେ ଜଙ୍କ ଫୁଡ୍ । ନହେଲେ ଫାଷ୍ଟ ଫୁଡ୍ ରେ ଲାଳସା । ତୁମେ ଯେତେ କଷ୍ଟ କରି ଖାଦ୍ୟ କଲେ ବି ନାକ ଟେକିବେ । ତେଣୁ ଇଏବି ଗୋଟେ କାରଣ । ବାହାରୁ କିଣି ଆଣି ଖାଇଦେ । ମାଆର ପରୀକ୍ଷାଖାତା ଦେଖା ଚାଲିଥାଏ । ସେ ସକାଳ ଆଠଟାରୁ ବାହାରିଯାଆନ୍ତି । ସନ୍ଧ୍ୟା ହୁଏ ଫେରିବାକୁ । ଆମ ବେଳେ ଆମେ ସ୍କୁଲରୁ ଫେରି ପଖାଳ ଭାତ ଆଳୁ ଚକଟା ଖାଉଥିଲୁ । ଅଥବା କଥବା ବରା, ସିଙ୍ଗଡା କି ପକୁଡି ଖିଆ ହେଉଥିଲା । ବାଡି ଘରର ପନି ପରିବା ଖିଆ ହେଉଥିଲା । ପିଠା ପଣା ବହୁତ ଖିଆ ଚାଲୁଥିଲା । ଯଦି ଏବେ ରାତିରେ ସଂତୁଳା ହେଉଛି, ତେବେ ପିଲାଙ୍କୁ ଆଉ ଭୋକ ହଉନି । ଭୋକ ପେଟରେ ଶୋଇବେ । କିନ୍ତୁ ଖାଇବେନି । କ'ଣ କରିବେ ମାଆ । ଗୋଟେ ରୋଷେଇଆ ରଖିଛନ୍ତି । ହେଲେ ତା ହାତର ରୋଷେଇ ମଧ ଛୁଆ ଖାଇବାକୁ ନାରାଜ । ବାପା ନିଜର ଅସୁସ୍ଥ ଭାଇକୁ ନେଇ ହାଇଦ୍ରାବାଦ ଯାଇଛନ୍ତି ।

ସେଦିନ ପୁଅ ଚିକେନର ଦୁଇ ପ୍ରକାର ମଗେଇ ଖାଇଥିଲା । ମନ ଖୁସିରେ ଖାଇ ଶୋଇଗଲା । କିଏ କ'ଣ ଜାଣିଥାଏ କାଳବୈଶାଖୀ କେତେବେଳେ ତାଣ୍ଡବ ରଚିବ ।

ସେତେବେଳକୁ ଦୁଇଦିନ ହେଲାଣି ଜ୍ୱର ବଢିବା ସାଙ୍ଗକୁ ପତଳା ଝାଡା ବି ହଉଥାଏ । ମା ଜଣେ ସହକର୍ମୀ ଡାକ୍ତରଙ୍କୁ ଫୋନ କରି ଔଷଧ ଦେଲେ । ହେଲେ ଝାଡାରେ କିଛି ପରିବର୍ତ୍ତନ ହେଉନଥାଏ । ଜ୍ୱର ବି ସେମିତି ଥାଏ । ସେଦିନ ସକାଳୁ ମାଆ ଡାକ୍ତର ପାଖକୁ ନେଇ ଗଲେ । ଡାକ୍ତର ବିପି ଚେକ୍ କଲା ବେଳକୁ ବହୁତ କମି ଗଲାଣି । ସଙ୍ଗେ ସଙ୍ଗେ ଆଡମିଶନ୍ କରିବା ପାଇଁ କହିଲେ । ଆଡମିଶନ୍ ତ ହେଲା । ହେଲେ ଡେରି ବୋଧହୁଏ ହୋଇଗଲା । ସବୁ ଅଙ୍ଗ ଖରାପ ହେବାକୁ ଲାଗିଲାଣି । ବିଭିନ୍ନ ଟେଷ୍ଟ ଉପରେ ଟେଷ୍ଟ ଚାଲିଥାଏ । କିଛି ଜଣା ପଡୁ ନଥାଏ । ଖାଇବା ପିଇବା ବନ୍ଦ ହୋଇଗଲାଣି । ଆଇସିଇଉରେ ରଖିଲେ ଦୁଇ ଦିନ । ପୁଣି ନେଇ ଏକମୋରେ ରଖିଲେ । ଡାକ୍ତର ପରେ ଡାକ୍ତର ପରିବର୍ତ୍ତନ ଚାଲିଛି । ହେଲେ ସମୟ ସରିଆସିଲା ବେଳେ ପଇସା, ପ୍ରତିପତ୍ତି କିଛି କାମରେ ଆସେନି । ଦାସ ବାବୁଙ୍କ ପୁଅ ସବୁଦିନ ପାଇଁ ଚାଲିଗଲା । କୋଡିଏ ବର୍ଷର ପୁଅ । ମା ପୁରା ପାଗଳ । ଖବର ଶୁଣି ବାପା ହାଇଦ୍ରାବାଦରୁ ଆସି ପହଞ୍ଚିଲେ । ହସିଲା ପୁରିଲା ସଂସାର ଉଜୁଡି ଆଜି ପ୍ରାଣହୀନ ନୀରବତା ।

ସ୍ନେହମୟୀ ମାଆ । ମନ ବୁଝୁ ନ ଥାଏ । ଯେଉଁଠୁ ପୁଅ ଚିକେନ ମଗେଇ ଥିଲା, ସେହି ସଂସ୍ଥାର ଯାଞ୍ଚ ପାଇଁ ପୁଲିସ ଷ୍ଟେସନରେ ଅଭିଯୋଗ ଦେଲେ । ଜଣା ଗଲା, ସେମାନେ ମସଲା ଆଉ ଚିକେନ ଏକକାଳୀନ ଆଣି ଫ୍ରୀଜରେ ଦଶରୁ ବାର ଦିନ ରଖି ଦେଉଛନ୍ତି । ଏତେ ସମୟ ଚିକେନ ରହିଲେ ଥଣ୍ଡାରେ ଗୋଟେ ପ୍ରକାର ଜୀବାଣୁ ବଢିଯାନ୍ତି । ସେମାନେ ସିଧା ମସ୍ତିଷ୍କକୁ ଆଟାକ୍ କରନ୍ତି । ଜଣେ ସ୍ତ୍ରୀ ଲୋକ ଏବଂ ମା ଏକମାତ୍ର ପିଲାକୁ ହରେଇବାର କଷ୍ଟ କ'ଣ ଜାଣିଥାଏ । ତେଣୁ ଗୋଟେ ଭିଡିଓ ମାଧ୍ୟମରେ ପିଲା ଓ ମାଆଙ୍କୁ ସଚେତନ କରିବାକୁ ମେସେଜ ଭାଇରାଲ କଲେ । ହେଲେ ଆଜିର ପିଲାତ ମାଆବାପାଙ୍କ କଥା ଶୁଣୁ ନାହାଁନ୍ତି । ଆଉ କିଏ କହିଲେ କ'ଣ ଶୁଣିବେ କି ବୁଝିବେ ।

ଇଞ୍ଜିନିୟରିଂ କଲେଜ, ବୁର୍ଲା,
ସମ୍ବଲପୁର, ଓଡିଶା, ୭୬୮୦୧୮,
(ମୋ)୯୪୩୯୨୧୧୯୭୧

# ମଧୁମୟ

ଶିବାଶିଷ ପାଢ଼ୀ



ତିନିଜଣ ଥିଲୁ ଆମେ । ଦିନ ବାରଟା ହେଉଥିଲା କିନ୍ତୁ ମଗାଇଥିଲୁ ତିନିଟି ମସଲା ଦୋସା । ଛୋଟ ଜଳଖିଆ ଓ ମିଲ ଦୋକାନଟିଏ । ସେମାନେ ବି ତିନିଜଣ ହିଁ ଥିଲେ । ଜଣେ ଚୂଲ୍ହା ସାମ୍ଭାଳୁଥିଲା ତ ଆଉ ଜଣେ ସଫାସଫି ଦାୟିତ୍ୱରେ ଥିଲା । ଗରାଖ ମାନଂକୁ ଖାଦ୍ୟ ପରଷିବା ସହ କାଉଣ୍ଟର ସମ୍ଭାଳୁ ଥିଲେ ମାଲିକ । ଭାରି ଆଗ୍ରହର ସହ ଆମକୁ ପରଷି ଦେଇଥିଲେ ସେ । ଭାରି ଅମାୟିକ ଥିଲା ତାଙ୍କର ବ୍ୟବହାର । ଅନେକ ଗରାଖ ଥିଲେ ଆଜି । ସେମାନଙ୍କ କଥାବାର୍ତ୍ତା ଶୁଣି ମୁଁ ଭାବୁଥିଲି ବୋଧେ ନିୟମିତ ଗ୍ରାହକ ସେମାନେ । ସବୁକିଛି ଠିକ ଥିଲା ମାତ୍ର ଗୋଟିଏ ଲେକୁନା ଥିଲା ସେଇଟା ହେଲା ପାଣି । ମଗରେ ପାଣି ଦେଇଥିଲେ ସେ ।' ହେଲେ ପ୍ରାୟତଃ ବାହାରେ ବୋତଲ ପାଣିକୁ ଅଗ୍ରାଧିକାର ଦିଏ ମୁଁ । ଏଣୁ ଦୁଇ ବୋତଲ ପାଣି ଅର୍ଡର କଲି ! ମୋ ଅର୍ଡରକୁ ଶୁଣିବା ପାଇଁ କିନ୍ତୁ ସେତେବେଳେ ମାଲିକ ନ ଥିଲେ । ସଫାସଫି କରୁଥିବା ପିଲାଟି ପାଣି ଆଣିଦେଇ କହିଲା-ପାଖ ଦୋକାନକୁ ଯାଇଛନ୍ତି ସାଙ୍ଗେ ସାଙ୍ଗ ଆସିଯିବେ' । ଆସି ଯାଇଥିଲେ ବି ସେ । ଆମେ ଖାଇସାରି କାଉଣ୍ଟରକୁ ଆସିବା ବେଳକୁ ସେ ଆସି ସାରିଥିଲେ । ମୁଁ ପକେଟକୁ ହାତ ଦେଉ ଦେଉ ମୋ ଆଗରୁ ଟେବୁଲରେ ଦୁଇ ଶହ ଟଙ୍କିଆରେ ରଖିସାରିଥିଲା ବନ୍ଧୁ ଧିରେନ । ସେପଟେ କିଶୋର ବି ଟଙ୍କା କାଢୁଥିଲା । ଟଙ୍କା ଦେବାପାଇଁ ଆମ ତିନି ବନ୍ଧୁଙ୍କ ଭିତରେ ପ୍ରାୟତଃ ଏମିତି ମଧୁର ପ୍ରତିଯୋଗିତା ଚାଲେ । ସମସ୍ତେ ଚେଷ୍ଟା କରନ୍ତି ଶୀଘ୍ର ଖାଇଦେଇ ଆଗରୁ ଯାଇ ପେମେଣ୍ଟ କରିଦେବା ପାଇଁ । ସମସ୍ତେ ଚାହୁଁ ଜିତିବା ପାଇଁ ହେଲେ ଜିତେ ଜଣେ । ଆଜି ଜିତିଥିଲା ଧିରେନ । ସେ ପେମେଣ୍ଟ କରୁଥିଲା ଆମେ ବାହାରି ଆସିଲୁ ! ଗାଡି ଷ୍ଟାର୍ଟ କରୁଥିଲି ମୁଁ । ପଚାରିଲି 'କେତେ ଟଙ୍କା ନେଲା ଭାଇ ? ଭାରି ଭଲ କରିଥିଲା । ହଁ ଭଲ କରିଥିଲା ଯେ ଦାମ ନେଉଛି ଭାଇ ଶହେ ପାଞ୍ଚ ନେଲା ! ଗୋଟାକୁ ପଇଁତିରିଶ ! ଗାଡିର କବାଟ ବନ୍ଦ କରୁ କରୁ କହିଥିଲା ଧିରେନ ଆଉ ପାଣି ବୋତଲର ପଇସା । ହଠାତ ମୋ ପାଟିରୁ ବାହାରି ପଡିଲା । ଗାଡି ଗଡି ସାରିଥିଲା କିନ୍ତୁ ସାଙ୍ଗେ ସାଙ୍ଗ ବ୍ରେକ ଦେଲି ମୁଁ ।

ଓହଃ ସେ ଦେଇ ନ ଥିଲା ତ ଭୁଲି ଯାଇଥିବ । ଠିକ ହୋଇଛି ପଚିଶର ଦୋସାକୁ ପଇଁତିରିଶ ନେବ ତ ଏମିତି ହିଁ ହେବ ! ଚାଲ 'କହିଥିଲା ଧିରେନ କିନ୍ତୁ ସେତେବେଳକୁ ଗାଡି ବନ୍ଦ କରି ସାରିଥିଲି ମୁଁ ।

ଧିରେନ ଜାଣିଥିଲା ମୋର ଉତ୍ତର କଣ ହେବ ଏଣୁ ଆଉ ଯୁକ୍ତି କଲାନାହିଁ । ଗୀତ ଶୁଣିବାରେ ବ୍ୟସ୍ତ ଥିବା ବନ୍ଧୁ କିଶୋରକୁ ଗାଡ଼ିରେ ଛାଡି ଦେଇ ଆମେ ଫେରିଥିଲୁ କାଉଣ୍ଟରକୁ । ଆମକୁ ଦେଖି ଆଶ୍ଚର୍ଯ୍ୟ ଗେଉଥିଲେ ମାଲିକ । କିନ୍ତୁ ସେ ବ୍ୟସ୍ତ ଥିଲେ ଅନ୍ୟଜଣେ ଗରାଖ ସହ । କୋଡିଏ ବାଇଶି ବର୍ଷର ଝିଅଟିଏ । ବୋଧେ କେଉଁ ପାଖ ଅଫିସକୁ ଆସିଥିଲା । ପାଖରେ ନଗଦ ଟଙ୍କା ନ ଥିବାରୁ ସେ ଚାହୁଁଥିଲା ପ୍ରଥମେ ଫୋନପେରେ ଟଙ୍କା ଟ୍ରାନ୍ସଫର କରି ମିଲ ଖାଇବା ପାଇଁ ହେଲେ କଣ ଅସୁବିଧା ଥିଲା କେଜାଣି ଟଙ୍କା ଟ୍ରାନ୍ସଫର ହୋଇ ପାରୁ ନ ଥିଲା । ବାରମ୍ବାର ଚେଷ୍ଟା କରୁଥିଲା ସେ ଆଉ ନିଜ ଫୋନରେ ବୁଡ଼ିଥିଲେ ମାଲିକ । ସେତେବେଳକୁ ହୋଟେଲର ଆଉ ଜଣେ କର୍ମଚାରୀ ବି ଆସି ଯାଇଥିଲା । ସେ ବି ତାର ବୁଦ୍ଧି ପ୍ରୟୋଗ କରୁଥିଲା କିନ୍ତୁ ବିଫଳ ହେଉଥିଲେ ସେମାନେ ।

ଆମ ସହ ଆଉ ଜଣେ ଦୁଇଜଣ ଅପେକ୍ଷା କରୁଥିଲେ ହେଲେ ସେମାନଙ୍କ ଆଲୋଚନା ସରୁ ନ ଥିଲା ।

ଶେଷକୁ ବିନା ପଇସା ଟ୍ରାନ୍ସଫରରେ ଖାଇବାକୁ ରାଜି ହେଉ ନ ଥିବା ଝିଅଟିକୁ ମାଲିକ କହିଥିଲେ ।

--ମା'ରେ ଭାତ ମୁଠିଏ ଖାଇବୁ ତ ? କଣ ହୋଇଗଲା ସେଇଠୁ । ଆଉ ଦିନେ ଆସିଲେ ଦେଇଦେବୁ ନ ହେଲେ ତୁ ଆଜି ମୋ କୁଣିଆ ହୋଇଯାଅ । ହସୁଥିଲେ ମାଲିକ । ଆମେ ପାଣି ବୋତଲ କଥା କହି ବଢ଼ାଇଦେଲୁ ଚାଲିଶ ଟଙ୍କା । ମୁଁ କହିଲି ।

-ଆପଣ ଭାରି ଭଲଲୋକ ଆଜ୍ଞା ! ହେଲେ ସେମିତି ବିନମ୍ରତାର ସହ ସେ କହିଥିଲେ ।

-ଆଜ୍ଞା ମୁଁ କି ଭଲ ଲୋକ ? ଆପଣମାନେ ବି ତ କେତେ ଭଲଲୋକ । ଫେରିକି ପଇସା ଦେବା କଣ କମ କଥା କି ? ଆଉ ଆଜ୍ଞା ମୋ ପାଖକୁ ତ ଖାଲି ଭଲ ଲୋକ ହିଁ ଆସନ୍ତି ! ଖରାପଲୋକ କେବେ ଆସନ୍ତି ନାହିଁ ।

ହଁ ହଁ...ସେମିତି ଆସୁଥାନ୍ତୁ କହି ଫେରୁଥିଲୁ ଆମେ ! ମୁଁ କହିଥିଲି ବୁଝିଲୁ ଧିରେନ ଯା ପାଖକୁ ମାସଟିଏ ନିୟମିତ ଆସିଲେ ଆମକୁ ବି ସବୁ ଭଲଲୋକ ଦେଖାଦେବା ଆରମ୍ଭ ହୋଇଯିବେ !ମଧୁମୟ ହୋଇଯିବ ବିଶ୍ୱ.....!

+ହେମଗିର, ସୁନ୍ଦରଗଡ-୧୩, (ମୋ) ୯୭୭୮୧୭୪୯୭୮

# ଏଯାଏଁ ଗୋଷ୍ଠୀ ସଂକ୍ରମଣ ନେଇ ପ୍ରାମାଣିକ ତଥ୍ୟ ନାହିଁ: ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୨/୧ (ନି.ପ୍ର): ରାଜ୍ୟରେ ବର୍ତମାନ ସୁଦ୍ଧା ଗୋଷ୍ଠୀ ସଂକ୍ରମଣ ନେଇ ପ୍ରାମାଣିକ ତଥ୍ୟ ନାହିଁ । ରାଜ୍ୟର ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ସୂଚନା ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ମହାରାଷ୍ଟ୍ର ସହ ଅନ୍ୟ ରାଜ୍ୟରେ ଓମିକ୍ରନ ବଢ଼ୁଛି ।ଆମକୁ ଏଥିପ୍ରତି ସଜାଗ ରହିବାକୁ ପଡ଼ିବ । ଆମ ରାଜ୍ୟରେ ବି ବଢ଼ୁଛି ସଂକ୍ରମଣ । ଗୋଷ୍ଠୀ ସଂକ୍ରମଣ ହେଉ ଅବା ନହେଉ କୋଭିଡ ସଂକ୍ରମଣ ରହିଛି । ଭାଇରସ ଅଛି ମାନେ ମାମଲା ସଂଖ୍ୟା ବଢ଼ିବ ବୋଲି ସେ କହିଛନ୍ତି ।

ସେ କହିଛନ୍ତି ଯେ ସଂକ୍ରମଣକୁ ରୋକିବା ହେଉଛି ସବୁଠାରୁ ବଡ଼ କଥା ହେଲା । ଟିକା ହିଁ ସଂକ୍ରମଣ ରୋକିପାରିବ । ଆଜିର ଦିନରେ ସମସ୍ତେ କୋଭିଡ ନିୟମ ମାନନ୍ତୁ ବୋଲି ସମସ୍ତଙ୍କୁ ପରାମର୍ଶ ଦିଆଯାଉଛି । ନିଜେ ସୁରକ୍ଷିତ ରହିବା ସହ ଅନ୍ୟମାନଙ୍କୁ ସୁରକ୍ଷିତ ରଖିବା । ଭାରତ ସରକାରଙ୍କ ପକ୍ଷରୁ ଗାଇଡଲାଇନ ଦିଆଯାଇଛି । କେତେ ପଜିଟିଭିଟି ରେଟରେ କଣ କରାଯିବ, ତାଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ସରକାର । ସ୍ୱାସ୍ଥ୍ୟ ସଚିବ ଏହାକୁ ମାନିଟରିଂ କରୁଛନ୍ତି । ପ୍ରୋଟୋକାଲ ଅନୁସାରେ ଆକ୍ସନ ନିଆଯାଉଥିବା ସେ ପ୍ରକାଶ କରିଛନ୍ତି ।

# କନିକା ପ୍ରଜା ଆନ୍ଦୋଳନ ନେତା ବିପ୍ଳବୀ ଚକ୍ରଧର ବେହେରାଙ୍କ ୪୮ତମ ଶ୍ରାଦ୍ଧୋତ୍ସବ ପାଳିତ

ଭୁବନେଶ୍ୱର,୨/୧ (ନି.ପ୍ର): କନିକା ପ୍ରଜାମଣ୍ଡଳ ଆନ୍ଦୋଳନ ନେତା, ପୂର୍ବତନ ବିଧାୟକ ବିପ୍ଳବୀ ଚକ୍ରଧର ବେହେରାଙ୍କ ୪୮ତମ ଜୟନ୍ତୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆଜି ପ୍ରତ୍ୟୁଷରେ ତାଙ୍କ ଭୁବନେଶ୍ୱର ରାଜଭବନ ନିକଟସ୍ଥ ପ୍ରତିମୂର୍ତି ସ୍ଥଳୀରେ ଭକ୍ତିପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗଦାନ କରି ପ୍ରତିମୂର୍ତିରେ ମାଲ୍ୟାର୍ପଣ ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବିପ୍ଳବୀ ଚକ୍ରଧର ସ୍ମୃତିସଂସଦ, ଭୁବନେଶ୍ୱରର ଆବାହକ ନରହରି ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ ସ୍ତମ୍ଭକାର ତଥା ଚକ୍ରଧର ବେହେରା ସ୍ମୃତି ସଂସଦର ପ୍ରାଣ ପ୍ରତିଷ୍ଠାତା ଡଃ ଗୌରହରି ଦାସ, ବିଜୁ ଜନତା ଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ସଂଯୋଜକ ପ୍ରବୀର ମହାନ୍ତି, ସତ୍ୟବ୍ରତ ଜେନା, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ଅଧାପକ ରମେଶ ଚନ୍ଦ୍ର ପାତାଳସିଂହ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ଅଧକ୍ଷ ପ୍ରଦ୍ୟୁମ୍ନ ଶତପଥୀ, ବିଜୟ ପରିଡ଼ା, ବି. ମୁରଲୀଧର, ଅଖିଳ ଭାରତ ଯାଦବ ମହାସଭାର ଉପସଭାପତି ପ୍ରଫୁଲ୍ଲ କୁମାର ଦାସ,ପୂର୍ଣ୍ଣଚନ୍ଦ୍ର ବେହେରା, କ୍ଷେତ୍ରମୋହନ ଦାସ, ଶିକ୍ଷାବିତ୍ କାମଦେବ ମହାପାତ୍ର, ପଦ୍ମନାଭ ଛୋଟରାୟ ସ୍ମୃତି ସଂସଦର ଆବାହକ ଯତୀନ୍ଦ୍ର ମୋହନ ଛୋଟରାୟ, ଲକ୍ଷେଶ୍ୱର ମହାଦେବ ଓଡ଼ିଶୀ ସଂକୀର୍ତନ ମହାମଣ୍ଡଳର ଅଧିକାରୀ ବିଷ୍ଣୁଚରଣ ପରିଡ଼ା, ଉପସଭାପତି ଅର୍ଜୁନ ପରିଡ଼ା, ସମ୍ପାଦକ କାଙ୍ଗାଳି ପରିଡ଼ା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ବକ୍ତବ୍ୟରେ ଚକ୍ରଧର ବେହେରାଙ୍କ ସଂଘର୍ଷ ଓ ତ୍ୟାଗ ଯୋଗୁଁ କନିକାବାସୀ ରାଜ ଅତ୍ୟାଚାରରୁ ମୁକ୍ତି ପାଇଥିଲେ । ଦେଶର ସ୍ୱାଧୀନତା ପାଇଁ ବରପୁତ୍ରମାନଙ୍କର ତ୍ୟାଗ ଓ ବଳିଦାନ ଅତୁଳନୀୟ ବୋଲି ମତ ଦେଇ ଚକ୍ରଧର ବେହେରାଙ୍କ ସମେତ ଦେଶର ସ୍ୱାଧୀନତା ସଂଗ୍ରାମ ଓ ପ୍ରଜାମଣ୍ଡଳ ଆନ୍ଦୋଳନରେ ଯୋଗଦେଇ ଅକଥନୀୟ ନିର୍ଯ୍ୟାତନା ଭୋଗି କଷ୍ଟକୁ ଆଦରି ନେଇଥିବା ଜନନେତାମାନଙ୍କ ଜୀବନୀ ପାଠ୍ୟପୁସ୍ତକରେ ସାମିଲ୍ ହେବା ଆବଶ୍ୟକ, ଏଥିପ୍ରତି ସରକାର ଦୃଷ୍ଟିଦେବାକୁ ଅନୁରୋଧ କରାଯାଇଥିଲା । ଲକ୍ଷେଶ୍ୱର ସଂକୀର୍ତନ ମହାମଣ୍ଡଳୀ ତରଫରୁ ସଂକୀର୍ତନ ପରିବେଷଣ କରାଯାଇଥିବା ବେଳେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ ଚକ୍ରଧର ବେହେରା ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ଭିକାରୀ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁରରେ 'ବଣ୍ଡା' ଜନଜାତି ସଂପ୍ରଦାୟଙ୍କ ବୟନ ପ୍ରଣାଳୀ

ଭୁବନେଶ୍ୱର,୨/୧ (ନି.ପ୍ର): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁରରେ ଜାନୁଆରୀ ୨ ତାରିଖ ଦିନ ଦର୍ଶକମାନେ ଫେସ୍‌ବୁକ୍ ଓ ଟୁଇଟର ପେଜ୍ ଖୋଲି 'ବଣ୍ଡା' ଜନଜାତି ସଂପ୍ରଦାୟଙ୍କ ବୟନ ପ୍ରଣାଳୀ ସଂପର୍କରେ ଜାଣିପାରିବେ । ଏସ୍‌ସିଏସ୍‌ଟିଆରଟିଆଇର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓଟା ଏହି ସୂଚନା ଦେଇଛନ୍ତି । ବଣ୍ଡା ଜନଜାତି ମହିଳାମାନେ ସେମାନଙ୍କ ଅନନ୍ୟ ସାଜସଜ୍ଜା ଓ ଲଣ୍ଡିତ ମସ୍ତକ ପାଇଁ ବେଶ୍ ଜଣାଶୁଣା । ଏକ ଛୋଟ ବହୁରଙ୍ଗ ଥିବା ସ୍କାର୍ଟ ବଣ୍ଡା ମହିଳାମାନଙ୍କ ପୋଷାକ ଅଟେ । ଏହି ସ୍କାର୍ଟକୁ 'ରିଙ୍ଗା' କୁହାଯାଏ । ଏହା ପାରମ୍ପରିକ ଭାବେ କେରଙ୍ଗ ତନ୍ତୁ ବ୍ୟବହାର କରାଯାଇ ବୁଣାଯାଏ । ସେମାନଙ୍କ ଲୁଗାବୁଣା ତନ୍ତ କାଠରେ ତିଆରି ହୋଇଥାଏ । ସେହି ତନ୍ତ ଦ୍ୱାରା ସୂତା ପ୍ରସ୍ତୁତ କରାଯାଏ । ଏହା ଏକ ସରଳ ଯନ୍ତ୍ର ହୋଇଥିବାରୁ ତାହାକୁ ଗୋଟିଏ ସ୍ଥାନରୁ ଅନ୍ୟତ୍ର ସହଜରେ ନିଆଯାଇପାରେ । ପୂର୍ବରୁ ବଣ୍ଡା ମହିଳାମାନେ ଜଙ୍ଗଲରୁ କେରଙ୍ଗ ଶାଖା ସଂଗ୍ରହ କରୁଥିଲେ । ଏହାକୁ ପ୍ରକ୍ରିୟାକରଣ କରି ତନ୍ତୁ ପ୍ରସ୍ତୁତ କରୁଥିଲେ । ତନ୍ତୁ ବା ସୂତାକୁ ଜୈବିକ ରଙ୍ଗରେ ରଙ୍ଗୀନ କରୁଥିଲେ । ସଂପ୍ରତି ଏହି ପାରମ୍ପରିକ ବସ୍ତ୍ର ନିମନ୍ତେ ରଙ୍ଗୀନ ସୂତା ବ୍ୟବହାର କରାଯାଉଛି । ବଣ୍ଡା ଜନଜାତି ମହିଳାମାନେ ପରିଧାନ କରୁଥିବା 'ରିଙ୍ଗା'କୁ ତିଆରି କରିବା ନିମନ୍ତେ ଦୁଇରୁ ତିନିଦିନ ଲାଗୁଥିବାବେଳେ ପୁରୁଷମାନଙ୍କ ଲୁଗା ପ୍ରସ୍ତୁତ କରିବାକୁ ଗୋଟିଏ ଦିନ ଲାଗିଥାଏ ।

# କେନ୍ଦ୍ର ସରକାରଙ୍କ ଦରଦାମ୍ ବୃଦ୍ଧି ଉପରେ ବର୍ଷିଲା କଂଗ୍ରେସ

ଭୁବନେଶ୍ୱର,୨/୧ (ନି.ପ୍ର): ଗତ ୭ବର୍ଷ ଧରି ଏବର୍ଷ ମଧ ଦେଶର ଜନତାମାନଙ୍କୁ ମୋଦୀ ସରକାରଙ୍କ ତରଫରୁ ଯେଉଁ ଉପହାର ଦିଆଯାଉଛି ତାହା ହେଉଛି – "ମହଙ୍ଗାଇର ମାଡ଼" ବା "ଦରଦାମ ବୃଦ୍ଧିର ମାଡ଼" ବୋଲି ଆଜି କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏଆଇସିସିର ବରିଷ୍ଠ ନେତା ତଥା ବିହାର ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ଅନିଲ ଶର୍ମା ଓଡ଼ିଶା ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଉପସ୍ଥିତିରେ ପ୍ରକାଶ କରିଛନ୍ତି।

ସେ କହିଛନ୍ତି ୨୦୨୨ ମସିହା ପୂର୍ବଦିନରେ ମୋଦୀ ସରକାର ଆମକୁ ନୂଆ ବର୍ଷର ଉପହାର ରୂପେ ମହଙ୍ଗାଇର ମାଡ଼ ଦେଇଛନ୍ତି। ଏହି ନୂତନ ମହଙ୍ଗାଇ ଏବଂ ଏହା ସହିତ ୧୦% ବେକାରୀ ବୃଦ୍ଧି ୨୦୨୧ ବର୍ଷସାରା ଭେଟି ଦେଇଛନ୍ତି। ୨୦୨୧ ନଭେମ୍ବରରେ ପାଇକାରୀ ଦର ସୂଚକାଙ୍କ ବିଗତ ୧୦ ବର୍ଷ ମଧରେ ୧୪.୨୩% ହାରରେ ସର୍ବାଧିକ ଥିଲା। ନୂତନ ବର୍ଷ ଆରମ୍ଭ ହେଉ ହେଉ ଆମକୁ ପ୍ରତ୍ୟେକ ଦ୍ରବ୍ୟ ଯଥା ନିତ୍ୟ ବ୍ୟବହୃତ ସାମଗ୍ରୀ ହେଉ ଅବା ସୁଖ, ସ୍ୱାଛନ୍ଦ୍ୟର, ନିତ୍ୟବ୍ୟବହୃତ ଖାଦ୍ୟ ସାମଗ୍ରୀ ଅବା ଇସ୍ପାତ, ସିମେଂଟ, ବିଜୁଳି ଆଦି ଉପରେ ଆମକୁ ଆହୁରି ଅଧିକ ପଇସା ଖର୍ଚ୍ଚ କରିବା ଲାଗି ମାନସିକଭାବେ ପ୍ରସ୍ତୁତ କରିନେବା ଦରକାର। କପଡ଼ା ଠାରୁ ଆରମ୍ଭ କରି ଜୋତା-ଚପଲ କିମ୍ବା ଏଟିମରୁ ପଇସା / ଟଙ୍କା ବାହାର କରିବା କିମ୍ବା ଟୋଲ ଟିକସ, ପ୍ରତ୍ୟେକ ଦ୍ରବ୍ୟର ଦରବୃଦ୍ଧି ହେବାକୁ ଯାଉଛି।

କପଡ଼ା, ଆଦି ସମସ୍ତ ଦ୍ରବ୍ୟ ୧ ଜାନୁଆରୀ, ୨୦୨୨ ରୁ ଆହୁରି ମହଙ୍ଗା ହେବ, କାହିଁକିନା କେନ୍ଦ୍ରର ସରକାର ଏହି ଦ୍ରବ୍ୟଗୁଡ଼ିକ ଉପରେ ୫% ଜିଏସଟିରୁ ୧୨%କୁ ବୃଦ୍ଧି କରିବାକୁ ଯାଉଛନ୍ତି। ଏହା ସହିତ ବୁଣାବସ୍ତ୍ର, ରୁମାଲ, ତଉଲିଆ, ମୌଜା, ସୂତା ଶାଢ଼ୀ, କମ୍ବଳ, ଟେବୁଲ କପଡ଼ା ଆଦି ଉପରେ ଜିଏସ୍‌ଟି ୧୨%କୁ ବୃଦ୍ଧି କରିଛନ୍ତି। ଜିଏସ୍‌ଟି ବଢ଼ିବା ଦ୍ୱାରା କପଡ଼ା ଶିଳ୍ପର ୧୫ ଲକ୍ଷରୁ ଅଧିକ ଚାକିରୀ ସମାପ୍ତ ହୋଇଯିବ ।ଦେଶରେ ୮୦% ବସ୍ତ୍ର ଉତ୍ପାଦନ ଅଣସଂଗଠିତ କ୍ଷେତ୍ର ଦ୍ୱାରା କରାଯାଇଥିବା ବସ୍ତ୍ର, ଉପରେ ୧୨% କୁ ଜିଏସ୍‌ଟି ବୃଦ୍ଧି କରିବା ଦ୍ୱାରା ବୟନତନ୍ତ୍ର, ହସ୍ତତନ୍ତ୍ର ବୁଣାକାରମାନଙ୍କର ବ୍ୟବସାୟ ଓ ରୋଜଗାରର ସମ୍ଭାବ୍ୟ ବ୍ୟାଘାତ ହେବ।

ସେହିପରି ଜୋତା – ଚପଲ ଉପରେ ୫% ରୁ ୧୨% ପର୍ଯ୍ୟନ୍ତ ଜିଏସ୍‌ଟି ବୃଦ୍ଧି କରିବା ଦ୍ୱାରା ଗରୀବ ଓ ସାଧାରଣ ଲୋକଙ୍କ ଉପରେ ପ୍ରହାର ଅଟେ। ଦ୍ରୁତ ଚଳପ୍ରଚଳ ଉପଭୋକ୍ତା ସାମଗ୍ରୀ ର ଦାମ ୬% ରୁ ୧୦% ବୃଦ୍ଧି ହେବ। ଏଟିଏମରୁ ନିଜ ପଇସା ବାହାର କରିବାକୁ ହେଲେ ଆହୁରି ଅଧିକ ଟିକସ ଦେବାକୁ ହେବ। ଅନଲାଇନ ଟ୍ୟାକ୍ସି / ଅଟୋରିକ୍ସାର ବୁକିଂରେ ବି ଏବେ ପକେଟ ଖର୍ଚ୍ଚ ଉପରେ ଭାରି ପଡ଼ିବ। କାର ଆଉ ଅଟୋମୋବାଇଲ କିଣିବା ମହଙ୍ଗା ହେବ। ସିମେଂଟର ଦାମ ପ୍ରତି ବ୍ୟାଗ ୪୦୦ ଟଙ୍କା ଛୁଇଁବ। ଇସ୍ପାତ / ଷ୍ଟିଲର ଦାମ ଆକାଶଛୁଆଁ ହୋଇଛି। ଇଣ୍ଡିଆ ପୋଷ୍ଟ ପେମେଂଟ ବ୍ୟାଙ୍କ (ଆଇପିପିବି) ୧ ଜାନୁଆରୀ ଠାରୁ ଏକ ବିଶେଷ ସୀମା ଉପରେ ଖାତାରୁ ଟଙ୍କା ଉଠାଣ ଓ ଖାତରେ ଟଙ୍କା ଜମାକଲେ ଶୁଳ୍କ ଦେବାକୁ ପଡିବ। ମୂଳ ଜମା ଖାତାରୁ ମାସକୁ ଚାରିଥର କେବଳ ନିଶୁଳ୍କ ଟଙ୍କା ଉଠାଣ କରିହେବ। ଏହାପରେ ଯେତେଥର ଟଙ୍କା ଉଠାଣ ହେବ ଗ୍ରାହକଙ୍କ ୦.୫୦% ହାରରେ ଶୁଳ୍କ ଦେବାକୁ ପଡ଼ିବ।

ମୋଦୀ ଆଉ ମହଙ୍ଗାଇ ଦେଶପାଇଁ କ୍ଷତିକାରକ ଅଟନ୍ତି ବୋଲି ଶ୍ରୀଯୁକ୍ତ ଅନୀଲ ଶର୍ମା ସାମ୍ବାଦିକ ସମ୍ମିଳନୀରେ ମୋଦୀ ସରକାରଙ୍କ ଉପରେ ବର୍ଷିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଶର୍ମା ଓ ପିସିସି ସଭାପତି ଙ୍କ ସମେତ ପିସିସି ଗଣମାଧମ ଅଧକ୍ଷ ଗଣେଶ୍ୱର ବେହେରା, ଆବାହକ ସତ୍ୟପ୍ରକାଶ ନାୟକ, ମୁଖପାତ୍ର ରଜନୀ ମହାନ୍ତି, ପଦ୍ମାକର ଗୁରୁ ଉପସ୍ଥିତଥିଲେ ବୋଲି ପିସିସି ଗଣମାଧମ ସଂଯୋଜକ ଦୀପକ କୁମାର ମହାପାତ୍ର ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

## କିଶୋରଙ୍କ ଟିକାକରଣ ପାଇଁ ପଞ୍ଜୀକରଣ ଆରମ୍ଭ

ଭୁବନେଶ୍ୱର,୨/୧ (ନି.ପ୍ର): ଆସନ୍ତା ୩ତାରିଖରୁ ରାଜ୍ୟରେ ୧୫-୧୮ବର୍ଷ କିଶୋରଙ୍କ ଟିକାକରଣ ଆରମ୍ଭ ହେବ । ଏଥିପାଇଁ କୋ-ୱିନ୍ ଆପ୍‌ରେ ଆଜିଠାରୁ ଅନ୍‌ଲାଇନ୍‌ରେ ପଞ୍ଜୀକରଣ ଆରମ୍ଭ ହୋଇଛି । ହେଲେ ରାଜ୍ୟରେ ଏବେ ସୁଦ୍ଧା କେତେ ସଂଖ୍ୟକ କିଶୋର ପଞ୍ଜୀକରଣ କରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ । ମାତ୍ର ଦେଶବ୍ୟାପୀ ଏହି ସଂଖ୍ୟା ୬୯ହଜାରରୁ ଅଧିକ ଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ରାଜ୍ୟରେ କିଶୋର ସଂଖ୍ୟା ୨୩ଲକ୍ଷ ୬୫ହଜାର ରହିଛି । ଉଭୟ ଅନ୍‌ଲାଇନ୍ ଓ ଅନ୍‌ସାଇଟ୍ ପଞ୍ଜୀକରଣ କରି ଟିକା ନେବା ପାଇଁ ଅନୁମତି ରହିଛି । କିଶୋରଙ୍କ ଟିକାକରଣ ପାଇଁ ରାଜ୍ୟରେ କାର୍ଯ୍ୟ କରୁଥିବା ଟିକାକରଣ କେନ୍ଦ୍ରକୁ ସମର୍ପିତ କରାଯିବ । ଯେତେ ପିଲା ଟିକା ନେବାକୁ ଆସିବେ ସେମାନଙ୍କର ଟିକାକରଣ କରାଯିବ । ରାଜ୍ୟ ଟିକାକରଣ ନୋଡାଲ ଅଧିକାରୀ ଡା.ବିଜୟ ପାଣିଗ୍ରାହୀ କହିଛନ୍ତି, ୨୦୦୫-୨୦୦୭ ମସିହା ଭିତରେ ଜନ୍ମଗ୍ରହଣ କରିଥିବା ପିଲାମାନେ ଟିକା ନେଇ ପାରିବେ । ଏବେ ରାଜ୍ୟରେ ପ୍ରାୟ ୧୫ଲକ୍ଷ ଟିକା ମହଜୁଦ ଅଛି । କେନ୍ଦ୍ର ସରକାର ପର୍ଯ୍ୟାପ୍ତ କୋଭାକ୍ସିନ୍ ଟିକା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଓଡ଼ିଶା ୫କୋଟି ଡୋଜ୍ ଟିକାକରଣ ମାଇଲଖୁଣ୍ଟ ଅତିକ୍ରମ କରିଛି । ରାଜ୍ୟରେ ୧୮ବର୍ଷରୁ ଅଧିକ ୩.୨୫କୋଟି ଲୋକ ବା ୯୦ ପ୍ରତିଶତ ନିଜର ପ୍ରଥମ ଡୋଜ୍ ନେଇ ସାରିଲେଣି । ୬୪ ପ୍ରତିଶତ ଉଭୟ ଡୋଜ୍ ନେଇଛନ୍ତି । ଚଳିତମାସ ୧୫ତାରିଖ ସୁଦ୍ଧା ସମସ୍ତଙ୍କୁ ଟିକାକରଣ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଡା.ପାଣିଗ୍ରାହୀ କହିଛନ୍ତି । ରାଜ୍ୟରେ ୨୪୩୮ ଟିକାକରଣ କେନ୍ଦ୍ରରେ ଆଜି ୧ ?ଲକ୍ଷ ୬୧ହଜାର ୮୧୦ ଡୋଜ୍ ଟିକା ଦିଆଯାଇଛି । ମୋଟ ଟିକାଦାନ ସଂଖ୍ୟା ୫କୋଟି ୨୨ଲକ୍ଷ ୪ହଜାର ୭୧୭ରେ ପହଞ୍ଚିଛି ।

## ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ

ଭୁବନେଶ୍ୱର,୨/୧ (ନି.ପ୍ର): ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀମାନଙ୍କ ପାଇଁ ଖୁସିର ଖବର । ଗତବର୍ଷ ଶେଷ ଦିନ ତଥା ୩୧.୧୨.୨୦୨୧ରିଖ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ରାଜ୍ୟ ସରକାରଙ୍କ ଘୋଷିତ ୩ ପ୍ରତିଶତ ବର୍ଦ୍ଧିତ ମହଙ୍ଗା ଭତା ଏବଂ ୩୦ ପ୍ରତିଶତ ବକେୟା ଦରମା ପ୍ରଦାନ କରି ଶିକ୍ଷକ ଏବଂ ଅଧାପକମାନଙ୍କ ସପ୍ତମ ବେତନ କମିଶନ ଲାଗୁ କରିଥିବାରୁ ରାଜ୍ୟ ସରକାରୀ କର୍ମଚାରୀ ମାନଙ୍କ ମନ ଖୁସି କରିଥିବାରୁ ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତିର ସଭାପତି ଲିଙ୍ଗରାଜ ମହାନ୍ତି, ସାଧାରଣ ସମ୍ପାଦକ ନରୋତମ ପାର୍ଥସାରଥୀ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ ଓ ଅବସରପ୍ରାପ୍ତ ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ମହାସଂଘ ତରଫରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି । ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ନେତୃତ୍ୱମାନଙ୍କ ଦ୍ୱାରା ବାରମ୍ବାର ଦାବି ସତ୍ତ୍ୱେ ବହୁ ବିଳମ୍ବରେ ହେଲେ ମଧ ସରକାର ମହଙ୍ଗା ଭତା ଏବଂ ବକେୟା ଦରମା ଘୋଷଣା କରିଥିବାରୁ କର୍ମଚାରୀ ମହଲରେ ଆନନ୍ଦ ଖେଳିଯାଇଛି । ମାତ୍ର ଅନ୍ୟାନ୍ୟ ମୁଖ୍ୟ ଦାବିଗୁଡ଼ିକ ମଧରୁ କେନ୍ଦ୍ରୀୟ ହାରରେ ନୂତନ ଘରଭଡ଼ା ପ୍ରଦାନରେ ଅବହେଳା କରିଥିବାରୁ କର୍ମଚାରୀ ସଂଘର ନେତୃବୃନ୍ଦମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏହି ଦାବିକୁ ତୁରନ୍ତ ବିଚାରକୁ ନିଆଯାଇ ନୂତନ କେନ୍ଦ୍ରୀୟ ହାରରେ ଘରଭଡ଼ା ପ୍ରଦାନ କରିବାକୁ ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତିର କାର୍ଯ୍ୟକାରୀ ସମ୍ପାଦକ କାହ୍ନୁଚରଣ ମଲ୍ଲିକ ଦାବି କରିଛନ୍ତି ।

## ବ୍ରଜରାଜନଗର ବିଧାନସଭା ଆସନ ଖାଲି ପଡିବା ନେଇ ବିଜ୍ଞପ୍ତି

ଭୁବନେଶ୍ୱର,୨/୧ (ନି.ପ୍ର): ବ୍ରଜରାଜନଗରର ବିଜେଡି ବିଧାୟକ କିଶୋର କୁମାର ମହାନ୍ତିଙ୍କ ଦେହାନ୍ତ ସମ୍ପର୍କରେ ଇସିଆଇଙ୍କୁ ଅବଗତ କରାଇଛନ୍ତି ବିଧାନସଭା ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର । କିଶୋର ମହାନ୍ତିଙ୍କ ଦେହାନ୍ତ ପରେ ବ୍ରଜରାଜନଗର ବିଧାୟକ ପଦବୀ ଖାଲି ପଡ଼ିବା ନେଇ ରାଜ୍ୟ ବିଧାନସଭା ପକ୍ଷରୁ ୟ ବିଜ୍ଞପ୍ତି ପ୍ରକାଶ ପାଇଛି । ଏସମ୍ପର୍କରେ ନିର୍ବାଚନ କମିଶନ ଓ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରାଯାଇଛି । ନିୟମ ଅନୁଯାୟୀ ଆଗାମୀ ୬ ମାସ ମଧରେ ନିର୍ବାଚନ କରାଯିବ । ଏ ନେଇ ସୂଚନା ଦେଇ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି ସ୍ୱର୍ଗତଃ ମହାନ୍ତି ଜଣେ ଜନପ୍ରତିନିଧି ଭାବେ ଅନେକ ସୁନାମ ଅର୍ଜନ କରିଥିଲେ । ସେ ବିଧାନସଭାର ବାଚସ୍ପତି ଭାବେ ଦାୟିତ୍ୱ ତୁଲାଇବା ସହ ରାଜ୍ୟସଭାର ସାଂସଦ ଥିଲେ । ଏଥି ସହ ବିଧାୟକ ଭାବେ ସେ ଅନେକ ସମୟରେ ଲୋକଙ୍କ କଥା ଗୃହରେ ଉପସ୍ଥାପନା କରୁଥିଲେ । ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧକ୍ଷ ଦାୟିତ୍ୱ ତୁଲାଇଥିଲେ କିଶୋର । ହୀରାକୁଦ ବିସ୍ଥାପିତଙ୍କ ହକ୍ ପାଇଁ ସେ ଲଢ଼େଇ କରିଆସିଥିଲେ । ତାଙ୍କ ପରଲୋକରେ ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଆସନଟି ଖାଲି ହେବା ନେଇ ଭାରତୀୟ ନିର୍ବାଚନ କମିଶନ, ରାଜ୍ୟ ନିର୍ବାଚନ ଅଧିକାରୀ, ବିଧାନସଭାର ସମସ୍ତ ସଦସ୍ୟ ଓ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି ।

## ଓବିସି ସଂରକ୍ଷଣ ଦାବିରେ ୮ ତାରିଖ ଯାଏଁ ରାଜ୍ୟବ୍ୟାପୀ ବିକ୍ଷୋଭ କରିବ ବିଜେପି

ଭୁବନେଶ୍ୱର,୨/୧ (ନି.ପ୍ର): ୫୪ ପ୍ରତିଶତ ପଛୁଆ ବର୍ଗଙ୍କ ସ୍ୱାର୍ଥ ଓ ଅଧିକାର ପାଇଁ ବିଜେପି ଓବିସି ମୋର୍ଚ୍ଚା ତରଫରୁ ଆହୁରି ବ୍ୟାପକ ଆନ୍ଦୋଳନ କରାଯିବ । ରାଜ୍ୟରେ ଶାସକ ବିଜେଡିର ଓବିସି ବିରୋଧୀ ମନୋଭାବ ବିରୁଦ୍ଧରେ ରାଜଧାନୀରୁ ପଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନ କରିବ ବିଜେପି । ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ସମସ୍ତ ଜିଲ୍ଲାପାଳ ଏବଂ ବ୍ଲକ ଅଫିସରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରାଯିବ । ଆଗାମୀ ଦିନରେ ଏହି ଆନ୍ଦୋଳନକୁ ପଂଚାୟତ ସ୍ତରକୁ ନିଆଯିବା ସହିତ ରାଜ୍ୟବ୍ୟାପୀ ଦସ୍ତଖତ ସଂଗ୍ରହ ଅଭିଯାନରେ ଓଡିଶାବାସୀଙ୍କ ମତାମତ ସଂଗ୍ରହ କରାଯାଇ ରାଜ୍ୟପାଳଙ୍କୁ ପ୍ରଦାନ କରାଯିବ ବୋଲି ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ସୂଚନା ଦେଇଛନ୍ତି । ସେ କହିଛନ୍ତି ସଂଖ୍ୟାଧିକ ବର୍ଗଙ୍କ ସ୍ୱାର୍ଥ କଥା ଆସିଲେ ରାଜ୍ୟ ସରକାର ପଛଘୁଂଚା ଦେବା ଅତ୍ୟନ୍ତ ଦାୟୀତ୍ୱହୀନତାର ପରିଚୟ । ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ରାଜ୍ୟ ସରକାର ପଛୁଆ ବର୍ଗଙ୍କ ପ୍ରତି ବୈମାତୃକ ମନୋଭାବ ପ୍ରଦର୍ଶନ କରିବା ସହିତ ଦ୍ୱନ୍ଦ ସୃଷ୍ଟି କରି ତାଙ୍କୁ ପଂଚାୟତ ନିର୍ବାଚନରେ ଭାଗିଦାରୀ ହେବାରୁ ବଂଚିତ ରଖିବାର ହୀନ ପ୍ରୟାସ କରିଛନ୍ତି । ଉଚ୍ଚ ନ୍ୟାୟାଳୟର ଆଳ ଦେଖାଇ ରାଜ୍ୟ ସରକାର ପଛୁଆ ବର୍ଗଙ୍କୁ ଆଗାମୀ ନିର୍ବାଚନରେ ବଂଚିତ କରାଇବାକୁ ଷଡଯନ୍ତ୍ର କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ପଛୁଆ ବର୍ଗ ବିରୋଧୀ । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ସୋନାଲୀ ସାହୁ, ଓବିସି ମୋର୍ଚ୍ଚା ରାଜ୍ୟ ସାଧାରଣ ସଂପାଦକ ଜ୍ଞାନରଞ୍ଜନ ସ୍ୱାଇଁ ଉପସ୍ଥିତ ଥିଲେ ।

# ପାରାଦୀପର ଢିଙ୍କିଆରେ ପୋଲିସ୍ ଫ୍ଲାଗମାର୍ଚ୍ଚକୁ ସମାଜବାଦୀ ପାର୍ଟିର ନିନ୍ଦା

ଭୁବନେଶ୍ୱର,୨/୧ (ନି.ପ୍ର): ସମଗ୍ର ବିଶ୍ୱ ଯେତେବେଳେ ନୂଆବର୍ଷ ୨୦୨୨କୁ ଆଶା ଓ ଆଶଙ୍କା ଭିତରେ ଅପେକ୍ଷା କରୁଛି, ସେତିକିବେଳେ ଓଡ଼ିଶା ପୋଲିସ୍ କର୍ପୋରେଟ ସ୍ୱାର୍ଥ ପାଇଁ ସାଧାରଣ ଲୋକଙ୍କ ଉପରେ ଆତଙ୍କରାଜ ଚଳାଇଛି । ଆଜି ନୂଆବର୍ଷରେ ପୋଲିସ୍ ଆତଙ୍କରାଜର ନମୂନା ଦେଖିବାକୁ ମିଳିଛି ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକର ଢିଙ୍କିଆ ପଂଚାୟତରେ । ଯେଉଁ ଢିଙ୍କିଆବାସୀ ଶତାଧିକ ମକଦ୍ଦମାରେ ଛନ୍ଦିହୋଇ ପୋଲିସ୍ ପ୍ରଶାସନର ନାଲିଆଖିକୁ ନ ଡ଼ରି ମଧ ବିଶ୍ୱର ଅନ୍ୟତମ ଇସ୍ପାତ ଶିଳ୍ପ କାରଖାନା ପୋସ୍କୋକୁ ମାଟିରୁ ତଡ଼ି ଦେଇଥିଲେ, ଆଜି ସେହି ଢିଙ୍କିଆରେ ଜିନ୍ଦଲ ଷ୍ଟିଲ୍ ତାହାର ପ୍ରକଳ୍ପ କରିବା ପାଇଁ ସାଧାରଣ ଲୋକଙ୍କୁ ପୋଲିସ୍ ନାଲିଆଖି ଦେଖାଇଛି । ପାଖାପାଖି ୧୫ରୁ ୨୦ ପ୍ଲାଟୁନ ପୋଲିସ୍ ନୂଆବର୍ଷ ଦିନ ଢିଙ୍କିଆ ଗ୍ରାମକୁ ଘେରାଉ କରି ରଖିଛନ୍ତି । ଲୋକମାନେ ମଧ ପୋଲିସ୍ ଆତଙ୍କରାଜକୁ ନ ଡ଼ରି ଗ୍ରାମଭିତରେ ଏକାଠି ହେବାରେ ଲାଗିଛନ୍ତି । ତେଣୁ ନୂଆବର୍ଷରେ ଗୋଟିଏ ପଟେ ପୋଲିସ୍ ଫୋର୍ସ ଏବଂ ଅନ୍ୟ ପଟରେ ସାଧାରଣ ଜନତା ମୁହାଁମୁହିଁ ହୋଇଛନ୍ତି । ଯେକୌଣସି ସମୟରେ ପରିସ୍ଥିତି ଏକ ଭିନ୍ନ ମୋଡ଼ ନେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ ବୋଲି ସମାଜବାଦୀ ପାର୍ଟି ପକ୍ଷରୁ କୁହାଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଢିଙ୍କିଆରେ ପୋଲିସ୍ ଫ୍ଲାଗମାର୍ଚ୍ଚକୁ ନିନ୍ଦା କରିବା ସହିତ ଢିଙ୍କିଆ ଗ୍ରାମରୁ ପୋଲିସ୍ ଛାଉଣୀ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି । ସାଧାରଣ ଲୋକମାନେ କ'ଣ ପାଇଁ ପ୍ରକଳ୍ପ ବିରୁଦ୍ଧରେ ସ୍ୱର ଉତୋଳନ କରୁଛନ୍ତି, ସେଥିପ୍ରତି ପ୍ରଶାସନ ଗୁରୁତ୍ୱ ଦେବା ଉଚିତ୍ । ପୋସ୍କୋ ସମୟରେ ସାଧାରଣ ଲୋକଙ୍କ ଉପରେ ଯେଉଁ ମିଥ୍ୟା ମକଦ୍ଦମା ହୋଇଥିଲା, ତାକୁ ପ୍ରତ୍ୟାହାର କରିବା, ସାଧାରଣ ଲୋକଙ୍କୁ ଉଚିତ୍ କ୍ଷତିପୂରଣ ପାଇଁ ସେମାନଙ୍କ ସହିତ ଆଲୋଚନା କରି ପଦକ୍ଷେପ ନେବାକୁ ଶ୍ରୀ ବେହେରା


ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହନ୍ତି ପାବକଃ ।
ନ ଚୈନଂ କ୍ଳେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ ॥



ଶ୍ରୀ ବାଞ୍ଛାନିଧି ବେହେରା
ପୋଡାଡିହା, ରୂପ୍ସା, ବାଲେଶ୍ୱର
ଜନ୍ମ: ୦୩/୦୪/୧୯୩୧
ତିରୋଧାନ: ୨୪/୧୨/୨୦୨୧

ଚାହୁଁ ଚାହୁଁ ଏଗାରଦିନ ବିତିଗଲା, ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ କର୍ତ୍ତବ୍ୟ ଆମପାଇଁ ସବୁଦିନ ପ୍ରେରଣାର ଉତ୍ସ ହୋଇ ରହିବ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ଶୋକ ସନ୍ତପ୍ତ: ପୁତ୍ର, ପୁତ୍ରବଧୂ- ହରେକୃଷ୍ଣ, ଚାରୁଲତା, ଶ୍ରୀଧର, ଲିତା ଓ ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବ


# ଶ୍ରୀଶ୍ରୀ ଠାକୁର ନିଗମାନନ୍ଦଙ୍କ ୧୦୭ ତମ ସାର୍ବଭୌମ ଭକ୍ତ ସମ୍ମିଳନୀ ଉଦ୍‌ଯାପିତ



ଭୁବନେଶ୍ୱର,୨/୧ (ନି.ପ୍ର): ଆସାମ ବଙ୍ଗୀୟ ସାରସ୍ୱତ ମଠ (କୋକିଳାମୁଖ) ପକ୍ଷରୁ ବିଶ୍ୱବନ୍ଦିତ ସଦ୍‌ଗୁରୁ ଶ୍ରୀଶ୍ରୀ ଠାକୁର ନିଗମାନନ୍ଦଙ୍କ ପ୍ରବର୍ତ୍ତିତ ୧୦୭ ତମ ବିଧିରକ୍ଷା ସାର୍ବଭେ ?ମ ଭକ୍ତ ସମ୍ମିଳନୀ ଗତ ଡିସେମ୍ବର ମାସ ୨୭ ତାରିଖରୁ ଆରମ୍ଭ ହୋଇ ୨୯ ତାରିଖ ପର୍ଯ୍ୟନ୍ତ ପୁରୀ ଜିଲ୍ଲାର ପିପିଲି ଉପକଣ୍ଠ ଜଇସପାଟଣା ଗ୍ରାମ ନିକଟସ୍ଥ ମୁଦୁଲି ଫାର୍ମ ହାଉସଠାରେ ସଂପୂର୍ଣ୍ଣ କରୋନା କଟକଣା ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି । ତେବେ ଗତ ଡିସେମ୍ବର ୨୬ ତାରିଖରେ ଅଧିବାସ ପର୍ବାନ୍ତେ ୨୭ ତାରିଖରେ ସମ୍ମିଳନୀର ଅନ୍ତରଙ୍ଗ ଅଧିବେଶନ ଓ ୨୮ ତାରିଖରେ ସାଧାରଣ ଅଧିବେଶନ ଆନନ୍ଦ ସଭା ପୂଜ୍ୟପାଦ ମହନ୍ତ ସ୍ୱାମୀ ଦିବ୍ୟାନନ୍ଦ ସରସ୍ୱତୀ ମହାରାଜଜୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ୨୯ ତାରିଖରେ ସମ୍ମିଳନୀର ମହିଳା ସଭା ପ୍ରାକ୍ତନ ଅଧାପିକା ଗୀତାରାଣୀ ପୂଜାରୀଙ୍କ ସଭାପତିତ୍ୱରେ ସମାହିତ ହୋଇ ଥିବାବେଳେ ଅପରାହ୍ଣରେ ସାଧାରଣ ଧର୍ମସଭା ହିମାଳୟର ସାଧୁ ସ୍ୱାମୀ ଶର୍ମିଷ୍ଠାନନ୍ଦ ସରସ୍ୱତୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା ।

ଏହି ସମ୍ମିଳନୀର ବିଧିରକ୍ଷା ଅନୁଷ୍ଠାନରେ ଆସାମ-ବଙ୍ଗୀୟ ସାରସ୍ୱତ ମଠ (କୋକିଳାମୁଖ)ର ଟ୍ରଷ୍ଟ ସଭାର ସଦସ୍ୟମାନଙ୍କ ମଧରୁ ସର୍ବଶ୍ରୀ ଆସାମରୁ ହରିପଦ ସରକାର, ଜଲପାଇଗୁଡ଼ିରୁ ଶସାଙ୍କ ବସୁନିଆ, କଲିକତାରୁ ନିଶିଥ ଦତ୍ତ(ଚାଟାର୍ଡ), ଖଡ଼କୁସୁମା ଆଶ୍ରାମାଧକ୍ଷ ଶ୍ରୀମତ୍ ସବ୍ୟସାଚୀ ଚୈତନ୍ୟ ବ୍ରହ୍ମଚାରୀ, ଓଡ଼ିଶାରୁ ମହେଶ୍ୱର ସ୍ୱାଇଁ, ପଶ୍ଚିମବଙ୍ଗ ପ୍ରଚାର ବିଭାଗର ଅଧକ୍ଷ ଶ୍ରୀମତ୍ ଅଚିନ୍ତ୍ୟ ଚୈତନ୍ୟ ବ୍ରହ୍ମଚାରୀଙ୍କ ସମେତ ସର୍ବଭାରତୀୟ ସ୍ତରରେ ତତ୍ତ୍ୱାବଧାରିକା ସମିତିର ସଭାପତି ଡାକ୍ତର ଅରୁଣ କର, ପୂଜ୍ୟପାଦ ମହନ୍ତ ମହାରାଜଜୀଙ୍କ ସଚିବ ନିରଞ୍ଜନ ମହାନ୍ତି, ତତ୍ତ୍ୱାବଧାରିକା ସମିତିର ସହସଭାପତି ବୈକୁଣ୍ଠ ହୋତା ଓ ସହସଭାପତି ସୁରେଶ ଚନ୍ଦ୍ର ମହାପାତ୍ର, ଆନନ୍ଦନଗର ଆଶ୍ରମର ଉପାଧକ୍ଷ ଶ୍ରୀମତ୍ ଅପରୂପାନନ୍ଦ ସରସ୍ୱତୀ, ମାନସମୁଢ଼ିଆ ଆଶ୍ରମାଧକ୍ଷ ଶ୍ରୀମତ୍ ଦେବେଶାନନ୍ଦ ସରସ୍ୱତୀ, ଆଦ୍ରା ଆଶ୍ରମାଧକ୍ଷ ଶ୍ରୀମତ୍ ରମଣାନନ୍ଦ ସରସ୍ୱତୀ, ବନାରସରୁ ଶ୍ରୀମତ୍ ସ୍ୱାମୀ ଅପୂର୍ବାନନ୍ଦ ସରସ୍ୱତୀ, ଶ୍ରୀମତ୍ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଓ ଓଡ଼ିଶାର ବିଭାଗୀୟ ସଦସ୍ୟ ଦେବ କୁମାର ରାଉତରାୟ ପ୍ରମୁଖ ଯୋଗଦାନ କରି ଧାର୍ମିକ ଆଲୋଚନା କରିଥିଲେ ।

ଏହି ସାର୍ବଭୌମ ସମ୍ମିଳନୀରେ ଭୁବନେଶ୍ୱର ଆଶ୍ରାମାଧକ୍ଷ ଶ୍ରୀମତ୍ ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀଙ୍କ ନେତୃତ୍ୱରେ ସମ୍ମିଳନୀ କମିଟିର ସଂପାଦକ ନିଗମ ପ୍ରସାଦ ନାୟକ, ସହ ସଭାପତି ଇଂ. ସଂଜୟ ରାଉତ, ଡା. ଅଶୋକ ପାଢ଼ୀ, ସେବକ ସଂଘର ସଂପାଦକ ଡ. ବିଚିତ୍ରାନନ୍ଦ ପାତ୍ର, ସୁଶ୍ରୀ ଅନିମା ବେହେରା, ନଳୀନିକାନ୍ତ ମୁଦୁଲି, ଓଡ଼ିଶାର ବିଭାଗୀୟ ସଦସ୍ୟ ଓ ଜିଲ୍ଲା ସଦସ୍ୟମାନଙ୍କ ପରିଚାଳନାରେ ସମ୍ମିଳନୀ ସୁଚାରୁ ରୂପେ ସଂପାଦିତ ହୋଇଯାଇଛି ।

# ଖୋର୍ଦ୍ଧାରେ ନୂଆବର୍ଷ ଶାନ୍ତିଶୃଙ୍ଖଳା ସହିତ ପାଳିତ

ଖୋର୍ଦ୍ଧା, ୦୨/୦୧ (ନି.ପ୍ର): ନୂତନ ବର୍ଷ ଶାନ୍ତି ଶୃଙ୍ଖଳା ଶହ ପାଳିତ ହୋଇଛି। ଖୋର୍ଦ୍ଧା ଜିଲ୍ଲାର ମୁଖ୍ୟ ଦପ୍ତର ଖୋର୍ଦ୍ଧା। ଉକ୍ତ ସହର ଶାନ୍ତି, ପ୍ରୀତି, ସହର ।ଲୋକମାନେ ନିଜ ନିଜ ଭିତରେ ଭାବର ଆଦାନ ପ୍ରଦାନ ଅଛି। ଭୁବନେଶ୍ୱରରେ ବାହାରଲୋକ ଆସି ରହି ଘରକରି ରହିଲେ ମଧ୍ୟ ଏ ଘର ଲୋକ ସେ ଘର ଲୋକଙ୍କୁ ଚିହ୍ନନ୍ତି ନାହିଁ । ବର୍ତ୍ତମାନ ରାଜଧାନୀ ଭୁବନେଶ୍ୱର ଟିଭି ଓ ଖବର କାଗଜ ଖୋଲିଲେ ଦେଖିବା ମିଳେ ରାହାଜାନୀ, ଚୋରି, ଦୁଷ୍କର୍ମ, ଗୁଣ୍ଡାଗିରି । ଶାନ୍ତିରେ ରହିବା ଏଠି ମିଳେ ନାହିଁ। ଏଠି ଭୋଟବାକ୍ସ ହେଉଛି ବସ୍ତିବାସିନ୍ଦା। ଶିକ୍ଷିତ, ବଡ ଲୋକ ମଧ୍ୟବିତ, ସରକାରୀ ଚାକିରିଆ ଭୋଟ ନଗ୍ନ। ଖୋର୍ଦ୍ଧାରେ ତାହା ନ ଥିଲା। ଖୋର୍ଦ୍ଧାରେ ଧଳା ଜହର ଆସିଲା ଦିନୁ ଖୋର୍ଦ୍ଧା ସହର ଅଶାନ୍ତି ହେବାରେ ହେବାକୁଯାଉଛି। ଏହି ବ୍ରାଉନ ଶୁଗାର ପେଣ୍ଟସ୍ଥଳ ହେଉଛି ନବିନାବାଗ ଜବରଦସ୍ତ ପାଟଣା, ଗୁରୁଜଙ୍ଗ ଜବରଦସ୍ତ ପଡିଆ, ଗନ୍ଧିପଡ଼ିଆ ପାଖ ସରକାରୀ ଜାଗାରେ ପ୍ରାୟ ୨୦୦୦ ହଜାର ଲୋକ ଘରକରି ଅଛନ୍ତି। ଏମାନଙ୍କ ମଧ୍ୟରୁ ପ୍ରାୟ ୧୧୦୦ ଲୋକ ଧନୀ ମାନି ଚାକିରିଆ। ସେଠି ସବୁ କିଛି ଚାଲେ। କିଛି ଘରୋଇ ମହିଳା ଏହି ଅଞ୍ଚଳରେ ରହି ଦେହ ବେବସାୟ ଓ ନିଶା କାର ବାର କରନ୍ତି। ଖୋର୍ଦ୍ଧା ବିଦ୍ୟୁତ ପାୱାର ଷ୍ଟେସନ ଲାଗି ଯେଉଁ ଘର ସରକାରୀ ଯାଗାରେ ଅଛି ସେସବୁ ବିପଦପୂର୍ଣ୍ଣ । ଏହାକୁ ପ୍ରଶ୍ରୟ ଦେଇଛନ୍ତି କୁଜି ନେତା । ଏହାଙ୍କ ସହ ସମ୍ପର୍କ ରଖିଛନ୍ତି ଏହି ବସ୍ତିବାସିନ୍ଦା ସୁନ୍ଦରୀ ବିବାହିତ ମହିଳା । କିଛି ମହିଳା କରନ୍ତି ନିଶା ବେପାର, ଦେହବେପାର ସବୁ ଜଣା ପୋଲିସ ଓ ଅବକାରୀ ବିଭାଗ ଅଧିକାରୀଙ୍କୁ ଓ ଖୋର୍ଦ୍ଧା ଜନସାଧାରଣଙ୍କୁ ମାତ୍ର ଭୟ ମାଡକୁ । ଜାଣିଲେ ମଧ କିଛି କରି ପାରିବେ ନାହିଁ। କାରଣ ଏହି ମାନଙ୍କ ଠାରୁ ମାସିକିଆ ବଟି ନିଅନ୍ତି ପୋଲିସ ଓ ଅବକାରୀ ବିଭାଗ ଶୁଣିବାକୁ ଏ ସବୁ ମିଳେ । ଏବେ ଖୋର୍ଦ୍ଧା ସହର ଅଶାନ୍ତ ହେବାରେ ଲାଗିଛି ।

# ଅଜାତଶତ୍ରୁଙ୍କ ୧୪ତମ ଶ୍ରାଦ୍ଧବାର୍ଷିକୀ ପାଳିତ

ବାଲେଶ୍ୱର, ୦୨/୦୧ (ନି.ପ୍ର): ବାଲେଶ୍ୱର ମାଟିର ଜଣେ ସୁଯୋଗ୍ୟ ସନ୍ତାନ ଥିଲେ ସ୍ୱର୍ଗତ ଅଜାତଶତ୍ରୁ ଦାସ । ବାଲ୍ୟ ଜୀବନରୁ ସ୍ୱଷ୍ଟବାଦୀ ନିର୍ଭୀକ ତଥା କର୍ମଠ ଥିବା ଜଣା ପଡୁଥିଲେ । ସୁନହଟର ସମ୍ଭ୍ରାନ୍ତ ପରିବାରରେ ଜନ୍ମନେଇ ପରିବାରର ଉଚ୍ଚାଭିଳାସୀ ହେବା ସଙ୍ଗେ ସଙ୍ଗେ ପ୍ରଶାସନିକ କ୍ଷେତ୍ର, ସାମାଜିକ, ସଂସ୍କୃତି, କଳା ଏପରିକି ସମାଜ ମଙ୍ଗଳ କ୍ଷେତ୍ରରେ ବାଲେଶ୍ୱର ପ୍ରତି ତାଙ୍କର ବିଶେଷ ଅବଦାନକୁ ଆଜି ସାମ୍ବାଦିକ ତଥା ବହୁ ବିଶିଷ୍ଟ ବ୍ୟକ୍ତିଗଣ ତାଙ୍କର ୧୪ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ଥାନୀୟ କଚେରୀହତା ସ୍ଥିତ ସାମ୍ବାଦିକ ପ୍ରକୋଷ୍ଠରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରି ମତବ୍ୟକ୍ତ କରିଥିଲେ । ଏପରିକି ତାଙ୍କ ଜୀବନକାଳ ଖୁବ୍ ବଡ଼ଥିଲା । ଯଦିଓ ଲମ୍ବା ନଥିଲା, କିନ୍ତୁ ତାଙ୍କର କାର୍ଯ୍ୟଶୈଳୀ ଦକ୍ଷତା ଆଭିମୁଖୀ ସବୁବର୍ଗର ବ୍ୟକ୍ତି ବିଶେଷଙ୍କଠାରେ ଛାପ ଛାଡ଼ି ଯାଇଛି ବୋଲି ଉପସ୍ଥିତ ଅତିଥିଙ୍କ ନିଜର ଭାବନା ମଧ୍ୟରେ ମଧ୍ୟ ପ୍ରକାଶ କରିଥିଲେ। ଭଲ ଅଭିନେତା ସହ ମଧ୍ୟ ଭଲ ଖାଇବ କର, ପିନ୍ଧିବା କର ତଥା ପ୍ରାକୃତିକ ପରିବେଶ ସହ ପଶୁପକ୍ଷୀଙ୍କୁ ଭଲ ପାଇବା ଏବଂ ସଂଘବଦ୍ଧ ଜୀବନ ଯାପନରୁ ସେ ଅଧିକ ପସନ୍ଦ କରିଥିଲେ । ବିଶେଷ କରି ବାଲେଶ୍ୱର ଜିଲ୍ଲାର ସାମ୍ବାଦିକମାନଙ୍କୁ ଏକତ୍ର କରି ସେମାନଙ୍କ କାର୍ଯ୍ୟ ଦକ୍ଷତା ବୃଦ୍ଧି ସହ ସେମାନଙ୍କ କିପରି ଉତ୍ତର ଉନ୍ନତି ହେବା ସେପ୍ରତି ଯଥେଷ୍ଟ ଯତ୍ନବାନ ଥିଲେ ବୋଲି ଆଜି ସହ ଶ୍ରାଦ୍ଧାଞ୍ଜଳୀ ସଭାରେ ଉପସ୍ଥିତ ସାମ୍ବାଦିକ ମାନେ ମତବ୍ୟକ୍ତି କରିଥିଲେ । ସାମ୍ବାଦିକଙ୍କ ଭଲ ପାଇବା କଥା ତାଙ୍କ ପ୍ରତି ସମ୍ମାନ ଥିବା ଭକ୍ତି ମଧ ସାମ୍ବାଦିକମାନେ ଉଚ୍ଚାରଣ କରିଥିଲେ । ଆଜର ଏହି କାର୍ଯ୍ୟକ୍ରମରେ ପୂର୍ବତନ ନଗରକାଳ ଶ୍ରୀ ଆଲୋକ ସାହୁ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଦୀପକ କୁମାର ସସାହୁ, ବରିଷ୍ଠ ସାମ୍ବାଦିକ ଲକ୍ଷ୍ମୀଧର ବେହେରା, କିଶୋର ଦାସ, ସୃଷ୍ଟିଧର ପରିଡ଼ା, ବିପ୍ଲବ ମହାନ୍ତି, ଲକ୍ଷ୍ମୀ ନାରାୟଣ ମହାନ୍ତି, ଦେବବ୍ରତ ପାଣିଗ୍ରାହୀ, ଆଇଜୀବୀ ମନୋଜ ନାୟକ, ଅଭୟ ଦାସ, ମିହିର ମହାପାତ୍ର, ମଦନ ଦାସ, କାହ୍ନୁ ଚରଣ ଦାସ, ଗୌରାଙ୍ଗ ପାଣିଗ୍ରାହୀ, ସୁରେନ୍ଦ୍ର ଜେନା, ରାଧା ପ୍ରବୀଣ ଦାସ, ଗୌତମ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଅଜାତଶତ୍ରୁଙ୍କ ଦୁଇ ବଡ଼ଭାଇ ଅଂଜନ ଦାସ, ଅଧିପ ଦାସ, ସାନ ଭାଇ ଭିକୁର ଦାସ ତଥା ତାଙ୍କ ପୁତ୍ର ଅଭିରାମ ଦାସ ମଧ ଉପସ୍ଥିତ ଥିଲେ । ଅଜାତଶତ୍ରୁ ସ୍ମୃତି କମିଟିର ସହଯୋଗରେ ଏହି କାର୍ଯ୍ୟକ୍ରମକୁ କମିଟିର ଆବାହକ ନିରଞ୍ଜନ ଦାସ ପରିଚାଳନା କରିଥିବା ବେଳେ ବ୍ରହ୍ମାନନ୍ଦ ସ୍ୱାଇଁ ସମସ୍ତ ସହଯୋଗ କରି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶେଷରେ ଆଇନଜୀବୀ ତଥା ରାଜନେତା ସୂର୍ଯ୍ୟକାନ୍ତ କର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶ୍ରଦ୍ଧାଞ୍ଜଳୀ ଅବସରରେ ଅଜାତଶତ୍ରୁଙ୍କ ବଡ଼ଭାଇ ପ୍ରାଧ୍ୟାପକ ଅଂଜନ କୁମାର ଦାସ ତାଙ୍କ ସ୍ମୃତିରକ୍ଷା ନିମନ୍ତେ ପ୍ରତ୍ୟେକ ବର୍ଷ ୫ଟି ବିଭିନ୍ନ କ୍ଷେତ୍ରରେ ଯୁବ ପ୍ରତିଭାଙ୍କର ପାରଦର୍ଶିତା ନିମନ୍ତେ ୧୦ହଜାର (ଦଶହଜାର) ସ୍ମୃତି କମିଟି ମାଧ୍ୟମରେ ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ । ଏହା ଆସନ୍ତା ବର୍ଷ ଶ୍ରାଦ୍ଧ ବର୍ଷିକାଠାରୁ ହେବ ।



# ସୁବର୍ଣ୍ଣରେଖା ନଦୀର ଦକ୍ଷିଣ ପ୍ରହରାଜପୁର-ଗୋବରଘଟା ସେତୁ ଖୁବ୍‌ଶୀଘ୍ର

ଜଳେଶ୍ୱର,୦୨/୧(ନିପ୍ର): ରାଇବଣିଆ ଆଦିବାସୀ ଅଧ୍ୟୁସୀତ ଅଂଚଳରୁ ଜଳେଶ୍ୱରକୁ ଯାତାୟାତ ଏବଂ ପଶ୍ଚିମ ବଂଗର ପୂର୍ବ ମେଦନୀପୁର ଜିଲାରୁ ପଶ୍ଚିମ ମେଦିନୀପୁର ଜିଲାକୁ ଯାତାୟାତ ଲାଗି କୌଣସି ସୁବିଧା ନାହିଁ। ଜଳେଶ୍ୱର ବ୍ଲକର ଦକ୍ଷିଣ ପ୍ରହରାଜପୁର, ଶ୍ରୀରାମପୁର, ଖୁଦିଆ ମାଝିସାହି, ଓଲମରା ଓ ମାକିଡିଆ ପଂଚାୟତର ଲୋକେ ନଦୀର ଗୋଟିଏ ପଟରୁ ଅନ୍ୟପକ୍ଷକୁ ଯିବାଲାଗି ବହୁ ହଇରାଣ ହରକତ ହେଉଥିବାରୁ ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର ଦକ୍ଷିଣପ୍ରହରାଜପୁର-ଗୋବରଘଟାର ସେତୁର ପରିକଳ୍ପନା କରି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଓ ପୂର୍ତ୍ତବିଭାଗର ପ୍ରମୁଖ ସଚିବ ଘଟଣାସ୍ଥଳକୁ ବାରମ୍ବାର ଯାଇ ଅନୁଧ୍ୟାନ କରିଥିଲେ । ଏବେ ନିକଟରେ ଗତ ବିଧାନସଭା ଅଧିବେଶନରେ ବିଧାୟକଙ୍କ ପ୍ରଶ୍ନତ୍ତୋରରେ ଇସ୍ପାତ, ଖଣି ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଏହି ହାଇ ଲେଭେଲ ପୋଲ ନିର୍ମାଣ ଲାଗି ଡିଜାଇନ୍ ପ୍ରସ୍ତୁତ ହୋଇ ସାରିଛି । ଅତିଶୀଘ୍ର ସେତୁ ନିର୍ମାଣ ସଂପର୍କରେ ବ୍ୟୟବରାଦ ଓ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି ।

## ନାମ୍ପୋଠାରେ ବିଜେଡିର ମିଶ୍ରଣ ପର୍ବ

ଜଳେଶ୍ୱର, ୦୨/୧(ନିପ୍ର): ଜଳେଶ୍ୱର ବ୍ଲକର ନାମ୍ପୋଠାରେ ବିଜେଡିର କର୍ମୀସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇ ଯାଇଛି । ଦଳର ବ୍ଲକ ଉପସଭାପତି ଯାମିନିକାନ୍ତ ଦତ୍ତଙ୍କ ଅଧ୍ୟକ୍ଷତାରେ ବିଧାୟକ ଅଶ୍ୱିନୀ ପାତ୍ର ଯୋଗ ଦେଇ ବିଜେଡିର ବିକଳ୍ପ ନାହିଁ ଓ ବିଭିନ୍ନ ଯୋଜନା ସଂପର୍କରେ କହିଥିଲେ । ଅନ୍ୟଦଳରୁ ସୁଶିଳ ପରିଡାଙ୍କୁ ନେତୃତ୍ୱରେ ହରିଶ ମହାନ୍ତି, ରବିନ୍ଦ୍ର ଦାସ, ଯାମିନିକାନ୍ତ ନାୟକ ଓ ସେକ୍ ତଇରୁଦ୍ଦିନଙ୍କ ନେତୃତ୍ୱରେ ବହୁ ଅନ୍ୟଦଳର କର୍ମୀ ବିଜେଡିରେ ଯୋଗ ଦେଇଥିଲେ । ଏହି ସଭାରେ ବ୍ଲକ ବିଜେଡି ସଭାପତି ଭୂପତି ମିର୍ଦ୍ଧା, ବରିଷ୍ଠ ନେତା ମାନସ ଜେନା, ତପନ ଦାସ, ଅରୁଣ ରାଉଳ, ସରପଂଚ ସନ୍ୟାସୀ ମାରାଣ୍ଡି, ଖୁକନ ଭୂୟାଁ, ଶିକ୍ଷାବିତ୍ ପ୍ରଫୁଲ୍ଲ ଗିରି, ରାମଶଂକର ଜେନା ଉପସ୍ଥିତ ଥିଲେ ।

# କ୍ରୀଡା ପ୍ରତିଭା ଅନ୍ୱେଷଣ ପାଇଁ ନାମ ପଞ୍ଜୀକରଣ

ବାରିପଦା,୦୨/୦୧(ନି.ପ୍ର): ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ଯୋଜନା କାର୍ଯ୍ୟନ୍ୱୟନରେ ୮ରୁ ୧୮ ବର୍ଷ ବୟସର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଲୁକ୍କାୟିତ କ୍ରୀଡା ପ୍ରତିଭା ଅନ୍ୱେଷଣ ପାଇଁ ଛାତ୍ରଛାତ୍ରୀ ଏବଂ ସେମାନଙ୍କୁ ପ୍ରୋତ୍ସାହିତ କରୁଥିବ କ୍ରୀଡା ଶିକ୍ଷକ / ପ୍ରଶିକ୍ଷକମାନଙ୍କର ଅନଲାଇନ୍ ମାଧ୍ୟମରେ ନାମ ପଞ୍ଜିକରଣ କରିବା ପାଇଁ ବ୍ୟବସ୍ଥା କରାଯାଇଛି । ଏଥି ପାଇଁ ୱେବସାଇଟ (www.department. sportsodisha.gov.in) ମାଧ୍ୟମରେ ନାମ ପଞ୍ଜି କରଣ କରିବା ପାଇଁ ଆସନ୍ତା ୧୫ ଜାନୁଆରୀ- ୨୦୨୨ ରିଖ ସୁଦ୍ଧା ଆହ୍ୱାନ କରାଯାଉଅଛି । ପଞ୍ଜିକୃତ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପର୍ଯ୍ୟାୟରେ ଉପଯୁକ୍ତ ପରୀକ୍ଷଣ ମାଧ୍ୟମରେ କ୍ରୀଡା ପ୍ରତିଭା ଚୟନ କରାଯିବ ଏବଂ ଚିହ୍ନିତ ପ୍ରତିଭାମାନେ କ୍ରୀଡା ଛାତ୍ରାବାସରେ ଅବସ୍ଥାନ କରିପାରିବେ ଅଥବା କ୍ରୀଡା ଛାତ୍ରାବାସ ବାହାରେ ରହି କ୍ରୀଡା ବିଭାଗ ଦ୍ୱାରା ପରିଚାଳିତ ବିଭିନ୍ନ ଶୃଙ୍ଖଳାରେ ପ୍ରଶିକ୍ଷଣ ଲାଭ କରିପାରିବେ ଏବଂ ଭବିଷ୍ୟତରେ ନିଜକୁ କ୍ରୀଡା କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରି ଯୋଗ୍ୟ କ୍ରୀଡାବିତ୍ / କ୍ରୀଡା ଶିକ୍ଷକ / କ୍ରୀଡା ପ୍ରଶିକ୍ଷକ ତଥା ବିଭିନ୍ନ କ୍ଷେତ୍ରରେ ନିଯୁକ୍ତିର ସୁବିଧା ସୁଯୋଗ ପାଇ ପାରିବା ସହିତ ସୁପ୍ରତିଷ୍ଠିତ ହେବାରେ ସହାୟକ ହୋଇ ପାରିବେ । ସବିଶେଷ ତଥ୍ୟ ଜାଣିବା ପାଇଁ odsportstalenthunt@gmail.com ରେ ଯୋଗାଯୋଗ କରିବା ପାଇଁ ଜିଲ୍ଲା କ୍ରୀଡା ଅଧିକାରୀ ମୟୂରଭଞ୍ଜ ଜଣାଇଛନ୍ତି ।

# ସରକାରୀ ଉଦାସୀନତା ଓ ପ୍ରଶାସନିକ ଅବହେଳା ଅସହ୍ୟ

## ପୌର-ପଞ୍ଚାୟତ ନିର୍ବାଚନରେ ପ୍ରସଙ୍ଗ କରିବ ଜିଲ୍ଲା କଂଗ୍ରେସ

ବାଲେଶ୍ୱର,୦୨/୦୧ (ନି.ପ୍ର): ବାଲେଶ୍ୱର ଜିଲାବାସୀଙ୍କ ପ୍ରତି ବୃଦ୍ଧି ପାଇଥିବା ସରକାରୀ ଉଦାସୀନତା ଓ ପ୍ରଶାସନିକ ଅବହେଳା ଦିନକୁ ଦିନ ଅସହ୍ୟ ହୋଇଥିବା ବେଳେ ଆଗାମୀ ଦିନରେ ଏହାକୁ ପ୍ରସଙ୍ଗ ସହ ଜନସାଧାରଣଙ୍କୁ ଜିଲା କଂଗ୍ରେସ ସଚେତନ କରିବ ବୋଲି ନୂଆବର୍ଷର ବନ୍ଧୁମିଳନରେ ଦଳ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ରବିବାର ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରେ ଦଳୀୟ ବୈଠକ ଓ ପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲା ସଭାପତି ସଞ୍ଜୀବ ଗିରିଙ୍କ ସମେତ ପିସିସି ମୁଖପାତ୍ର ସୁଦର୍ଶନ ଦାସ, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ନୀଳଗିରି ରାଣୀ ମନୋଜା ମଞ୍ଜରୀ ଦେବୀ, ମମତା କୁଣ୍ଡୁ ପ୍ରମୁଖ ଦଳୀୟ କର୍ମକର୍ତ୍ତାମାନେ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ଜିଲାରେ ପରିଚାଳିତ ପ୍ରଶାସନିକ କଳର ମନମୁଖୀ କାର୍ଯ୍ୟଧାରା ଓ କାର୍ଯ୍ୟକାରୀ ବିଭିନ୍ନ ଯୋଜନା ଆଳରେ ଜନସାଧାରଣଙ୍କୁ କିପରି ଭୁଆଁ ବୁଲାଯାଉଛି, ସେ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲାର କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ଓ ନିୟୋଜନ ସମେତ ପ୍ରତିଟି କ୍ଷେତ୍ର ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ କେନ୍ଦ୍ରର ବିଜେପି ଓ ରାଜ୍ୟର ବିଜେଡି ସରକାର କେବଳ ଭୋଟ ରାଜନୀତିକୁ ଗୁରୁତ୍ୱ ଦେଇ ଚାଲିଛନ୍ତି ବୋଲି କଂଗ୍ରେସ କର୍ମକର୍ତ୍ତାମାନେ ଆରୋପ ଉଠାଇଛନ୍ତି। ବିଶେଷ କରି ଜିଲା ପାଇଁ ଆବଶ୍ୟକ ନିରପେକ୍ଷ ତଥା କ୍ରିୟାଶୀଳ ପ୍ରଶାସନ ସାଙ୍ଗକୁ ବାଲେଶ୍ୱରରେ ଆରଡିସି କାର୍ଯ୍ୟାଳୟ ପ୍ରତିଷ୍ଠା, ଜଳେଶ୍ୱରରୁ ଦୀଘା ଓ ବାଲେଶ୍ୱରରୁ ନୀଳଗିରି ରେଳ ସଂପ୍ରସାରଣ ତଥା ଟ୍ରେନ ଚଳାଚଳ, ଜିଲାର ପ୍ରତ୍ୟେକ ସରକାରୀ ଡାକ୍ତରଖାନାରେ ଆବଶ୍ୟକ ସଂଖ୍ୟକ ଡାକ୍ତର, ନର୍ସ ଓ କର୍ମଚାରୀ ତୁରନ୍ତ ନିଯୁକ୍ତି ପାଇଁ କଂଗ୍ରେସ ପକ୍ଷରୁ ଦାବି ଉଠାଇଯାଇଛି। ସେହିପରି କଂଗ୍ରେସ ସରକାରଙ୍କ ଅମଳରେ ବାଲେଶ୍ୱରରେ ପ୍ରତିଷ୍ଠା ହୋଇଥିବା ଶହ ଶହ ଶିଳ୍ପାନୁଷ୍ଠାନ ଏବେ ରଗ୍ଣ ସ୍ଥିତିରେ ପହଞ୍ଚିଛି କିମ୍ବା ବନ୍ଦ ହୋଇ ଯାଇଥିବା ବେଳେ ଲକ୍ଷ ଲକ୍ଷ ଶ୍ରମିକ କର୍ମଚାରୀ ଏବେ ଜୀବିକା ହରାଇ ଆର୍ଥିକ ଅନାଟନରେ ଜୀବନ ବିତାଉଛନ୍ତି। ସେହିଭଳି ଭୂମିହୀନ ପରିବାରଙ୍କୁ ଘରଡିହ ପାଇଁ ଜମି ପ୍ରଦାନ, ବାଲିଆପାଳର ୬ ପଞ୍ଚାୟତର ୬୦ ହଜାର ଲୋକଙ୍କ ଜୀବନ ଜୀବିକାକୁ ଦୃଷ୍ଟିରେ ରଖି ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର ଓ ପେଟ୍ରୋ କେମିକାଲ ଶିଳ୍ପାନୁଷ୍ଠାନ ସ୍ଥାନାନ୍ତର, ସୁବର୍ଣ୍ଣରେଖା ସଂସ୍କାର ଯୋଜନା କାର୍ଯ୍ୟକାରୀ ପାଇଁ କଂଗ୍ରେସ ଆଗାମୀ ଦିନରେ ଆନ୍ଦୋଳନମୁଖୀ ହେବ ବୋଲି ଜିଲା କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦିଆଯାଇଛି। ବିଶେଷ କରି ସରକାରୀ ବିଫଳତାକୁ ନେଇ ଜନସାଧାରଣଙ୍କୁ ସଚେତନତା କରିବା ସହିତ ଆସନ୍ତା ପଞ୍ଚାୟତ ଓ ପୌର ନିର୍ବାଚନରେ ରଣକୌଶଳ ଭାବେ ବ୍ୟବହାର କରିବ ବୋଲି ଜିଲା କଂଗ୍ରେସ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ୭ ଦିନିଆ କ୍ରିକେଟ ଖେଳ ଉଦ୍‌ଯାପିତ

ଜଳେଶ୍ୱର,୦୨/୧(ନିପ୍ର): ଜଳେଶ୍ୱର ବ୍ଲକର କୋଟସାହି ପଂଚାୟତର ଡିଙ୍ଗାଶୋଳ ଠାରେ ମଂଗଳମାତା କ୍ଲବ ପକ୍ଷରୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି । ଏଥିରେ ବାରିପଦା, ଗୋବର୍ଦ୍ଧନପୁର-୧, କାଶିଡିହା, ଗୋବର୍ଦ୍ଧନପୁର-୨, ବିଷ୍ଣୁପୁର, ଚୋରମରା, ବାଲିକୁଟି ଓ ଡିଙ୍ଗାଶୋଳ ଦଳ ଯୋଗ ଦେଇଥିବା ବେଳେ ଆଜି ଫାଇନାଲ ଖେଳରେ ଡିଙ୍ଗାଶୋଳ ବିଜେତା ହୋଇ ୨୦୦୦୦ ଟଙ୍କା ନଗଦ ଓ ଟ୍ରଫି ଏବଂ ରନର୍ସଅପ ଦଳ ବାରିପଦା ଦଳ ୧୨୦୦୦ ଟଙ୍କା ନଗଦ ଓ ଟ୍ରଫିଂ ପ୍ରଦାନ କରାଯାଇଥିଲା । ଅନୁଷ୍ଠିତ ସଭାରେ କ୍ଲବର ସଭାପତି ରବିନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ, ମୁଖ୍ୟବକ୍ତାଭାବେ ବିପିନ ବିଶ୍ୱାଳ, ଅତିଥିଭାବେ କାଳିକିଂକର ଦାସମହାପାତ୍ର, ଜଗନ୍ନାଥ ପଣ୍ଡା, ବିକର୍ତ୍ତନ ଜେନା, ଗଗନ ବିହାରୀ ସାହୁ, ହିମାଂଶୁ ଜେନା, ହରେନ୍ଦ୍ର ଜେନା, ସୁରେଶ ଜେନା, ସୁଦର୍ଶନ ଜେନ, ଶଶିଭୂଷଣ ଜେନା, ବିଶ୍ୱଜିତ୍ ଜେନା ଯୋଗ ଦେଇଥିଲେ ।

## ଘେରା ମଦ ଜବତ : ବେପାରୀ ଫେରାର

ନୀଳଗିରି, ୦୨/୦୧ (ନି.ପ୍ର): ନୀଳଗିରି ପୋଲିସ ଆଜି ଗୋପିନାଥପୁର ନେଇ ଚଢ଼ାଉ କରି ୧୦୦ଲିଟର ଦେଶୀ ମଦ ଜବତ କରିଥିବା ବେଳେ ଅଭିଯୁକ୍ତ ଫେରାର ହୋଇଥିବା ଜଣାଯାଇଛି । ଦିନକୁ ଦିନ ଅଂଚଳରେ ଘେରା ମଦ କାରବାର ହେଉଥିବା ବେଳେ ଅବକାରୀ ଓ ପୋଲିସ ଚଢ଼ାଉ କରୁଛନ୍ତି ସତ ହେଲେ ଘେରା ମଦ କାରବାର ବନ୍ଦ ହେବାର ନାଁ ଧରୁନି। ଗୋପିନାଥପୁର ଅଂଚଳର ଦେଶୀମଦ କାରବାର ବୃଦ୍ଧି ନେଇ ଅଂଚଳବାସୀ ଅଭିଯୋଗ କରିବା ପରେ ଆଜି ଆଇ.ଆଇ.ସି. ଙ୍କ ନିର୍ଦ୍ଦେଶରେ ଏହି ଅଂଚଳରେ ଚଢ଼ାଉ ହୋଇଥିଲା । ୧୦୦ଲିଟର ରୁ ଅଧିକ ମଦ ଜବତ ହୋଇଥିବା ବେଳେ ଘଟଣାସ୍ଥଳରୁ ଘେରା ବେପାରୀ ଫେରାର ହୋଇଥିବା ସୂଚନା ମିଳିଛି ।

## ବାଗିଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ସ୍ୱତନ୍ତ୍ର ଜାତୀୟ ସେବା ଶିବିର

ଜଳେଶ୍ୱର, ୦୨/୧(ନିପ୍ର): ଜଳେଶ୍ୱର ବ୍ଲକର ଶାଳିକୋଠାସ୍ଥିତ ବାଗିଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଶୀତକାଳୀନ ଦିନ ଧରିସ୍ୱତନ୍ତ୍ର ଜାତୀୟ ସେବା ଶିବିର ଉଦ୍‌ଯାପିତ ହୋଇଛି। ୨୫ ଜଣ ଶିବିରାର୍ଥୀ ଶାଳିକୋଠା, ଆରୁହା, ନିମପୁର ଓ ଚକଜୁନୀ ଗ୍ରାମରେ କରୋନା ସଚେତନତା, ଭୋଟର ତାଲିକା ନାମ ପଂଜିକରଣ, ବୃକ୍ଷରୋପଣ, ନିଶାନିବାରଣ, ପରିବେଶ ପ୍ରଦୋଷଣ ଇତ୍ୟାଦି ସଂପର୍କରେ ଜନ ସଚେତନତା ସୃଷ୍ଟି କରିଥିଲେ। ଆୟୋଜିତ ସଭାରେ ଅଧ୍ୟକ୍ଷ ଡା ବିବେକାନନ୍ଦ ସାହୁ ସଭାପତିତ୍ୱ କରିଥିଲେ। ଜାତୀୟ ସେବା ଯୋଜନାର ଜିଲା ଅଧିଖାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ମୁଖ୍ୟଅତିଥି ଓ ମୁଖ୍ୟବକ୍ତାଭାବେ ପୂର୍ବତନ ଜାତୀୟ ସେବା ଯୋଜନାର ବିପିଓ ସତ୍ୟମୟ ଆଚାର୍ଯ୍ୟ ଶିକ୍ଷାଦ୍ୱାରା ଜ୍ଞାନ ଆହୋରଣ ଓ ସେବା ଦ୍ୱାରା କର୍ମସମନ୍ନତ ହୋଇଥାଏ ବୋଲି କହିଥିଲେ । ପାର୍ଥସାରଥି ନନ୍ଦ ବେଦପାଠ, ସମରବଲ୍ଲଭ ସାହୁ ସ୍ୱାଗ ଅଭିଭାଷଣ, କାର୍ତ୍ତିକେଶ୍ୱର ପାତ୍ର ଆଭିମୁଖ୍ୟ ପ୍ରଦାନ କରିଥିଲେ । ବର୍ଷାରାଣୀ ଦାସ ଓ କାହ୍ନୁଚରଣ ପଣ୍ଡାଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାଚାରୀଭାବେ ପୁରସ୍କୃତ କରାଯାଇଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଦିଲ୍ଲୀରେ ସଂକ୍ରମଣ ବଢ଼ିବା ପରେ....

ହଟସ୍ପଟ ପାଲଟିଛି ରାଜଧାନୀ ଦିଲ୍ଲୀ । ଓମିକ୍ରନ ଭୂତାଣୁ ଏଠାରେ କରୋନା ସଂକ୍ରମଣକୁ ବ୍ୟାପକ କରିଛି । ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ପ୍ରତିଦିନ ନୂଆ ରେକର୍ଡ କରୁଛି । ଭିଡକୁ ନିୟନ୍ତ୍ରଣ କରି କରୋନା ମାମଲା କମ କରିବାକୁ ଏକାଧିକ କଟକଣା ଲଗାଇଛନ୍ତି ଦିଲ୍ଲୀ ସରକାର । ରାତି ୧୦ରୁ ସକାଳ ୫ ଯାଏ କର୍ଫ୍ୟୁ ସହ ସିନେମା ହଲ, ସ୍ପା, ଜିମ ଆଦିକୁ ବନ୍ଦ କରିଦିଆଯାଇଛି । ୫୦ ପ୍ରତିଶତ କ୍ଷମତାରେ ରେଷ୍ଟୁରାଣ୍ଟ ଓ ବାର ଚଲାଇବାକୁ ଅନୁମତି ମିଳିଛି । ଅନ୍ୟପଟେ ଦିଲ୍ଲୀ ମେଟ୍ରୋ ଓ ବସରେ ୫୦ ପ୍ରତିଶତ ଯାତ୍ରୀଙ୍କୁ ଯିବା ପାଇଁ ଅନୁମତି ରହିଛି । ସାମାଜିକ, ରାଜନୈତିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ବାତିଲ କରାଯାଇଛି । ଏସବୁ ନିୟମ କେବଳ ଲୋକଙ୍କ ଭିଡ କମାଇବାକୁ । ଲୋକ ଏକାଠି ହେଲେ ସଂକ୍ରମଣ ଅଧିକ ବ୍ୟାପିବ, ସେଥିପାଇଁ ବାରମ୍ବାର ସଚେତନ କରାଯାଉଛି । ନୂଆବର୍ଷରେ ଅଧିକ ଭିଡ ହେବା ଆଶଙ୍କା କରି ଧର୍ମାନୁଷ୍ଠାନ ଗୁଡିକରେ ଭକ୍ତିଙ୍କ ପ୍ରବେଶ ଉପରେ କଟକଣା ରହିଥିଲା । ଗତକାଲି ଦିନ ତମାମ ଲୋକେ କଟକଣାକୁ ମାନି ଥିବା ବେଳେ ସନ୍ଧ୍ୟାରେ ଧର୍ଯ୍ୟଚ୍ୟୁତ ହୋଇଥିଲେ । ଦିନ ଯାକ ଘରେ ରହି ରହି ରାତିରେ ପ୍ରବଳ ସଂଖ୍ୟାରେ ବଜାରକୁ ମାଡି ଆସିଥିଲେ । ସବୁ କଟକଣାକୁ ଫୁ କରି କରୋନାକୁ ଆମନ୍ତ୍ରଣ କରିଥିଲେ ଦିଲ୍ଲୀବାସୀ । ବଜାର ଘାଟରେ ଲାଗିରହିଥିବା ଭିଡକୁ ନିୟନ୍ତ୍ରଣ କରିବା ପୋଲିସ କିମ୍ବା ପ୍ରଶାସନ ପକ୍ଷରେ ସମ୍ଭବ ହୋଇନଥିଲା ।

## କାଳିଆର ବଡ଼ଦାଣ୍ଡରେ କୋକେଇ....

ଚାରି ଝିଅ ସତୀମଣି, ସୁଶୀଳା, ପ୍ରମିଳା ଓ ସରସ୍ୱତୀ ଏକାଠି ହୋଇ ମା'ର ଶବକୁ ସ୍ୱର୍ଗଦ୍ୱାରକୁ ନେଇଥିଲେ । ଏମାନଙ୍କ ବୟସ ବି କମ୍ ନୁହଁ । ୩୪ରୁ ୬୦ ବର୍ଷ ମଧ୍ୟରେ ହେବ । ମଙ୍ଗଳାଘାଟରୁ ବଡ଼ଦାଣ୍ଡ ହୋଇ ପ୍ରାୟ ୪ କିଲୋମିଟର ମା'ର ମୃତଦେହକୁ କାନ୍ଧରେ ବୋହି ନେଇଥିଲେ ଚାରି ଝିଅ । ଚାରି ଝିଅ, ଜ୍ୱାଇଁ, ନାତି ଓ ସାହି ଲୋକେ ମିଶି ଅନ୍ତ୍ୟେଷ୍ଟିକ୍ରିୟା କରିଛନ୍ତି । ଜଟିଙ୍କ ଦିଅର କୁଞ୍ଜ ମୁଖାଗ୍ନୀ ଦେଇଥିଲେ । ହିନ୍ଦୁ ସମାଜରେ ସାଧାରଣ ଭାବେ ଝିଅଙ୍କୁ ଅନ୍ତିମ ସଂସ୍କାର କରିବାର ଅଧିକାର ମିଳେ ନାହିଁ । ହେଲେ ଯେବେ ଜନ୍ମ କଲା ମା' ଆରପାରିକୁ ଚାଲିଗଲା, ନିଜକୁ ରୋକିପାରିଲେନି ଝିଅମାନେ । କିଏ କ'ଣ କହିବ, ତାକୁ ପଛ କରି ମା'ର ଶେଷଯାତ୍ରାରେ ସାଜିଲେ ବାହକ । ଦୁଇ ପୁଅଙ୍କ ବିନା ଅନ୍ତେଷ୍ଟିକ୍ରିୟା ହୋଇଥିବା ବେଳେ ସେମାନଙ୍କ ବିନା ମା'ର ଦଶାହ କାର୍ଯ୍ୟ କରିବାକୁ ମନସ୍ଥ କରିଛନ୍ତି ଚାରି ଝିଅ ।

## ଆଜିଠାରୁ ପଶ୍ଚିମବଙ୍ଗରେ ସମସ୍ତ ସ୍କୁଲ କଲେଜ ....

ବ୍ରିଟେନରୁ ପଶ୍ଚିମବଙ୍ଗ ଆସୁଥିବା ସମସ୍ତ ଅର୍ନ୍ତଜାତୀୟ ବିମାନକୁ ବନ୍ଦ କରାଯାଇଛି । କହିରଖୁ କି, ବଢୁଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଦେଶର ଭିନ୍ନ ଭିନ୍ନ ରାଜ୍ୟ ସରକାରମାନେ କଟକଣା କଡାକଡି କରୁଛନ୍ତି । ଏହି କ୍ରମରେ ପଶ୍ଚିମବଙ୍ଗ ସରକାର ରାତି ୧୦ ଟାରୁ ସକାଳ ୫ ଟା ପର୍ଯ୍ୟନ୍ତ ରାତ୍ରୀକାଳୀନ କର୍ଫ୍ୟୁ ଜାରି କରିଛନ୍ତି । ପଶ୍ଚିମବଙ୍ଗ ସରକାରରେ ମୁଖ୍ୟ ଶାସନ ସଚିବ ଥିବା ଏଚକେ ତ୍ରିବେଦୀ କହିଛନ୍ତି କି ପ୍ରଶାସନିକ କାର୍ଯ୍ୟକ୍ରମଗୁଡିକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଚାଲୁ ରହିବ । କୋଲକତା ମେଟ୍ରୋ ସେବା ବି ୫୦ ପ୍ରତିଶତ କ୍ଷମତାର ସହ ଚାଲିବ । ଏହାସହ ଲୋକଲା ଟ୍ରେନଗୁଡିକ ସନ୍ଧ୍ୟା ୭ ଟା ପର୍ଯ୍ୟନ୍ତ ଚାଲିପାରିବ ।

# କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ବଡଯୋଡ ଠାରେ ଘେରି ମାଛ ଚାଷ ପ୍ରଦର୍ଶନ

## ପେନ କଲଚର ଡେମନଷ୍ଟ୍ରେସନ ପ୍ରୋଗ୍ରାମର କଲେ ଶୁଭ ଉଦ୍ଘାଟନ



ବାରିପଦା, ୦୨/୦୧ (ନି.ପ୍ର): କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଇଂ ବିଶ୍ୱେଶ୍ୱର ଟୁଡୁ ମୟୂରଭଞ୍ଜ ଗସ୍ତରେ ଥିବା ବେଳେ ବାରିପଦା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଡଯୋଡ ଡ୍ୟାମ ଠାରେ ଅନୁସୂଚିତ ଜାତି ଓ ଉପଜାତି କାର୍ଯ୍ୟକ୍ରମ ଅନ୍ତର୍ଗତ ଘେରି ମଧ୍ୟରେ ମାଛ ଚାଷ ପ୍ରଦର୍ଶନ ଏବଂ ଡ୍ୟାମର ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପେନ କଲଚର ଡେମନଷ୍ଟ୍ରେସନ ଏଣ୍ଡ ରିଜର୍ଭୟର ଫିସାରିଜ ପ୍ରୋଗ୍ରାମର ଶୁଭ ଉଦ୍ଘାଟନ କରିଥିଲେ । ଏହି ଅବସରରେ ମତ୍ସ୍ୟଜିବୀ ମାନଙ୍କ ଏକ ବୈଠକ ମଧ ଅନୁଷ୍ଠିତ ହୋଇଯାଇଛି । ମାଛ ଚାଷ କରି କିପରି ଭାବରେ ଜଣେ ସ୍ୱବଲମ୍ବୀ ହୋଇପାରିବ ସେ ବିଷୟ ରେ ମନ୍ତ୍ରୀ ମହୋଦୟ ଓ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ମତ୍ସ୍ୟଜିବୀ ମାନଙ୍କୁ ସଚେତନ କରିଥିଲେ । ପର୍ଯ୍ୟଟଙ୍କୁ ଆକୃଷ୍ଟ କରିବା ପାଇଁ ବଡଯୋଡ ଡ୍ୟାମର ରକ୍ଷଣାବେକ୍ଷଣ ଏବଂ ଉନ୍ନତି କରଣ ପାଇଁ ମନ୍ତ୍ରୀ ମହୋଦୟ ସ୍ଥାନୀୟ ଜନସାଧାରଣଙ୍କ ସହିତ ଆଲୋଚନା କରିଥିଲେ । ମତ୍ସ୍ୟଜିବି ସୋସାଇଟି ଗୁଡିକ ପାଇଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ କିପରି ସେମାନେ ଲାଭବାନ ହୋଇ ପାରିବେ ସେ ବିଷୟରେ ମଧ କେନ୍ଦ୍ରମନ୍ତ୍ରୀ ଶ୍ରୀ ଟୁଡୁ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଙ୍କ ବ୍ୟକ୍ତିଗତ ସଚିବ ଡ. ଏସ. କେ ଜେନା, ମୟୂରଭଞ୍ଜ ଜିଲ୍ଲା ମତ୍ସ୍ୟ ଅଧିକାରୀ , ଅନିଲ ସିଂ, ଏଗ୍ରିକଲଚର ମାର୍କେଟିଂ ଅଫିସର ପି. କେ. ମିଶ୍ର, ନାବାର୍ଡ ଅଫିସର ହିମାଂଶୁ ଦାସ, କଲିକତା ରିଜିଓନାଲ ଫିସାରି ଅଫିସର ସତ୍ୟନାରାୟଣ ମିଶ୍ର, ସାଂସଦଙ୍କ ପ୍ରତିନିଧି କାଳୀଚରଣ ନାୟକ ପ୍ରମୁଖଙ୍କ ସହିତ ବହୁ ସ୍ଥାନୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ଜାଗ ମୟୂରଭଞ୍ଜ ଜାଗ ପକ୍ଷରୁ ଦିବ୍ୟାଙ୍ଗଙ୍କୁ ଖାଦ୍ୟ ବଂଟନ



ବାରିପଦା, ୦୨/୦୧ (ନି.ପ୍ର): ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରକୁ ଆସିଥିବା ୫୦୦ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଓ ତାଙ୍କୁ ସହଯୋଗ ପାଇଁ ଆସିଥିବା ପରିବାର ସଦଶ୍ୟ ମାନଙ୍କୁ ଆଜି ଜାଗ ମୟୂରଭଞ୍ଜ ଜାଗ ପକ୍ଷରୁ ଖାଦ୍ୟ ବଣ୍ଟନ କରା ଯାଇଥିବାର ଜଣାଯାଇଛି । ଉକ୍ତ କାଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାରିପଦା ଟାଉନ ଥାନା ଅଧିକାରୀ ବିରେନ୍ଦ୍ର କୁମାର ସେନାପତି ଉପସ୍ଥିତ ରହି ନିଜ ହାତରେ ଖାଦ୍ୟ ବଣ୍ଟନ ଆରମ୍ଭ କରିଥିଲେ । ପ୍ରତି ମାସର ପ୍ରଥମ କାଯ୍ୟ ଦିବସରେ ଜିଲ୍ଲାରେ ଥିବା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରକୁ ଜିଲ୍ଲାର ଚାରିଗୋଟି ଉପଖଣ୍ଡରୁ ଦିବ୍ୟାଙ୍ଗ ମାନେ ନୂତନ ଦିବ୍ୟାଙ୍ଗ ପରିଚୟ ପତ୍ର ଓ ନବିକରଣ ପାଇଁ ଆସିଥାନ୍ତି । ସମୟ ଏବଂ ଅର୍ଥ ଅଭାବରୁ ଲୋକେ ନଖାଇ ନପିଇ ଘରକୁ ଫେରୁ ଥିବାର ଦେଖି ସଙ୍ଗଠନର ଅଧ୍ୟକ୍ଷ ଅରୁଣ କୁମାର ବେହେରା ଏହି ଖାଦ୍ୟ ବଂଟନ କାର୍ଯ୍ୟ ସମ୍ପାଦନ କରି ଆସୁଛନ୍ତି । ଏହି କାଯ୍ୟକ୍ରମରେ ଅରୁଣ କୁମାର ବେହେରାଙ୍କ ସହିତ ଶୋଭାନେତ୍ରୀ ସୋନାଲି ପ୍ରିୟଦର୍ଶିନୀ ବେହେରା, ପ୍ରଶାନ୍ତ କୁମାର ମହାନ୍ତି, ରାକେଶ ସିଂ, ଆମୋଦ କୁମାର ପ୍ରଧାନ, କୁମୁଦିନି ପ୍ରଧାନ, ତପସ୍ୱିନି ରଣା, ଅନିଶା ପୁଟି, ପ୍ରିୟଙ୍କା ବେହେରା, ମୋମତାଜ ପର୍ବୀନ, ଜୟନ୍ତୀ ନାୟକ, ବିଜୟଲକ୍ଷ୍ମୀ ନାୟକ, ରିତାଞ୍ଜଳି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



କଟକ, ୦୨/୦୧ (ନି.ପ୍ର): କଟକ ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟର ପ୍ରଥମ ବର୍ଷର ଛାତ୍ରୀ ମାନଙ୍କୁ ବର୍ଷର ଅନ୍ତିମ ଦିବସରେ କରୋନା କଟକଣା ଗାଇଡ୍ ଲାଇନ୍ ମାନି ସ୍ୱାଗତ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗ, ଗୃହ ବିଜ୍ଞାନ ବିଭାଗ ଓ ଓଡ଼ିଆ ବିଭାଗ ପକ୍ଷରୁ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀମାନେ ପ୍ରଥମ ବର୍ଷର ଛାତ୍ରୀମାନଙ୍କୁ ଫୁଲ, କଲମ, ମିଠା ଦେଇ ସ୍ୱାଗତ କରିଥିଲେ । ଉତ୍କଳୀୟ ସଂସ୍କୃତି ଓ ପରମ୍ପରାକୁ ଗ୍ରହଣ ସମ୍ମାନ ଜଣାଉଥିବା ଛାତ୍ରୀମାନେ ସୁନ୍ଦର ସାଜସଜ୍ଜା ଓ ଝୋଟି ପକାଇ ସହ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦିପ ପ୍ରଜ୍ୱଳନ କରି 'ଦୀପଂ ଜ୍ୟୋତି' ମନ୍ତ୍ର ପାଠ ଓ ହୁଳହୁଳି ଦେଇ ପରିବେଶକୁ ଅଧିକ ମନ୍ତ୍ରମୁଗ୍ଧ କରିଥିଲେ । ଏଥିରେ ଜୁନିଅର କଲେଜର ଅଧକ୍ଷା ସୁଶ୍ରୀ ମିତା ପଟ୍ଟନାୟକ ଓ ଡିଗ୍ରୀ କଲେଜର ଅଧକ୍ଷ ଡକ୍ଟର ଲକ୍ଷ୍ମଣ ସାହୁ , ବିଭିନ୍ନ ବିଭାଗର ଅଧ୍ୟାପିକା ଅନୁପମା ନନ୍ଦ, ଅଧ୍ୟାପିକା ପ୍ରଣୟ ମଞ୍ଜରୀ ମହାନ୍ତି, ଅଧ୍ୟାପିକା ନିରୁପମା ପାତ୍ର, ଅଧ୍ୟାପିକା କସ୍ତୁରୀ ବେହେରା, ଅଧ୍ୟାପିକା ସସ୍ମିତା ସାହୁ, ଅଧ୍ୟାପିକା ସୋନାଲୀ ତ୍ରୀପାଠୀ, ଅଧ୍ୟାପିକା ଉଷା ପାତ୍ର, ଅଧ୍ୟାପିକା ଶୁଭ ସ୍ମିତା ସାହୁ, ଅଧ୍ୟାପିକା ଡକ୍ଟର ଅଞ୍ଜଳି ବାଳା ଦାସ ପ୍ରମୁଖ ବିଭିନ୍ନ ବିଭାଗରେ ଉପସ୍ଥିତ ରହି ନବାଗତ ଛାତ୍ରୀମାନଙ୍କୁ ସ୍ୱାଗତ କରିବା ସହିତ ସେମାନଙ୍କ ଶିକ୍ଷା, ଆଚରଣ ବିଧି ସଂପର୍କରେ ସୂଚନାପ୍ରଦ ଅଭିଭାଷଣ ପ୍ରଦାନ କରିଥିଲେ । ଉଭୟ ଅଧକ୍ଷ, ଅଧ୍ୟାପିକା ଓ ଛାତ୍ରୀମାନଙ୍କ ପକ୍ଷରୁ ବର୍ଷର ଅନ୍ତିମ ଦିବସକୁ ବିଦାୟ ଦେବା ସହ ନୂତନ ବର୍ଷକୁ କେକ୍ କାଟି ଦିପ ପ୍ରଜ୍ୱଳନ ସହିତ ସ୍ୱାଗତ କରି ନୂତନ ବର୍ଷରେ ସମସ୍ତଙ୍କ ଶୁଭକାମନା କରିଥିଲେ । ଏଥିରେ ଛାତ୍ରୀ ପ୍ରତିଶ୍ରୁତି, ହରପ୍ରିୟା, ଗାୟତ୍ରୀ, ଶିବାନୀ, ପ୍ରିୟଙ୍କା, ମୌସୁମୀ, ପ୍ରଗଲ୍ଭା, ଉତ୍କଳିକା, ଅନନ୍ୟା ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ଅଧିକ ସରସ ସୁନ୍ଦର ମନୋଜ୍ଞ ହୋଇଥିଲା

ବାଲେଶ୍ୱର, ସୋମବାର, ୦୩ ଜାନୁଆରୀ, ୨୦୨୨
ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା ୮

# ଗୋଟିଏ ଦିନରେ ୪୨୪ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୨/୦୧(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୪୨୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୫୫୫୫୬ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୬୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୪୪ ହଜାର ୯୬୨ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୦୭୮ ରହିଛି । ଆଜି ଚିହ୍ନଟ ହୋଇଥିବା ୪୨୪ ଜଣଙ୍କ ମଧ୍ୟରୁ ୨୪୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୭୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୧୭୭ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବାଲେଶ୍ୱର ଜିଲ୍ଲାରୁ ୮ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବଲାଙ୍ଗୀର ଜିଲ୍ଲାରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୧, କଟକରୁ ୪୫ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଢେଙ୍କାନାଳ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ ଗଂଜାମ ଜିଲ୍ଲାରେ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୮, ଯାଜପୁରରୁ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୧୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ପଥ ବିକ୍ରେତା ସଂଘ ପକ୍ଷରୁ ଅସହାୟଙ୍କୁ କମ୍ବଳ ବଣ୍ଟନ

ବାଲେଶ୍ୱର,୦୨/୦୧ (ନି.ପ୍ର): ନୂଆବର୍ଷ ଅବସରରେ ଓଡ଼ିଶା ପଥ ବିକ୍ରେତା ସଂଘ, ବାଲେଶ୍ୱର ଶାଖା ପକ୍ଷରୁ ବନ୍ଧୁମିଳନ ସହ ଗରିବ ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି । ସହରର ସିନେମାଛକଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସଦର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ଶୀତବସ୍ତ୍ର ବଣ୍ଟନ ଶୁଭାରମ୍ଭ ସହ ପଥ ବିକ୍ରେତାଙ୍କ ସେବା ମୂଳକ କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। ନିଜେ କଷ୍ଟରେ ରହି ମଧ୍ୟ ଅନ୍ୟକୁ ସହଯୋଗର ହାତ ବଢ଼ାଇବା ପ୍ରକୃତ ମାନବିକତା ବୋଲି ସେ କହିଥିଲେ। ଉଠା ଦୋକାନୀଙ୍କ ବିଭିନ୍ନ ସମସ୍ୟା ସମାଧାନ ନେଇ ଖୁବଶୀଘ୍ର ଉଚିତ ପଦକ୍ଷେପ ଗ୍ରହଣ କରିବେ ବୋଲି ଏହି ଅବସରରେ ବିଧାୟକ ଶ୍ରୀ ଦାସ ପ୍ରତିଶ୍ରୁତି ଦେଇଥିଲେ। ସଂଗଠନର ଟାଉନ ସମ୍ପାଦକ ମୋହିନୀ ମୋହନ ପରିଡ଼ା ଏଥିରେ ଅଧ୍ୟକ୍ଷତା କରିବା ସହିତ ଜୀବନ ଜୀବିକାର ସୁରକ୍ଷା ସାଙ୍ଗକୁ ସମାଜ କଲ୍ୟାଣ କାର୍ଯ୍ୟ ସର୍ବଦା ଜାରି ରଖିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସହରର ବିଭିନ୍ନ ବସ୍ତି ଅଞ୍ଚଳର ୬୦ଜଣ ଅସହାୟ ବୃଦ୍ଧ ଓ ବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ସିନେମାବଜାର କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ଦାସ ଓ ଉପ-ସଭାପତି ଅବିଦ୍ ଖାନ୍‌ଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ଟିପିଟି ସିଂ, ରାମଚନ୍ଦ୍ର ପରିଡ଼ା, ମହମ୍ମଦ ଅସଲମ, ଅଭିରାମ ବାରିକ, ମନୋରଂଜନ ଆଶ, ଜଗବନ୍ଧୁ ସିଂହ, ଶେଖ୍ ଇସଲାମ, କୁଳମଣି ସାହୁ, ସନ୍ତୋଷ ସାହୁ, ଦୀନବନ୍ଧୁ ସାହୁ ପ୍ରମୁଖ ବିଭିନ୍ନ ଶାଖା କମିଟିର କର୍ମକର୍ତ୍ତା ଓ ବହୁ ସଦସ୍ୟ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ପ୍ରାରମ୍ଭରେ ଦିବଂଗତ ରାଜନେତା ତଥା ପୂର୍ବତନ ବିଧାୟକ ଅରୁଣ ଦେଙ୍କ ପ୍ରତିଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।

## ରାଜ୍ୟରେ କରୋନାରେ ଆଉ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୦୨/୦୧(ନି.ପ୍ର): ରାଜ୍ୟରେ କରୋନାରେ ଆଉ ୧ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢ଼ି ୮୪୬୩ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ୧ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

# ଜଳେଶ୍ୱର ନୂତନ ରେଳ ଷ୍ଟେସନର ଶିଳାନ୍ୟାସ କରିବେ ରେଳ ମନ୍ତ୍ରୀ

## ମୋଟ ଖର୍ଚ୍ଚ ୧୫ କୋଟି : ପାସେଞ୍ଜର ଟ୍ରେନ୍ ରହଣି ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା

ଜଳେଶ୍ୱର, ୦୨/୧(ନିପ୍ର): ଖଡଗପୁର ରେଳ ଡିଭିଜନ୍‌ରେ ଜଳେଶ୍ୱର ଏକ୍ ପ୍ରମୁଖ ରେଳ ଷ୍ଟେସନ ହୋଇଥିବାରୁ ସେଠାରେ ନୂତନ ରେଳ ଷ୍ଟେସନର ଶିଳାନ୍ୟାସ ଆସନ୍ତା ୭ ତାରିଖରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦ୍ୱାରା ହେବ ବୋଲି ଆଜି ଖଡଗପୁର ସ୍ଥିତ ରେଳ ମଣ୍ଡଳ ପ୍ରବନ୍ଧକ ମନୋରଂଜନ ପ୍ରଧାନ ସୂଚନା ଦେଇଛନ୍ତି । ଏଥିପାଇଁ ରେଳ ବିଭାଗର ବ୍ୟାପକ ପ୍ରସ୍ତୁତି ହେବା ସହିତ ବାଲେଶ୍ୱର ଓ ନୀଳଗିରି ରେଳ ଷ୍ଟେସନରେ ନୂତନ କାର୍ଯ୍ୟକ୍ରମର ଶିଳାନ୍ୟାସ ହେବ ବୋଲି ସେ ସୂଚନା ଦେଇଛନ୍ତି । ଜଳେଶ୍ୱର ରେଳ ଷ୍ଟେସନ ଏନ୍‌ଏସ୍‌ଜି-୫ବର୍ଗର ବୋଲି ରେଳ ବିଭାଗ ପ୍ରକାଶ କରିବା ସହ ହାରାହାରି ଏଠାରୁ ପ୍ରତିଦିନ ୩୩୦୦ ଯାତ୍ରୀ ଯାତାୟାତ କରୁଥିବା ବେଳେ ୨ଲକ୍ଷ ୮୦ ହଜାର ଟଙ୍କା ରୋଜଗାର ହୋଇଥାଏ ବୋଲି ରେଳ ବିଭାଗରୁ ପ୍ରକାଶିତ ତଥ୍ୟରୁ ଜଣାଯାଇଛି । ଖଡଗପୁରରୁ ରାଣୀତାଲ ମଧ୍ୟରେ ଥିବା ଷ୍ଟେସନ ଗୁଡିକ ମଧ୍ୟରୁ ବାଲେଶ୍ୱରକୁ ବାଦ୍‌ଦେଲେ ଜଳେଶ୍ୱର ରେଳ ଷ୍ଟେସନ ସର୍ବାଧିକ ଲୋକେ ଯାତାୟାତ ସହିତ ସର୍ବାଧିକ ଅର୍ଥ ଆଦାୟ ହୋଇଥାଏ । କିନ୍ତୁ ଏହାର ବିକାଶ ଠିକ୍‌ଭାବେ ହୋଇନଥିବାରୁ ବିଭିନ୍ନ ସମୟରେ ଦାବି ଓ ଆନ୍ଦୋଳନ ହୋଇ ଆସିଛି । ଆସନ୍ତା ୭ ତାରିଖରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଜଳେଶ୍ୱର ନୂତନ ରେଳ ଷ୍ଟେସନର ଶିଳାନ୍ୟାସ ଲାଗି ଆସିବାକୁ ଥିବାରୁ ଆଜି ଡିଆର୍‌ଏମ୍ ଜଳେଶ୍ୱର ରେଳ ଷ୍ଟେସନରେ ଦୀର୍ଘ ୪୦ ମିନିଟ୍ ରହି ସମୀକ୍ଷା କରିଥିଲେ । କେବଳ ରେଳ ଷ୍ଟେସନ ନିର୍ମାଣ ଲାଗି ୮ କୋଟି ଓ ଆନୁସଂଗୀକ ଅନ୍ୟାନ୍ୟ ବିକାଶ ଲାଗି ଅନ୍ୟ ୭ କୋଟି ଟଙ୍କା ବ୍ୟୟ ହେବ ବୋଲି ରେଳବାଇ ସୂତ୍ରରୁ ପ୍ରକାଶ । ସେହିପରି ଲକ୍ଷ୍ମଣନାଥ ଷ୍ଟେସନରୁ ଅମର୍ଦ୍ଦାଷ୍ଟେସନ ମଧ୍ୟରେ ୩ୟ ରେଳ ପଥ ନିର୍ମାଣ ଲାଗି ମୋଟ ୧୦୦ କୋଟି ଟଙ୍କା ଖର୍ଚ୍ଚ ହେଉଥିବା ସମ୍ପର୍କରେ ରେଳବାଇର ବାଣିଜ୍ୟ ବିଭାଗ ସୂତ୍ରରୁ ଜଣାଯାଇଛି । ରେଳ ମଣ୍ଡଳ ପ୍ରବନ୍ଧକ ଶ୍ରୀ ପ୍ରଧାନଙ୍କ ସହିତ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ମେନେଜର ରାଜେଶ କୁମାର ମଧ୍ୟ ଆସି ଶିଳାନ୍ୟାସ, ସଭାମଂଚ ଓ ସୁରକ୍ଷା ସମ୍ପର୍କରେ ବିଶଦ ଆଲୋଚନା କରିଛନ୍ତି । ପ୍ଲାଟଫର୍ମର ପିଇବା ପାଣି, ଶୌଚାଳୟ ଇତ୍ୟାଦି ବୁଲି ଦେଖିଥିଲେ ଓ ସେଥିରେ ଅସନ୍ତୋଷ ପ୍ରକାଶ କରିଥିଲେ । ରେଳ ବିଭାଗର ଉପ ଇଞ୍ଜିନୀୟର ବମ୍‌ବମ୍ ପାଣ୍ଡେ ମଧ୍ୟ ଏହି ଗସ୍ତବେଳେ ଉପସ୍ଥିତ ଥିବା ବେଳେ ବହୁ ବରିଷ୍ଠ କର୍ମଚାରୀ ବୁଲି ଦେଖିଥିଲେ । ରେଳ ସେଲୁନ୍‌ଯୋଗେ ଏଠାକୁ ଆସି ନୀଳଗିରି ଅଭିମୁଖେ ଯାତ୍ରା କରିଥିଲେ । ଏଥିରେ ବିଜେପି ନେତା ଅରୁଣ ବେଜ, ଯୁବ ନେତା ଶ୍ରୀକୃଷ୍ଣ ଗୁପ୍ତା, ରେଳ ୟୁଜର୍ସ ସଭାପତି ସୁକୁମାର ରଣା, ଶିକ୍ଷକ ନେତା ଡ. ଅଜିତ୍ ମହାନ୍ତି, ସମାଜକଲ୍ୟାଣ ବିକାଶ ପରିଷଦର ଶରତ ପରିଡା, ଷ୍ଟେସନ ମ୍ୟାନେଜର ଖଗେନ୍ଦ୍ର ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ ।

# ଚିତ୍ରାରାଣୀ ପାତ୍ରଙ୍କ ଦୁଇଟି ପୁସ୍ତକ ଲୋକାର୍ପିତ



ବାଲେଶ୍ୱର, ୦୨/୦୧ (ନି.ପ୍ର): ଜଣେ ସାରସ୍ୱତ ସ୍ରଷ୍ଟାର ଭାବନାର ଧ୍ୱନି ପ୍ରତିଧ୍ୱନିତ ହୋଇ ଯେଉଁ ସାହିତ୍ୟ ସୃଷ୍ଟି କରେ ତାହା କାଳକାଳକୁ ପାଠକ ହୃଦୟରେ ଛାପ ଛାଡ଼ିଯାଏ ବୋଲି ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଚିତ୍ରାରାଣୀ ପାତ୍ରଙ୍କ ଗଳ୍ପ ସଂକଳନ 'ଅସ୍ତସୂର୍ଯ୍ୟର ରଙ୍ଗ' ଓ କବିତା ସଂକଳନ 'ନିଶୀଥ ଲଗ୍ନେ ମୁଠାଏ ମହକ' ଏହି ଦୁଇଟି ପୁସ୍ତକ ଉନ୍ମୋଚନ କରିବା ପରିପ୍ରେକ୍ଷୀରେ ବିଶିଷ୍ଟ ସାରସ୍ୱତ ସାଧକ ତଥା ଭେଷଜ ବିଶେଷଜ୍ଞ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ପ୍ରକାଶ କରିଥିଲେ। ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ନବବର୍ଷ ଅବସରରେ ଆୟୋଜିତ ଏହି ପୁସ୍ତକ ଲୋକାର୍ପଣ ଉତ୍ସବରେ ସଂପାଦକ ଦୀପକ ବୋଷ ପ୍ରାକ୍‌କଥା ରଖିଥିବାବେଳେ ଗାଳ୍ପିକ ନିବାରଣ ଜେନା ଓ ଡ. ହରିଶ୍ଚନ୍ଦ୍ର ବେହେରା ଯଥାକ୍ରମେ ଗଳ୍ପ ଓ କବିତା ପୁସ୍ତକ ସଂପର୍କରେ ଆଲୋଚନା କରିଥିଲେ। ପ୍ରଫେସର ପ୍ରଫୁଲ୍ଲ ବଦନ ଦତ୍ତ ଅତିଥି ଭାବେ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଚିତ୍ରାରାଣୀ ପାତ୍ର ଲେଖକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚଆହ୍ୱାନ ଓ କଲ୍ୟାଣୀ ନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଶିରୀଶ ଚନ୍ଦ୍ର ଜେନା, ପ୍ରଦୀପ କୁମାର ଚାଟାର୍ଜୀ, ଦୀନବନ୍ଧୁ ଲେଙ୍କା, ତପନ ରାୟ, ଅମୂଲ୍ୟ ରତନ ଦତ୍ତ, ପ୍ୟାରୀମୋହନ ପାତ୍ର, ଅରୁଣା ରାୟ, ଜ୍ୟୋତ୍ସ୍ନା ରାୟ, ଅଞ୍ଜଳି ପଣ୍ଡା, ସୁଷମା ମହାପାତ୍ର, ଲକ୍ଷ୍ମୀକାନ୍ତ ବେହେରା, ମମତା ମହାପାତ୍ର, ଦିବ୍ୟଲୋଚନ ଦତ୍ତ, ତପନ କୁମାର ବିଶ୍ୱାଳ, ରମାକାନ୍ତ ମହାନ୍ତି, ମଧୁସୂଦନ ମାଝୀ, ବିଦ୍ୟାଧର ସାହୁ, ଶରତ କୁମାର ମହାପାତ୍ର, ସଂଯୁକ୍ତା ବିଶ୍ୱାଳ, ଶାନ୍ତି ବିଶି, କମଳାକାନ୍ତ ଦାଶ, ଶ୍ରୀରୂପାମଞ୍ଜରୀ ସେନ୍, ସ୍ନିଗ୍ଧା ସାମନ୍ତରାୟ, ଅର୍ଚ୍ଚନା ନନ୍ଦୀ, ଅନସୂୟା ନାୟକ, ଦେବାଶିଷ ସିଂହ, ପଦ୍ମଲୋଚନ ଦତ୍ତ, ପଦ୍ମଲୋଚନ ପ୍ରଧାନ, ତୃପ୍ତିରାଣୀ ପାତ୍ର, ବାସନ୍ତୀ କର, ଅବନ୍ତୀ ପ୍ରଧାନ, କୃଷ୍ଣା ପ୍ରଧାନ, ମଧୁସ୍ମିତା ବାରିକ, ସୁଚିତ୍ରା ସାହୁ, ବନ୍ଦନା ଦାସ, ଅର୍ଚ୍ଚନା କର, କଳ୍ପନା ବେହେରା, ସବିତା ଦତ୍ତ, ତାପସୀ ଦତ୍ତ, ସଂଜୟ କୁମାର ବେହେରା, ଅକ୍ଷୟ କୁମାର କର, ହରେକୃଷ୍ଣ ବେହେରା ଓ ଦୀପକ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଦିବ୍ୟଜୀବନ ସଂଘର ପୂଜ୍ୟସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀଙ୍କ ୭୯ତମ ସ୍ୱନକ୍ଷତ୍ର ଦିବସ

ଭୁବନେଶ୍ୱର,୦୨/୦୧(ନି.ପ୍ର): ଅନ୍ତରାଷ୍ଟ୍ରୀୟ ଦିବ୍ୟଜୀବନ ସଂଘର ଉପସଭାପତି ତଥା ସ୍ୱାମୀ ଶିବାନନ୍ଦ ସନ୍ଥ ପରମ୍ପରାର ଅନନ୍ୟ ସନ୍ଥ ପୂର୍ବାଶ୍ରମରେ ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ମହାରାଜ ଆଜି ୭୯ବର୍ଷରେ ପଦାର୍ପଣ କରିଥିବାରୁ ତାଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରି ଆର୍ଯ୍ୟସମାଜ, ଓଡ଼ିଶା ପକ୍ଷରୁ ସତ୍ୟନଗର ପାର୍କ ପ୍ରିମିୟମ ସଭାଗୃହରେ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ପ୍ରାର୍ଥନା କରାଯାଇଥିଲା। ଅନୁଷ୍ଠାନର ସଭାପତି ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ, ବୁଦ୍ଧମନ୍ଦିର ଟ୍ରଷ୍ଟି ଡ଼ଃ ସୌରେନ୍ଦ୍ର କୁମାର ମହାପାତ୍ର, ସିକିମ୍ ବିଶ୍ୱବିଦ୍ୟାଳୟର କୁଳପତି ଡଃ ଜଗନ୍ନାଥ ପଟ୍ଟନାୟକ, ଶ୍ରମତୀ ମିତ୍ର ରାୟ, ରୋଟାରରିୟାନ ଜ୍ୟୋତିଶଙ୍କର ମହାନ୍ତି, ଶ୍ରୀମତୀ ଆରତୀ ଜ୍ଞାନେନ୍ଦ୍ର, ଡଃ ନିବେଦିତା ପଟ୍ଟନାୟକ, ଡଃ ଶ୍ରାବଣୀ ପଟ୍ଟନାୟକ, ଶ୍ରୀମତୀ ଲୋରା ରାୟ, ଶ୍ରୀମତୀ ନମିତା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଆଡ଼ଭୋକେଟ ଅଂଶୁମାନ ରାୟ ପରିଚାଳନା କରିଥିଲେ।

# ଶିକ୍ଷାନୁଷ୍ଠାନ ନିକଟରେ ଥିବା ତମାଖୁ ସାମଗ୍ରୀ ଦୋକାନ ଉପରେ ଚଢାଉ



ବାରିପଦା,୦୨/୦୧(ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ସ୍ୱାସ୍ଥ ବିଭାଗ ତତ୍ତ୍ୱାବଧାନରେ ଜିଲ୍ଲା ଟବାକୁ ଏନ୍‌ଫୋରସ୍‌ମେଣ୍ଟ ସ୍କୋଆଡ୍ ପକ୍ଷରୁ ଗତ ଗୁରୁବାର ଦିନ ତକତପୁର ଅଂଚଳରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ୧୦୦ ମିଟର ପରିସିମା ମଧରେ ଥିବା ତମାଖୁ ସାମଗ୍ରୀ ଦୋକାନ ଗୁଡିକ ଉପରେ ଗତ ଗୁରୁବାର ଦିନ ଚଢାଉ କରାଯାଇ ୧୮ଜଣ ଦୋକାନିମାନଙ୍କଠାରୁ ମୋଟ୍ ଟ.୩,୬୦୦/-ଙ୍କା ଜରିମନା ଆଦାୟ କରାଯାଇଛି । ଏହି ଚଢାଉରେ ଜିଲ୍ଲା ଏନ୍‌ଫୋରସ୍‌ମେଣ୍ଟ ସ୍କୋଆଡ୍‌ର ଡ୍ରଗ୍ସ ଇନ୍‌ସପେକ୍ଟର ବାରିପଦା ଶ୍ରୀ ରୁଦ୍ରନାରୟଣ ସାହୁ, ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରିଣୀ ସଂଯୁକ୍ତା ହେମ୍ବ୍ରମ୍, ବାରିପଦା ଟାଉନ ଥାନା ସବ୍-ଇନସପେକ୍ଟର ମାନସ ମଲ୍ଲିକ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ (ଏନସିଡି)ବାରିପଦା ସହକାରୀ ପରିଚାଳକ ଓ ଜିଲ୍ଲା ଅବକାରୀ ବିଭାଗ ସବ୍-ଇନସପେକ୍ଟରଙ୍କ ମିଳିତ ସହଯୋଗରେ ବାରିପଦା ସହରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟ ତକତପୁର ପରିସର ର ୧୦୦ ମିଟର ଦୂରତା ପରିସିମା ମଧରେ ଥିବା ସମସ୍ତ ପାନ / ତମାଖୁ ଓ ତେଜରାତି ଦୋକାନ ଉପରେ ବ୍ୟାପକ ଚଢାଉ କରାଯାଇଥିଲା। ଚଢାଉ ସମୟରେ ଦୋକାନ ମାନଙ୍କରେ ସିଗାରେଟ୍ ଏବଂ ଅନ୍ୟାନ୍ୟ ତମାଖୁ ଜାତୀୟ ଦ୍ରବ୍ୟ ବିକ୍ରୟ କରାଯାଉଥିବା ସଂପୃକ୍ତ ଦୋକାନୀ ମାନଙ୍କ ଠାରୁ କଟପା (ସିଗାରେଟ୍ ଏବଂ ଅନ୍ୟାନ୍ୟ ତମାଖୁ ଜାତୀୟ ସାମଗ୍ରୀ) ବିକ୍ରୟ ନିଷେଧ ଆଇନ ୨୦୦୩ ନିୟମ ଅନୁଯାଇ ମୋଟ୍ ଟ.୩,୬୦୦/-ଙ୍କା (ତିନି ହଜାର ଛଅଶହ ) ଟଙ୍କା ଜରିମାନା ଅଦାୟ କରାଯାଇଥିଲା ଏବଂ ଦୋକାନୀ ମାନଙ୍କୁ ବିଦ୍ୟାଳୟ / ମହା ବିଦ୍ୟାଳୟ / ବିଶ୍ୱ ବିଦ୍ୟାଳୟ ପରିସରର ୧୦୦ ମିଟର ଦୂରରେ କୌଣସି ତମାଖୁ ଜାତ ଦ୍ରବ୍ୟ ବିକ୍ରୟ ନକରିବା ପାଇଁ ସତର୍କ କରାଯାଇଥିଲା। ଯଦି ଭବିଷତ୍ୟରେ ଏହା ଉଲଘ୍ନ କରାଯାଉଥିବାର ଦୃଷ୍ଟିକୁ ଆସିଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ଚେତାବନୀ ଦିଆଯାଇଥିଲା। ଆଗାମୀ ଦିନରେ ନିୟମିତ ଚଢାଉ ଜାରି ରହିବ ।

## ସୁପ୍ରିତମ୍ କଳାକେନ୍ଦ୍ରର ଯୁବଗୋଷ୍ଠୀଙ୍କ ଦ୍ୱାରା ପରିବେଶ ସଚେନତା କାର୍ଯ୍ୟକ୍ରମ

ଜଳେଶ୍ୱର, ୦୨/୧(ନିପ୍ର): ଜଳେଶ୍ୱର ବ୍ଲକର ସୁବର୍ଣ୍ଣରେଖା ନଦୀତୀର ଦକ୍ଷିଣ ପ୍ରହରାଜପୁର ଠାରେ ରହିଛି ବଣଭୋଜି ସ୍ଥାନ । ଓଡିଶା ଓ ପଶ୍ଚିମବଂଗର ବହୁ ଦଳ ସେଠାକୁ ବଡଦିନ, ଇଂରାଜୀ ନବବର୍ଷ, ମକର ସଂକ୍ରାନ୍ତି ଓ ଓଡିଆ ନବବର୍ଷ ପାଳନ ଲାଗି ଭିଡ ଜମେ । ବହୁ ଗୋଷ୍ଠୀ ବିଭିନ୍ନ ସ୍ଥାନରୁ ଆସି ବଣଭୋଜି ସାରି ଫେରିଗଲାପରେ ସ୍ଥାନଟି ପରିବେଶ ପ୍ରଦୋଷିତ ହୋଇଥାଏ । ବିଭିନ୍ନ ସ୍ଥାନରେ ପ୍ଲାଷ୍ଟିକ ସାମଗ୍ରୀ, କାଚ ବୋତଲ, ଷଢା ଖାଦ୍ୟ ପଡିରହିବା ଫଳରେ ଗାଈଗୋରୁ ଖାଇବା ବିଭିନ୍ନ ରୋଗରେ ଆକ୍ରାନ୍ତ ସହିତ ପରିବେଶ ପ୍ରଦୋଷଣ ହୋଇଥାଏ । ଚଳିତବର୍ଷ ମଧ୍ୟ ଏପରି ପରିବେଶ ପ୍ରଦୋଷଣରୁ ମୁକ୍ତ ରଖିବାଲାଗି ସଂଗଠନର ଯୁବଗୋଷ୍ଠ ପକ୍ଷରୁ ପ୍ରତ୍ୟେକ ବଣଭୋଜି କରୁଥିବା ଦଳ ନିକଟକୁ ଯାଇ ସଚେତନ କରାଇବା ସହିତ ଏ ସବୁକୁ ନେଇ ନିର୍ଦ୍ଧିଷ୍ଟ ସ୍ଥାନରେ ପୋତିଥିଲେ । ଏହି କାର୍ଯ୍ୟକ୍ରମରେ ପରିଷଦର ସଭାପତି ସମୀର ବେହେରା, ମହେଶ୍ୱର ଘୋଷ, ଜୟନ୍ତ ଦେ, ପ୍ରମୋଧ ବାରିକ, ନିତ୍ୟାନନ୍ଦ ବାରିକ, ନିମାଇଁ ବାରିକ, ଶିଶିର ପ୍ରଧାନ, ଗୋପ ସାମଲ, ନିରଞ୍ଜନ ମାନ୍ନା, ବନ୍ଦନ ବେହେରା, ଆତ୍ମାରାମ ଦାସ, ଲକ୍ଷ୍ମୀକାନ୍ତ ରାଉତ, ତପନ ପ୍ରମାଣିକ, ସୁବାସ ପାତ୍ର, ସୂର୍ଯ୍ୟକାନ୍ତ ସାମଲ ପ୍ରମୁଖ ସାମିଲ ଥିଲେ ।

# ଖଇରାରେ ଗଡିଲା ଅଣସଂକ୍ରାମକ ରୋଗ ସଚେତନତା ରଥ



ଖଇରା, ୦୨/୦୧ (ନି.ପ୍ର): ଖଇରା ବ୍ଲକର ୩୭ ପଞ୍ଚାୟତର ଅଧିବାସୀଙ୍କୁ ଅଣସଂକ୍ରାମକ ରୋଗ ସମ୍ପର୍କରେ ସଚେତନ କରିବା ଲାଗି ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଗୁରୁବାର ପୂର୍ବାହ୍ନରେ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଖଇରା ବିଡିଓ ପର୍ଶୁରାମ ପଣ୍ଡା ଓ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା ପ୍ରଭାକର ମିଶ୍ର ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ବ୍ଲକ ପ୍ରୋଗ୍ରାମ ପରିଚାଳକ ସୂର୍ଯ୍ୟକାନ୍ତ ବାରିକ, ସ୍ୱାସ୍ଥ୍ୟ ପରିଦର୍ଶକ ମୁକ୍ତିକାନ୍ତ ପଣ୍ଡା, ଅନ୍ୟତମ ଅଧିକାରିଣୀ ସଂଯୁକ୍ତା ପଣ୍ଡାଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଆଶା କର୍ମୀ ଉପସ୍ଥିତ ଥିଲେ । ଖୁବଶୀଘ୍ର ଖଇରାରେ ଅଲଟ୍ରାସାଉଣ୍ଡ ଓ ଡିଜିଟାଲ ଏକ୍ସରେ ମ୍ୟାସିନ କାର୍ଯ୍ୟକ୍ଷମ ହେବା ନେଇ ଡା ମିଶ୍ର ସୁଚନା ଦେଇଥିଲେ ।

# ଜିକେ ଭଟ୍ଟର ହସ୍‌ପିଟାଲରେ ବନ୍ଦ ହେଲା ହେଲ୍ପ ଡେସ୍କ

ଜଳେଶ୍ୱର, ୦୨/୧(ନିପ୍ର): ଦୀର୍ଘ ୧୪ବର୍ଷ ଧରି ଜଳେଶ୍ୱରସ୍ଥିତ ଜିକେଭଟ୍ଟର ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟକରି ଆସୁଥିବା ହେଲ୍ପ ଡେସ୍କ ନୂଆବର୍ଷ ଅବସରରେ ବନ୍ଦ ହୋଇ ଯାଇଛି । ୨୦୦୭ ମସିହାରେ ସର୍ଭିସ୍ ପ୍ରଭାଇଡର ନାମକ ଏକ ସଂସ୍ଥା ୪ଜଣ କର୍ମଚାରୀଙ୍କୁ ନିଯୁକ୍ତି ଦେଇ ହେଲ୍ପଡେସ୍କ କାର୍ଯ୍ୟ ଆରମ୍ଭ କରିଥିଲା । ଏହି ଗୋଷ୍ଠିସ୍ୱାସ୍ଥ୍ୟକେନ୍ଦ୍ର ଉତ୍ତର ବାଲେଶ୍ୱରର ରେଫେରାଲ ୟୁନିଟ୍ ହୋଇଥିବାରୁ ଓଡିଶା ଓ ପଶ୍ଚିମବଂଗର ବିଭିନ୍ନ ଗ୍ରାମାଂଚଳ ଡାକ୍ତରଖାନାରୁ ଏଠାକୁ ଚିକିତ୍ସାଲାଗି ଆସୁଥାନ୍ତି । ୨୪ ଘଣ୍ଟିଆ ଫୋନ୍ ବ୍ୟବସ୍ଥା, ରୋଗୀଙ୍କ ସମ୍ପର୍କୀୟଙ୍କୁ ସୂଚନା ଦେବା, ଚିକିତ୍ସାଳୟରେ ରୋଗୀଙ୍କୁ ସହାୟତା କରିବା, ଏପରିକି ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ସହଯୋଗ ଯୋଗାଇବା ଏବଂ ଜରୁରୀ ଘଟଣାରେ ହସ୍ତକ୍ଷେପ କରିବା ଇତ୍ୟାଦି ଏହି କର୍ମଚାରୀମାନେ କରିଆସୁଥିଲେ । ପରେ ଏନ୍‌ଆର୍‌ଏଚ୍‌ଏମ୍ ପକ୍ଷରୁ ଏହି କମୟଚାରୀମାନଙ୍କୁ ସ୍ୱଳ୍ପ ପାରିଶ୍ରମିକ ଦେଇ କାର୍ଯ୍ୟରେ ନିୟୋଜିତ କରାଯାଇ ଆସୁଥିଲା । କର୍ମଚାରୀମାନଙ୍କ ମଧ୍ୟରେ ଜଣେ ଦିବ୍ୟାଙ୍ଗ ମହିଳା ଧ ଅନ୍ୟଜଣେ ବିଧବା କାର୍ଯ୍ୟ କରିଆସୁଥିଲେ । ୨ ଦିନ ଧରି ସେମାନଙ୍କ ଅନୁପସ୍ଥିତି ଚିକିତ୍ସାଲାଗି ଆସୁଥିବା ରୋଗୀମାନେ ହୃଦ୍‌ବୋଧ କଲେଣି । ଅନ୍ୟପକ୍ଷରେ ସ୍ୱଳ୍ପ ପାରିଶ୍ରମିକ ହେଲେ ମଧ୍ୟ ୪ଜଣ କର୍ମଚାରୀ ଏଥିରେ ପରିବାର ପ୍ରତିପୋଷଣ କରିଆସୁଥିଲେ । ଜଳେଶ୍ୱର ବ୍ୟତିତି ବସ୍ତା, ସୋରରେ ମଧ୍ୟ ଏପରି କର୍ମଚାରୀମାନେ କାର୍ଯ୍ୟ; କରିଆସୁଥିଲେ। ଏ ସମସ୍ତ ସ୍ଥାନରେ ହେଲ୍ପ ଡେକ୍ସ ବନ୍ଦ ହୋଇଥିବାରୁ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି । ରୋଗୀଙ୍କୁ ସହାୟତା କରିବାଲାଗି ହେଲ୍ପଡେକ୍ସ ପୁନଃ କାର୍ଯ୍ୟକ୍ଷମ ଲାଗି ସାଧାରଣରେ ଦାବି ହେଉଛି ।

# ଖଇରା ସାହିତ୍ୟ ସଂସଦର କବିତା ଆସର

ଖଇରା, ୦୨/୦୧ (ନି.ପ୍ର):ନୂତନ ବର୍ଷ ପାଳନ ଅବସରରେ ଖଇରା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଏକ ସାହିତ୍ୟ ଆଲୋଚନା ଓ କବିତା ପାଠୋତ୍ସବ ସ୍ଥାନୀୟ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ସ୍ଥାୟି ସଭାପତି ମାୟାଧର ନାୟକ ଏଥିରେ ପୌରହିତ୍ୟ କରିଥିଲେ । ସମ୍ପାଦକ ଉମେଶ ଚନ୍ଦ୍ର ନାୟକ ବିବରଣି ପାଠ ଅବସରରେ ସମସ୍ତଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ । କୋଭିଡର ତୃତୀୟ ଲହର ପ୍ରତି ସାବଧାନତା ଅବଲମ୍ବନ ଉପରେ ସାହିତ୍ୟ ଲେଖା ମାଧ୍ୟମରେ ସଚେତନତା ପାଇଁ ବକ୍ତା ମାନେ ଗୁରୁତ୍ୱ ଆରୋପ କରିଥିଲେ । ଅର୍ଜୁନ ଚରଣ ଶିଅଳ,ଚିତ୍ତରଞ୍ଜନ ଦାସ,ସଙ୍କର୍ଷନ ପଣ୍ଡା,ବୁଦ୍ଧିରାମ ପାଣିଗ୍ରାହୀ, କୈଳାସ ଚନ୍ଦ୍ର ପୃଷ୍ଟି,ଗଗନ ବିହାରି ପଣ୍ଡା, ଶରତ କୁମାର ବିଶ୍ୱାଳ, ଉମେଶ ଚନ୍ଦ୍ର ମହାନ୍ତି,ମଧୁସୂଦନ ରାଉଳ, ଦେବେନ୍ଦ୍ର କୁମାର ରାଉତ,ନିରଞ୍ଜନ ଦାସ,ଉଗ୍ରସେନ ମାଝୀ,ଚିନ୍ତାମଣି ସାହାଣି ଙ୍କ ସମେତ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ରଘୁନାଥ ପତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜ୍ୟରେ କରୋନାରୁ ସୁସ୍ଥ ହେଲେ ଆଉ ୧୪୭ ସଂକ୍ରମିତ

ଭୁବନେଶ୍ୱର, ୦୨/୦୧ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ଆଉ ୧୪୭ ଜଣ କରୋନା ସଂକ୍ରମିତ ସୁସ୍ଥ ହୋଇଛନ୍ତି ।। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୪୫ ହଜାର ୧୦୯ରେ ପହଂଚିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟ୍ୱିଟ କରି ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୮୬ଜଣ ସଂକ୍ରମିତ ସୁସ୍ଥ ହୋଇଛନ୍ତି । ସେହିପରି ସୁନ୍ଦରଗଡ଼ ଜିଲ୍ଲାରୁ ୧୫ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। କଟକରୁ ୧୧, କେନ୍ଦ୍ରାପଡ଼ାରୁ ୧୦, ସମ୍ବଲପୁରରୁ ୮, ଜଗତସିଂହପୁରରୁ ୬, ଝାରସୁଗୁଡ଼ା, ପୁରୀରୁ ୫-୫, ଯାଜପୁରରୁ ୪, ଦେବଗଡ଼, ରାୟଗଡ଼ା, ଗଂଜାମ, ମୟୂରଭଂଜରୁ ୨ ଜଣ ଲେଖାଏଁ, ନୟାଗଡ଼ରୁ ଜଣେ ଓ ରାଜ୍ୟପୁଲରୁ ୧୧ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି।

# ଏବିସି ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଯାପିତ : ଛୋଟଖାନପୁର ଚମ୍ପିଆନ୍



ବାଲିଆପାଳ, ୦୨/୦୧ (ନି.ପ୍ର): ବାଲିଆପାଳ ବ୍ଲକ ନିଖିରା ପଞ୍ଚାୟତ ଅଧିନସ୍ଥ ମଝିପଡା ତ୍ରିଶକ୍ତି ଖେଳ ପଡିଆରେ ପାଳପଡା ଫ୍ରେଣ୍ଡସ୍ କ୍ଲବ ଆନୁକୂଲ୍ୟରେ ସାତ ଦିନ ଧରି ଚାଲିଥିବା ଏବିସି ମେମୋରିଆଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ଆଜି ଉଦଯାପିତ ହୋଇଯାଇଛି । ଟୁର୍ଣ୍ଣାମେଣ୍ଟରେ ଛୋଟଖାନପୁର, ନରଣପୁର, ପାଳପଡା, ବନ୍ଥୁଳି, କୁମ୍ଭାରୀ, କାଉମାରୀ, ବିଷ୍ଣୁପୁର ଓ ତାପଣ୍ଡିଆ ପ୍ରଭୃତି ୮ଟି ଦଳ ଅଂଶଗ୍ରହଣ କରିଥିଲେ ।ଆଜି ଫାଇନାଲ ମ୍ୟାଚ୍ ଛୋଟଖାନପୁର ଦଳ ସହିତ କାଉମାରୀ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟସ୍ ରେ ଜିତି ପ୍ରଥମେ ବ୍ୟାଟିଂ କରି କାଉମାରୀ ଦଳ ନିର୍ଦ୍ଧାରିତ ୨୦ ଓଭର ମଧ୍ୟରେ ୯ୱିକେଟ୍ ହରାଇ ୧୨୮ ରନ୍ ସଂଗ୍ରହ କରିଥିଲା । ଜବାବରେ ଛୋଟଖାନପୁର ଦଳ ଆବଶ୍ୟକ ରନ୍ ସଂଗ୍ରହ କରି ଚମ୍ପିଆନ୍ ଆଖ୍ୟା ଅର୍ଜନ କରିଥିଲା । ଆଜିର ଖେଳକୁ ଦିନେଶ କୁମାର ଗିରି, ଜ୍ଞାନରଂଜନ ଦାସ ପରିଚାଳନା କରିଥିଲେ । ସ୍କୋରର ଦାୟିତ୍ୱରେ ଜଗନ୍ନାଥ ଦାସ, ଅଭୟ ମହାପାତ୍ର ଥିଲେ । ଧାରାବିବରଣୀ ଶିକ୍ଷକ ପ୍ରଦୀପ ବାରିକ, ପୂର୍ଣ୍ଣ ସାହୁ, ପ୍ରଦାନ କରିଥିଲେ । ଫ୍ରେଣ୍ଡସ୍ କ୍ଲବର ସାମ୍ବାଦିକ ଗୋପନାରାୟଣ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ମଝିପଡା ଚାରିମୌଜାର ମାଲିକ ମନୋରଂଜନ ପାତ୍ର,ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ କୁବେର କର , ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ଅଦୈତ୍ୟ ଦାସ ଅଧିକାରୀ, ପାଳପଡା ଚନ୍ଦନ କମିଟି ସଭାପତି ଚନ୍ଦ୍ରକାନ୍ତ ଦାସ, ସମ୍ପାଦକ ଭଗବାନ ଦାସ ଅଧିକାରୀ, ଉତ୍ତମ ଦାସ, ଦେବେନ୍ଦ୍ର ଦାସ,ଗୌରାଙ୍ଗ ଦାସ, ପ୍ରମୁଖ ଯୋଗଦେଇ ଚମ୍ପିଆନ୍ ଛୋଟଖାନପୁର ଦଳକୁ ନଗଦ ୧୪ ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସ ଅପ୍ କାଉମାରୀ ଦଳକୁ ୧୧ହଜାର ଟଙ୍କା ଓ ଖୁସି ସ୍ପୋର୍ଟ୍ସ ଜୋନ୍ ବାଲିଆପାଳ ପକ୍ଷରୁ ଟ୍ରଫି ପ୍ରଦାନ କରାଯାଇଥିଲା । ମ୍ୟାନ୍ ଅଫ୍ ଦି ମ୍ୟାଚ୍ କାଉମାରୀ ଦଳର ଇନ୍ଦ୍ରଜିତ୍ ଏବଂ ମ୍ୟାନ ଅଫ୍ ଦି ସିରିଜ୍ ଛୋଟଖାନପୁର ଦଳର କାହ୍ନୁ ବିବେଚିତ ହୋଇ ଷ୍ଟେଟ୍ ବ୍ୟାଙ୍କ ଇଣ୍ଡିଆ ଘଣ୍ଟୁଆ ଶାଖା ତରଫରୁ ଟ୍ରଫି ପ୍ରଦାନ କରାଯାଇଥିଲା । ଫ୍ରେଣ୍ଡସ୍ କ୍ଲବ ପାଳପଡାର ସୁରଜ କୁମାର ଦାସ, ସୁବ୍ରତ ଦାସ, ଗୌତମ ଦାସ, ଚିରଞ୍ଜିବି ଦାସ ଅଧିକାରୀ, ଜଗନ୍ନାଥ ଦାସ, ବିକାଶ ଦାସ, ନିର୍ମାଲ୍ୟ ଦାସ, ତାପସ ଦାସ ଅଧିକାରୀ, ମାନସ ଦାସ, ପ୍ରିତିସ୍ ଦାସ, ପୂର୍ଣ୍ଣଚନ୍ଦ୍ର ଦାସ ଅଧିକାରୀ, ଅଭୟ ମହାପାତ୍ର, ଶିବସୁନ୍ଦର ଦାସ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❐ Managing & Executive Editor : Srustidhar Parida
❐ Editor: Sairindhree Sahoo